


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ରବିବାର ୧୬ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 JULY 2023

Vol.No. 35 ■ No. 187 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ

ମୁନିଗୁଡା , ୧୫/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରୁ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢାଉ । ରେଳବାଇ ପୋଲିସ ସହାୟତାରେ ୬୬ କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏହାସହ ଜଣେ ନାବାଳକ ସହ ୩ ଜଣ ଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇଛି ମୁନିଗୁଡା ପୋଲିସ । ସୂଚନାଯୋଗ୍ୟ ଯେ, ୭ଟି ବ୍ୟାଗରେ ଗଞ୍ଜେଇ ନେଇ ଟ୍ରେନରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ନେବାକୁ ଉଦ୍ୟମ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଏସଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଚଢାଉ କରିଥିଲା । ମୁନିଗୁଡା ରେଳବାଇ ଅଟୋ ଷ୍ଟାଣ୍ଡ ନିକଟରୁ ୭ଟି ବ୍ୟାଗରୁ ୬୬ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛନ୍ତି ।

### ମୋଦୀ ସାଙ୍ଗିଆ ମାମଲା

# ସୁରଟ କୋର୍ଟ ରାୟକୁ ରାହୁଲ ଗାନ୍ଧୀଙ୍କ ଚ୍ୟାଲେଞ୍ଜ



ନୂଆଦିଲ୍ଲୀ,୧୫/୦୭ : ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ମୋଦୀ ସାଙ୍ଗିଆ ମାମଲାରେ ସୁରଟ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି ରାହୁଲ। ପୂର୍ବରୁ ଆବେଦନକୁ ଖାରଜ କରି ସାରିଛନ୍ତି ଗୁଜରାଟ ହାଇକୋର୍ଟ । ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ମୋଦୀ ସାଙ୍ଗିଆ ମାମଲାକୁ ନେଇ ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି ରାହୁଲ। ଉକ୍ତ ମାମଲାରେ ସୁରଟ କୋର୍ଟ ଶୁଣାଇଥିବା ରାୟକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ମଧ ଏହି ମାମଲାକୁ ନେଇ ଗୁଜରାଟ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ ରାହୁଲ। ହେଲେ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ ଗୁଜରାଟ ଉଚ୍ଚ ନ୍ୟାୟାଳୟ। ୨୦୧୯ କର୍ଣ୍ଣାଟକ ନିର୍ବାଚନ ପ୍ରଚାର ସମୟରେ 'ମୋଦୀ' ସାଙ୍ଗିଆକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ ରାହୁଲ। ଏନେଇ ବିଜେପି ଗୁଜରାଟ ବିଧାୟକ ପୂର୍ଣ୍ଣେଶ ମୋଦୀ ତାଙ୍କ ବିରୋଧରେ ମାନହାନି ମକଦ୍ଦମା ଦାୟର କରିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ସୁରଟ କୋର୍ଟ ଏହି ମାମଲାର ଶୁଣାଣି କରି ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରିଥିଲେ। ଫଳରେ ଏହାକୁ ଚ୍ୟାଲେଞ୍ଜ କରି ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ରାହୁଲ। ସୁରଟ କୋର୍ଟଙ୍କ ରାୟ ଓ ଦଣ୍ଡବିଧାନ ଉପରେ ରୋକ ଲଗାଇବାକୁ ଆବେଦନରେ ଉଲ୍ଲେଖ କରିଥିଲେ ରାହୁଲ। ହେଲେ ଏହାକୁ ଖାରଜ କରି ଦେଇଥିଲେ ଗୁଜରାଟ ସର୍ବୋଚ୍ଚ ନ୍ୟାୟାଳୟ। ବର୍ତ୍ତମାନ ପୁଣି ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ତେବେ ରାହୁଲଙ୍କୁ ସୁପ୍ରିମକୋର୍ଟରୁ ଆସ୍ୱସ୍ତି ମିଳୁଛି କି ନାହିଁ ତା ଉପରେ ସମସ୍ତଙ୍କ ନଜର।

## ବଜ୍ରପାତରେ ଭାଙ୍ଗିଲା ରାମେଶ୍ୱର ମନ୍ଦିର ଦଧିନଉତି



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ସକାଳ ବେଳା। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଖଚାଖଚ୍ ଭିଡ଼ ଥିଲା। ପୂଜକ ପୂଜାରେ ବ୍ୟସ୍ତ ଥିଲେ। ହଠାତ୍ ହେଲା ବଜ୍ରପାତ। ଆଉ ରାମେଶ୍ୱରଙ୍କ ଦଧିନଉତି ଉପରେ ପଡ଼ିଲା। ଚୁରମାର ହୋଇଗଲା ରାମେଶ୍ୱର ମନ୍ଦିର ଦଧିନଉତି। ଆଜି ସକାଳେ ଏପରି ଭୟଙ୍କର ବଜ୍ରପାତ ରାଜଧାନୀ ଭୁବନେଶ୍ୱରେ ଘଟିଛି। ସୌଭାଗ୍ୟକୁ ଏଥିରେ କେହି ମୃତାହତ ହୋଇନାହାନ୍ତି। ଶ୍ରଦ୍ଧାଳୁ କହିଛନ୍ତି, ପ୍ରଭୁ ରାମେଶ୍ୱରଙ୍କ ଆଶୀର୍ବାଦରୁ ବଞ୍ଚିଗଲୁ।

▶▶ପୃଷ୍ଠା ୭

## ଜେଲ୍‌ରେ ବିଚାରଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାର ପରିସରରେ ଜଣେ ବିଚାରାଧୀନ କଏଦୀଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବେଲଗୁଣ୍ଠା ଥାନା ତନରଡା ଗ୍ରାମର ଚରଣ ବେହେରା (୪୦) । ସୂଚନା ଅନୁଯାୟୀ, ଚରଣଙ୍କୁ ବେଲଗୁଣ୍ଠା ପୁଲିସ ଚାରି ଦିନ ତଳେ ଚୋରି ସଂକ୍ରାନ୍ତୀୟ ଏକ ମାମଲାରେ ଗିରଫ କରି ଭଞ୍ଜନଗର ଜେଲକୁ ପଠାଇଥିଲା। ଆଜି ସକାଳେ ଚରଣଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖି ଚରଣଙ୍କୁ ଜେଲରେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ।

## ହିମାଚଳ ପ୍ରଦେଶରେ ମହଙ୍ଗା ହେଲା ଡିଜେଲ

ଶିମଲାନୂଆଦିଲ୍ଲୀ,୧୫/୦୭ : ହିମାଚଳ ପ୍ରଦେଶରେ ଡିଜେଲ ଦର ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ସୁଖବିନ୍ଦର ସିଂହ ସୁଖୁ ସରକାର ଡିଜେଲ ଉପରେ ମୁଲ୍ୟ ବୃଦ୍ଧିତ କର ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଡିଜେଲ ଉପରେ ଭାଟ୍ ସଂଶୋଧନ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏହା ପରେ ମଧ୍ୟରାତ୍ରିରୁ ଭାଟ୍ ବୃଦ୍ଧି ଲାଗୁ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ଡିଜେଲ ଉପରେ ସରକାର ଭ୍ୟାଟ୍ ୯.୯୬ ପ୍ରତିଶତରୁ ଲିଟର ପିଛା ୧୩.୯ କୁ ବୃଦ୍ଧି କରିଛନ୍ତି।

## ପ୍ରବଳ ବର୍ଷା: ଜିଲ୍ଲାପାଳମାନଙ୍କୁ ଆଲର୍ଟ, ହେଡକ୍ୱାର୍ଟର ଛାଡ଼ିବେନି କର୍ମଚାରୀ



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ସମସ୍ତ କ୍ଷେତ୍ରସ୍ତରୀୟ ଅଫିସର ଓ କର୍ମଚାରୀଙ୍କୁ ହେଡକ୍ୱାର୍ଟର ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରବଳ ବର୍ଷା ଯୋଗୁ ବନ୍ୟା ଓ ଜଳବନ୍ଦୀ ସମସ୍ୟା ଏବଂ ଯେକୌଣି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଆଜି ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ଆନ୍ଧ୍ରପ୍ରଦେଶର ଉତ୍ତର ପୂର୍ବ ଉପକୂଳ ଓ ପଡ଼ୋଶୀରେ ସମୁଦ୍ର ପତନଠୁ ୫.୮ରୁ ୭.୬କିମି ମଧ୍ୟରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି, ସେହିପରି ଏକ ଘୂର୍ଣ୍ଣିବଳୟ ଜୁଲାଇ ୧୬ତାରିଖରେ ବଙ୍ଗୋପସାଗରର ଉତ୍ତର-ପଶ୍ଚିମରେ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୫ରୁ ୧୯ତାରିଖ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ସେଥିଯୋଗୁ ଅଚାନକ ବନ୍ୟା ଭଳି ପରିସ୍ଥିତି, ତଳଅଂଚଳରେ ଜଳବନ୍ଦୀ ସମସ୍ୟା ଉପୁଜିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ସେ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏସଆରସି ଶ୍ରୀ ସାହୁ କହିଛନ୍ତି ଯେ, କ୍ଷେତ୍ର ସ୍ତରର(ଫିଲଡ୍ ଲେଭଲ) କର୍ମଚାରୀମାନଙ୍କୁ ବନ୍ୟା ଓ ଜଳବନ୍ଦୀ ହେବାକୁ ଥିବା ଅଂଚଳଗୁଡ଼ିକରେ ମୁତୟନ କରିବା ସହ ସମସ୍ତ ପ୍ରକାରର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି । ସେମାନେ ହେଡକ୍ୱାର୍ଟର ଛାଡ଼ି ଯିବେ ନାହିଁ। ସହରାଂଚଳରେ ତଳିଆ ଅଂଚଳରେ ଜଳବନ୍ଦୀ ସମସ୍ୟା ଉପୁଜି ରାସ୍ତା ଓ ଡ୍ରେନ ଜଳମଗ୍ନ ହୋଇପାରେ।

▶▶ପୃଷ୍ଠା ୭

## ମହମ୍ମଦ ମୋକିମ୍ ଓ ଚିରଂଜୀବ ବିଶ୍ୱାଳ କଂଗ୍ରେସରୁ ନିଲମ୍ବିତ



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ବିଧାୟକ ମହମ୍ମଦ ମୋକିମ୍ ଓ ପୂର୍ବତନ ବିଧାୟକ ଚିରଂଜୀବ ବିଶ୍ୱାଳ କଂଗ୍ରେସରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଉଭୟଙ୍କୁ ନିଲମ୍ବନ କରିଛି। ଏଆଇସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ସଦସ୍ୟ ସଚିବ ତାରିକ୍ ଅନୱାର ଏକ ପ୍ରେସ୍ ରିଲିଜ୍ ଜାରି କରି ଏହି ସୂଚନା ଦେଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଓ ପୂର୍ବତନ ବିଧାୟକ ଚିରଂଜୀବ ବିଶ୍ୱାଳଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ନେଇଛି। ଉଭୟ ମୋକିମ୍ ଓ ବିଶ୍ୱାଳଙ୍କୁ ଦଳରୁ ତୁରନ୍ତ ନିଲମ୍ବନ କରାଯାଇଛି। ପିସିସି ସଭାପତିଙ୍କ ଅଭିଯୋଗ କ୍ରମେ ଡିଏସି (ଡିସିପ୍ଲିନାରି ଆକ୍ସନ କମିଟି) ଉଭୟ ମୋକିମ୍ ଓ ବିଶ୍ୱାଳଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା। କିନ୍ତୁ ସେମାନଙ୍କର ଠାରୁ ଏଆଇସିସି ସନ୍ତୋଷଜନକ ଉତର ପାଇପାରି ନଥିଲା।

▶▶ପୃଷ୍ଠା ୭

## ଜାନକୀଙ୍କ ଶାସନକୁ ପ୍ରଶଂସା କଲେ ସୌମ୍ୟ



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ମନ୍ତ୍ରୀ ବଡ଼ କି ସଚିବ ବଡ଼, ତାକୁ ସମ୍ବିଧାନ ଖୋଲି ଦେଖିବା ଉଚିତ୍। ଗୋଟିଏ ଘରେ ଚାକିରିଆ ବୋହୂ ଥିଲେ, ଶାଶୁ ତା' ଗୋଡ଼ ଘସିବା ଯାହା, ଏବେ ଅଫିସରଙ୍କ ପାଖରେ ମନ୍ତ୍ରୀମାନଙ୍କ ଅବସ୍ଥା ଠିକ ସେୟା। ନବୀନ ପଟ୍ଟନାୟକଙ୍କ ଶାସନର ଅଂଶ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶାସନକୁ ପ୍ରଶଂସା କରିଛନ୍ତି। ଭାଷଣ ଛଳରେ ପୁଣି ଥରେ ଅଫିସର ରାଜକୁ ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି, ଜାନକୀଙ୍କ ଶାସନରେ ଅଫିସରଙ୍କୁ ଉଠବସ୍ କରାଉଥିଲେ ମନ୍ତ୍ରୀ। ହେଲେ ଏବେ ଚାକିରି ବଞ୍ଚାଇବା ପାଇଁ ସଚିବଙ୍କ ପାଖେ ଅଧିଆ ପଡୁଛନ୍ତି ମନ୍ତ୍ରୀ। ଭୁବନେଶ୍ୱରରେ ଗଙ୍ଗାଧର ମହାପାତ୍ରଙ୍କ ଜୟନ୍ତୀ ସଭାରେ ଯୋଗଦେଇଥିଲେ ସୌମ୍ୟରଞ୍ଜନ ପଟ୍ଟନାୟକ। ନିଜ ଭାଷଣ ଛଳରେ ସେ ସିଧା ବର୍ତ୍ତମାନ ସମୟରେ ଗଣତନ୍ତ୍ରର ସ୍ଥିତି ଓ ରାଜ୍ୟରେ ଚାଲିଥିବା ଶାସନ ବ୍ୟବସ୍ଥା କଥା ଉଲ୍ଲେଖ କରି ତେରଛା ବାଣ ମାରିଛନ୍ତି। ସେ କହିଛନ୍ତି, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ବାଘ-ଛେଳି ଗୋଟିଏ ଘାଟରେ ପାଣି ପିଉଥିଲେ। ଅଫିସରମାନଙ୍କୁ ଜଣେ ବିଧାୟକ କିମ୍ୱା ମନ୍ତ୍ରୀ ଉଠବସ୍ କରାଇ ପାରୁଥିଲେ। ଏମିତିକି ସେହି ଅଫିସର ବଦଳି ନହେଲା ଯାଏଁ ଆସନରୁ ଉଠିକି ଯିବି ନାହିଁ ବୋଲି କହୁଥିଲେ। ହେଲେ ଏବେ କିନ୍ତୁ ନିଜ ଚାକିରି ରହିବ କି ନରହିବ ଭାବି ମନ୍ତ୍ରୀଟିଏ ସଚିବଙ୍କ ପାଖେ ଅଧିଆ ପଡୁଛି। ସେ ଭାବୁଛି ଏଇଟା ଗୋଟେ ସବୁଠୁ ଭଲ ବ୍ୟବସ୍ଥା ବୋଲି ସୌମ୍ୟ କହିଛନ୍ତି।

▶▶ପୃଷ୍ଠା ୭

## ଅମରନାଥ ଯାତ୍ରାରେ ଅଦ୍ୟାବଧି ୨୪ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଶ୍ରୀନଗରନୂଆଦିଲ୍ଲୀ,୧୫/୦୭ : ଜୁଲାଇ ୧ ରୁ ଆରମ୍ଭ ହୋଇଥିବା ଅମରନାଥ ଯାତ୍ରା ସମୟରେ ଅଦ୍ୟାବଧି ବିଭିନ୍ନ କାରଣରୁ ୨୪ ଜଣଙ୍କ ମୃତ୍ୟୁ ଘଟିଛି । ଗତ ୩୬ ଘଂଟାରେ ୫ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରୁ ୪ ଜଣଙ୍କର ପହଲଗାମ ରାସ୍ତାରେ ଏବଂ ବାଲଟାଲ ରାସ୍ତାରେ ଜଣକର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଆଇଟିବିପିର ଜଣେ ଅଧିକାରୀ ମଧ ସାମିଲ୍ ଅଛନ୍ତି । ଯାତ୍ରା ଡ୍ୟୁଟି ସମୟରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ଶ୍ରଦ୍ଧାଳୁ ମାନେ ଉତର ପ୍ରଦେଶ, ମଧ ପ୍ରଦେଶ, ହରିୟାଣା ଏବଂ ଗୁଜୁରାଟ ନିବାସୀ ଅଟନ୍ତି । ସୂଚନା ଅନୁଯାୟୀ, ତନ୍ମଧ୍ୟରୁ ଅଧିକାଂଶ ଲୋକଙ୍କର ମୃତ୍ୟୁ ଅଧିକ ଉଚ୍ଚରେ ହୋଇଥିବାରୁ ଅମ୍ଳଜାନ କମ୍ ପାଇଁ ହୃଦଘାତରେ ସେମାନଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି ।

## ୧୦ ଫୁଟ୍ ତଳକୁ ଓଲଟିଲା ଯାତ୍ରୀବାହୀ ବସ୍: ଅଳ୍ପକେ ବର୍ତ୍ତିଲେ ୧୫ ଯାତ୍ରୀ



କରଞ୍ଜିଆ , ୧୫/୦୭ (ନି.ପ୍ର): ଭାରସାମ୍ୟ ହରାଇ ଓଲଟିଲା ଘରୋଇ ଯାତ୍ରୀବାହୀ ବସ୍ । ରାସ୍ତାରୁ ୧୦ ଫୁଟ୍ ତଳକୁ ଓଲଟି ପଡ଼ିଲା ଘରୋଇ ଯାତ୍ରୀବାହୀ ବସ୍ । ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ୧୫ ଜଣ ଯାତ୍ରୀ । ସୂଚନାଯୋଗ୍ୟ ଯେ, ଶନିବାର ଅପରାହ୍ନ ସମୟରେ ଉଦଳ-ଠାକୁରମୁଣ୍ଡା ରୋଡ ସୁଦର୍ଶନପୁର ପୋଲ ନିକଟରେ ବସ୍ ଦୁର୍ଘଟଣାଗ୍ରସ୍ତ । ଭାରସାମ୍ୟ ହରାଇ ରାସ୍ତାର ୧୦ ଫୁଟ ତଳକୁ ଓଲଟି ପଡ଼ିଲା 'କୃଷ୍ଣ' ନାମକ ଘରୋଇ ବସ୍ । ବସ୍‌ଟି ଜଳେଶ୍ୱରରୁ କେନ୍ଦୁଝର ଯାଉଥିବା ବେଳେ ଦୁର୍ଘଟଣା ଘଟିଛି । ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ଠାକୁରମୁଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ମହୁଲଡିହା ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବସ୍‌ର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି ।

## ବାଣିବିହାରରେ ୱାଗନରୁ ଅଲଗା ହେଲା ମାଲ୍‌ବାହୀ ଟ୍ରେନ୍: ୪୦୦ ମିଟର ପଳାଇଗଲା

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ବଗିରୁ ଅଲଗା ହେଲା ମାଲ୍‌ବାହୀ ଟ୍ରେନ୍। ଭୁବନେଶ୍ୱର ବାଣୀବିହାର ରେଳ ଷ୍ଟେସନ ନିକଟରେ ସନ୍ଧ୍ୟା ୬ଟା ବେଳେ ଘଟଣା ଏଭଳି ଦୁର୍ଘଟଣା ଘଟିଛି। ମାଲବାହୀ ଟ୍ରେନର ଅଧା ୱାଗନ ଅଲଗା ହୋଇ ୪୦୦ ମିଟର ପଳାଇଯାଇଥିଲା। ପଛରେ ଆଉ ୨୫ ଟି ୱାଗନ ଅଟକି ଯାଇଥିଲା। ଏମିତି ଏକ ଘଟଣା ଘଟିବା ପରେ ତୁରନ୍ତ ଟ୍ରେନ ଡ୍ରାଇଭର ଟ୍ରେନକୁ ଅଟକାଇଥିଲେ। ଟ୍ରେନ୍‌ଟି କାୟରରୁ ବାହାରି ତାଳଚେର ମେରମୁଣ୍ଡଳି ଯାଉଥିବା ସୂଚନା ମିଳିଛି। ନିକଟରେ ଜୁନ ୨ ତାରିଖରେ ବାଲେଶ୍ୱର ବାହାନଗା ଠାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣା ଏବେ ବି ମନରୁ ଲିଭି ନାହିଁ। ଦୁର୍ଘଟଣାରେ ସରକାରୀ ଭାବେ ୨୯୩ ଲୋକଙ୍କ ମୃତ୍ୟୁ ହୋଇଥିଲା। ଲୋକେ ମାସାଧିକାଳ ପରିବାରର ଶବ ନେବାକୁ ଭୁବନେଶ୍ୱର ଏମ୍ସରେ ଅଟକି ରହିଥିଲେ। ତେଣୁ ଟ୍ରେନ୍ ଦୁର୍ଘଟଣା ଘଟିବା ମାତ୍ରେ ଲୋକଙ୍କ ମନରେ ଛନକା ପଶୁଛି।

# ଖରାଦିନେ କାଠପୋଲ, ବର୍ଷାରେ ଦୋଲା ଭରସା: ଗ୍ରାମବାସୀଙ୍କ ନିଷ୍ପତ୍ତି, ବ୍ରିଜ୍ ନାହିଁ ତ ଭୋଟ ନାହିଁ



ରାୟଗଡ଼ା , ୧୫/୦୭ (ନି.ପ୍ର): ସାତ ଖଣ୍ଡ ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ବଡ଼ନଦୀ। ଖରା ଦିନେ ଏହି ଗ୍ରାମବାସୀଙ୍କ ଯାତାୟାତର ମାଧ୍ୟମ କାଠ ପୋଲ ପାଲଟିଥିବା ବେଳେ ବର୍ଷାରେ ଭରସା କାଦୁଅ ପଚ ପଚ ରାସ୍ତା। କାଶୀପୁର ବ୍ଲକ୍ ଡଙ୍ଗାସିଲ୍ ପଞ୍ଚାୟତର ବଣ୍ଡାଦୋରା, ବୁର୍କା, କକଡ଼ିସେମି, ଟିକରାପଦର, ତରାଖାସ, ଧାଙ୍ଗିଡ଼ିସିଲ୍, ବଡ଼ଫାସ ଗାଁ ରାସ୍ତାରେ ରହିଛି ବଡ଼ନଦୀ। ଏଥି ସହିତ ନାଗାବଳୀ, ଝଞ୍ଜାବତୀ ନଦୀର ଶାଖା ନଦୀ ବିଭିନ୍ନ ଗାଁ ଦେଇ ପ୍ରବାହିତ ହେଉଛି। ପଞ୍ଚାୟତ ସଦର ମହକୁମାରୁ ୮ରୁ ୧୫ କିଲୋମିଟର ଦୂରରେ ରହିଛି ଏହି ସମସ୍ତ ଗାଁ। ଗ୍ରାମବାସୀ ପଞ୍ଚାୟତକୁ ଯିବାକୁ ହେଲେ ବଡ଼ନଦୀ ପାର କରିବାକୁ ପଡ଼ୁଛି। ପକ୍କା ରାସ୍ତା ମଧ ଗାଁକୁ ନଥିବାରୁ ରୋଗୀ ଓ ପ୍ରସୂତିଙ୍କୁ ଡାକ୍ତରଖାନା ନେବା ପାଇଁ ଗ୍ରାମବାସୀଙ୍କୁ ନାକେଦମ ହେବାକୁ ପଡ଼ୁଛି। ନଦୀ ପାର ହୋଇ ୪ କିମି ଯିବା ପରେ ମୁଖ୍ୟ ରାସ୍ତାରେ ପହଞ୍ଚିବା ପରେ ସେଠାରୁ ଆମ୍ବୁଲାନ୍ସ ସେବା ମିଳୁଛି। ଖରା, ଶୀତ ୬ ମାସ କାଠ ପୋଲ ସାହାଯ୍ୟରେ ଗ୍ରାମବାସୀ ଏହି ଦୁର୍ଗମ ରାସ୍ତା ପାର ହୋଇଯାଆନ୍ତି। କିନ୍ତୁ ବର୍ଷାଦିନେ ରୋଗୀ ଓ ପ୍ରସୂତିଙ୍କୁ ଦୋଳା କରି ବୋହି ଆଣିବାକୁ ପଡ଼ୁଛି। ଏହି ଗ୍ରାମବାସୀ ବଡ଼ନଦୀରେ ବ୍ରିଜ ନିର୍ମାଣ ନେଇ ବାରମ୍ବାର ସରକାର ଏବଂ ପ୍ରଶାସନକୁ ଗୁହାରି କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଅଣଦେଖାର ଶିକାର ହୋଇଥିବା ଗ୍ରାମବାସୀ ଆଗାମୀ ନିର୍ବାଚନ ବର୍ଜନ କରିବାକୁ ୭ଖଣ୍ଡ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଲୋୟର ସୁକତେଲ ବିସ୍ଥାପିତଙ୍କୁ ଥଇଥାନ ପ୍ରସଙ୍ଗ: ଭୟର ବାତାବରଣରେ ବିସ୍ଥାପିତ ପରିବାର

ବଲାଙ୍ଗୀର, ୧୫/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ମାଗୁରବେଢାରେ ନିର୍ମାଣ ଚାଲିଥିବା ଲୋୟରସୁକତେଲ ଜଳସେଚନ ପ୍ରକଳ୍ପକାମ ସରିବା ଉପରେ। ଚଳିତବର୍ଷ ଡେମରେ ପାଣି ଅଟକା ଯାଇସାରିଲାଣି। ଗାଁଗୁଡିକୁ ପାଣିପଶିବ ବୋଲି ଡେମସାଇଟର ଗ୍ରାମଗୁଡିକର ବିସ୍ଥାପିତଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ବିସ୍ଥାପିତଙ୍କୁ ସମସ୍ତ ପ୍ରାପ୍ୟ ନଦେଇ ତାଙ୍କୁ ଗାଁଛାଡିବାକୁ ବାଧ କରି ତାଙ୍କର ଘରେ ଜେସିବି ଲଗାଇ ଘର ଭାଙ୍ଗି ଦିଆଯାଉଛି। ତେବେ ଲୋକମାନେ ପୂର୍ବରୁ ବିସ୍ଥାପନକୁ ବିରୋଧ କରିଆସୁଥିଲେ ହେଁ ପୋଲିସ ଓ ପ୍ରଶାସନର ବଳ ଆଗରେ ମୁଣ୍ଡ ନୁଆଁଇଲେ। ତାଙ୍କର ପ୍ରାପ୍ୟନେଇ ଅନ୍ୟତ୍ର ଯିବାକୁ ହଁ ଭରିଲେ। ହେଲେ ଏବେ ଡେମରେ ପାଣି ରଖିଲା ପରେ ପ୍ରଶାସନ ଗ୍ରାମବାସୀଙ୍କୁ ତଡିବା ଆରମ୍ଭ କରିଛି। ନୀୟମ କହୁଛି ବିସ୍ଥାପିତଙ୍କୁ ତାଙ୍କର ଉଚିତ ପ୍ରାପ୍ୟଦେଇ ତାଙ୍କୁ କଲୋନୀରେ ଥଇଥାନ କଲାପରେ ଘର ତଡିବା କଥା। ବିସ୍ଥାପିତ କଲୋନୀ ନିର୍ମାଣ କରାଇ ସେଠାରେ ଅସ୍ଥାୟୀ ଥଇଥାନଗୃହରେ ରଖାଇ ତାଙ୍କର ନିଜସ୍ୱଗୃହ ନିର୍ମାଣ କରାଇବାର ନୀୟମ ରହିଛି। ଯେଉଁ ବିସ୍ଥାପିତ କଲୋନୀରେ ଲୋକଙ୍କୁ ଯାଗା ଦିଆଯିବ ସେଠାରେ ପାନୀୟଜଳ, ବିଦ୍ୟୁତ, ଶିଶୁଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲଘର, ଏଏନଏମସେଂଟର, କମ୍ୟୁନିଟିସେଂଟର, ପୂଜାପାଇଁ ମନ୍ଦିର ଇତ୍ୟାଦି ନିର୍ମାଣ କରାଯିବାର ନିୟମ ରହିଛି। କିନ୍ତୁ ପ୍ରଶାସନ ଏବେ ଡେମରେ ପାଣି ରଖିଲାପରେ ଜଙ୍ଗଲତଳେ କେବଳ ମାଟିକୁ ହାଣି ସାମାନ୍ୟ ସମତୁଲକରି ସେଠାରେ ବିସ୍ଥାପିତଙ୍କୁ ଘରନିର୍ମାଣ କରି ରହିବାକୁ କୁହାଯାଉଛି। ପୂର୍ବରୁ ବଲାଙ୍ଗୀର ସଦାଇପାଲି, ଲର୍କିପାଲିରେ ବିସ୍ଥାପିତ କଲୋନୀ ନିର୍ମାଣ କରାଯାଇଥିବା ବେଳେ ଏବେ ଝାଙ୍କରପାଲି, ଗେଡାବାଞ୍ଜିଛକ,ହର୍ଡାଟାଲ,ଢୁଲୁସର,କୁସମେଲ ଇତ୍ୟାଦି ଅଂଚଳରେ ବିସ୍ଥାପିତ କଲୋନୀ କରାଯାଉଛି। ବଲାଙ୍ଗୀର-ପାଟଣାଗଡ ରାସ୍ତାକଡେ ଝାଙ୍କରପାଲି ମୌଜାର ଜଙ୍ଗଲତଳେ ଗଡଶଙ୍କର ଡୁଙ୍ଗୁରିପାଲିର ବିସ୍ଥାପିତ ପରିବାରଙ୍କୁ ଯାଗା ଦିଆଯାଉଛି। ପ୍ରତ୍ୟେକ ପରିବାରକୁ ୫ଡେସିମିଲ ହିସାବରେ ଜମି ଦିଆଯାଉଛି। ସେମାନେ ପାଇଥିବା ମୁଣ୍ଡପିଚ୍ଛା ସହାୟତା ଅର୍ଥରେ ଏଠାରେ ଗୃହନିର୍ମାଣ କରୁଛନ୍ତି। ଗଡଶଙ୍କର ଡୁଙ୍ଗୁରିପାଲିର ଅନେକ ପରିବାର ଆଜି ପର୍ଯ୍ୟନ୍ତ ଜମି ଓ ଗଛର ଟଙ୍କା ପାଇନାହାଁନ୍ତି । କିନ୍ତୁ ତଥାପି ସେମାନଙ୍କୁ ଘରୁ ଜବରଦସ୍ତ ତଡାଯାଇ ଏଠାରେ ଆଣି ରଖାଯାଇଛି ବୋଲି ଅଭିଯୋଗ ହେଉଛି। ତେବେ ଏଠାରେ ବିସ୍ଥାପିତଙ୍କ ପାଇଁ ପ୍ରଶାସନ ଅସ୍ଥାୟୀ ଟିଣଘର ନିର୍ମାଣ କରାଉଛି । ୧୨ଫୁଟ ଚଉଡା ଓ ୧୪ଫୁଟ ଲମ୍ବର ଏକ ଟିଣଘର କରାଯାଉଛି। ନିୟମ ରହିଛି ଏହି ଘରପାଇଁ ତଳେ ଦଇଫୁଟର ସବବେସ କରାଯାଇ କଂକ୍ରୀଟଦେଇ ଲୁହାଏଙ୍ଗଲ ଲଗାଯିବ ଓ ଚାରିପଟେ ଟିଣ ଲଗାଯିବ। ଉପରେ ମଧ ଟିଣଆଜବେଷ୍ଟସ ଲଗାଯିବ। କିନ୍ତୁ ଝାଙ୍କରପାଲି ବିସ୍ଥାପିତ କୋଲନୀରେ ଅତିନିମ୍ନମାନର ଘର ନିର୍ମାଣ କରାଯାଉଛି । ସବବେସ ଅତିନମ୍ନମାନର ହେଉଥିବା ସେଠାରେ ରହୁଥିବା ଲୋକ ଅଭିଯୋଗ କରୁଛନ୍ତି। ତଳେ ବାଲିନେଇ କେବଳ ମାଟି ଓ ମୋରମ ଦେଇ ସବବେସ କରାଯାଉଥିବା ବେଳେ ଟିଣଘରୁ ବର୍ଷାରେ ପାଣି ମଧ ଗଳୁଛି। ଏହି ବିସ୍ଥାପିତ କଲୋନୀ ମଧଦେଇ ଜଙ୍ଗଲରୁ ଆସିଥିବା ନାଳ ବହିଯାଇଛି। ଗତଦୁଇଦିନ ତଳେ ପ୍ରବଳ ବର୍ଷାରେ ପାଣିଯାଇ ନପାରି ଅନେକ ଅନେକ ଲୋକଙ୍କ ଅସ୍ଥାୟୀଘରକୁ ପାଣି ପଶିଯାଇଥିଲା।

## କୃତ୍ରିମ ହ୍ରଦ ପାଲଟିଛି ବ୍ରହ୍ମବରଦା ମୁଖ୍ୟ ରାସ୍ତା

ଧର୍ମଶାଳା, ୧୫/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳ ବେଶ୍ ପରିଚିତ। ଏହା ଏକ ବ୍ୟବସାୟ ପ୍ରତିଷ୍ଠାନ। ଦୈନନ୍ଦିନ ଶହଶହ ଲୋକେ ଏହି ବଜାର ଉପରେ ନିର୍ଭର କରନ୍ତି । ବରୁହାଁ-ବାଲିଚନ୍ଦ୍ରପୁର ଓ ବ୍ରହ୍ମବରଦା-ଜାରକାକୁ ସଂଯୋଗ କରୁଥିବା ଏହାର ମଧ୍ୟସ୍ଥଳ ହେଉଛି ବ୍ରହ୍ମବରଦା। ସାମାନ୍ୟ ବର୍ଷା ଜଳରେ ବ୍ରହ୍ମବରଦା ମୁଖ୍ୟ ରାସ୍ତା କୃତ୍ରିମ ହ୍ରଦ ପାଲଟିଛି । ଫଳରେ ଏହା ଉପରେ ନିର୍ଭର କରୁଥିବା ଶହ ଶହ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏତଦ୍ ବ୍ୟତୀତ ବ୍ରହ୍ମବରଦା ଅଂଚଳରେ ୩ଟି ଉଚ୍ଚ ବିଦ୍ୟାଳୟ, ୫ରୁ ଉର୍ଦ୍ଧ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ,୫ରୁ ଉର୍ଦ୍ଧ ଘରୋଇ ଶିକ୍ଷାନୁଷ୍ଠାନ, ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୩ଟି ବ୍ୟାଙ୍କ ସହ ଗୋଟିଏ ସାପ୍ତାହିକ ହାଟ ରହିଥିବା ବେଳେ ବ୍ୟାଙ୍କଛକ, ଚଣ୍ଡିଛକ, ତାରିଣୀଛକ, ଦୂର୍ଗା ମଣ୍ଡପଛକ ଓ ପୁରୁଣା ଫାଣ୍ଡିଛକରେ ଅନେକ ଛୋଟବଡ ବ୍ୟବସାୟ ପ୍ରତିଷ୍ଠାନମାନ ରହିଛି । ରାସ୍ତାରେ ପାଣି ଜମି ରହିବା ପରେ ଜନସାଧାରଣ ପ୍ରଭାବିତ ହେଉଥିବାବେଳେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଅନେକ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ମୁଖ୍ୟ ରାସ୍ତା ପରେ ଘର କରିଥିବାରୁ ଏଭଳି ସମସ୍ୟା ଲାଗି ରହିଛି । ଅନ୍ୟପକ୍ଷେ ଏହି ଅଂଚଳରେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନର ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ଲାଗି ରହିଛି । ତୁରନ୍ତ ଜିଲା ପ୍ରଶାସନ ଏହି ଅଂଚଳପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର ପାଇଁ ଅଂଚଳବାସୀ ଦାବି କରିଛନ୍ତି।

# ନୂଆ ନୂଆ ତରିକାରେ ଠକୁଛନ୍ତି ସାଇବର ଠକ: ଗରିବ, ମଧ୍ୟବିତ୍ତଙ୍କୁ ଟାର୍ଗେଟ୍



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ସାଇବର ଠକଙ୍କ ଟାର୍ଗେଟ୍‌ରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ। ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଘରେ ବସି କିଭଳି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିହେବ, ରାତାରାତି କୋଟିପତି ବନିବେ, ଏଭଳି ସୁନେଲି ସ୍ୱପ୍ନ ଦେଖାଇ ବିଭିନ୍ନ ସ୍କିମ୍‌ର ପ୍ରଲୋଭନରେ ସେମାନଙ୍କୁ ଠକ ଫସାଉଛନ୍ତି। ସିମ୍ ଓ ଆଧାର କାର୍ଡ ହାତେଇବା ପାଇଁ ଅଳ୍ପ କିଛି ଅର୍ଥ ଦେଇ ଭୁଆଁ ବୁଲାଉଛନ୍ତି। ଆଉ ସେହି ସିମ୍ ଓ ଆଧାରକାର୍ଡକୁ ବ୍ୟବହାର କରି ବିଭିନ୍ନ ପ୍ରକାର ସାଇବର ଠକେଇ ମାଧ୍ୟମରେ ଅପରାଧୀମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଖାଲି ଏତିକି ନୁହେଁ, ଗରିବ ଶ୍ରେଣୀର ଲୋକଙ୍କୁ ସରକାରୀ ଯୋଜନାର ଲାଭ ପାଇବା କଥା କହି ସେମାନଙ୍କ ନାମରେ ସେଭିଙ୍ଗ୍‌ସ ଓ କରେଣ୍ଟ୍ ଆକାଉଣ୍ଟ ଖୋଲୁଛନ୍ତି। ଆକାଉଣ୍ଟ ଖୋଲିବା ପାଇଁ ଲୋକଙ୍କୁ ହଜାରେ ଦୁଇ ହଜାର ଟଙ୍କା ଦେଇ ସମସ୍ତ ତଥ୍ୟ ନେଇଯାଉଛନ୍ତି। ଏମିତି କି ପାସ୍‌ୱାର୍ଡ ଏବଂ ଓଟିପି ହାତେଇ ନେଉଛନ୍ତି। ବ୍ୟାଙ୍କ ଆକାଉଣ୍ଟ ଓ ୟୁପିଆଇ ମାଧ୍ୟମରେ ମଧ ସାଇବର ଠକେଇଠାରୁ ଆରମ୍ଭ କରି କମ୍ ସମୟରେ ଅଧିକ ଅର୍ଥ ରୋଜଗାର ସ୍କିମ୍‌ରେ ପୁଞ୍ଜିନିବେଶକାରୀଙ୍କ ଠାରୁ ଲୁଟୁଛନ୍ତି। ଟେଲିଗ୍ରାମ୍ ହେଉ କି ହ୍ୱାଟସ୍ ଆପ୍। ୟୁଟ୍ୟୁବ୍ ହେଉ କି ବେଆଇନ୍ ଲୋନ୍ ଆପ୍। ବିଭିନ୍ନ ଅନ୍‌ଲାଇନ୍ ଆପ୍‌ରେ ବଲିଉଡ୍ ତାରକାଙ୍କଠାରୁ ଆରମ୍ଭ କରି ପ୍ରତିଷ୍ଠିତ ଶିଳ୍ପପତିଙ୍କ ଫଟୋକୁ ବ୍ୟବହାର କରି କୋଟିକୋଟି ଟଙ୍କା ଠକେଇ କରିଥିବା ଏକ ରାକେଟ୍‌କୁ କ୍ରାଇମ୍‌ବ୍ରାଞ୍ଚ୍‌ର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ)ଠାବ କରିଥିଲା। ଠକମାନେ ଅନ୍‌ଲାଇନ୍ ଆପ୍‌ରେ ଅମିତାଭ ବଚନ, ଅକ୍ଷୟ କୁମାର, ମୁକେଶ ଅମ୍ବାନି, ରତନ ଟାଟା, ସଚିନ୍ ତେନ୍ଦୁଲକର, ଟେକ୍ନିକାଲ୍ ଗୁରୁଜୀ ଭଳି ପ୍ରତିଷ୍ଠିତ କଳାକାର, କ୍ରୀଡ଼ାବିତ୍, ୟୁଟ୍ୟୁବର ଏବଂ ଶିଳ୍ପପତିଙ୍କ ଫଟୋ ଦେଇ ବିଭିନ୍ନ ସ୍କିମ୍‌ରେ ପୁଞ୍ଜିନିବେଶ ପାଇଁ ପ୍ରବର୍ତ୍ତାଉଥିଲେ। କାହାକୁ ଏକ ମିନିଟ୍ ମଧ୍ୟରେ ଦୁଇଗୁଣ ଟଙ୍କା ମିଳିବାର ଲୋଭ ତ କାହାକୁ ଗୋଟିଏ ଦିନରେ ୩ଗୁଣା ରିଟର୍ଣ୍ଣ। ଜଣେ ଅତିକମ୍‌ରେ ଶହେ ଟଙ୍କା ଏବଂ ଅତି ବେଶିରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପୁଞ୍ଜିନିବେଶ କରିପାରିବେ ବୋଲି ସର୍ତ୍ତାବଳୀରେ ଦର୍ଶାଯାଇଥିଲା। ପୁଞ୍ଜିନିବେଶକାରୀ ଆପ୍ ଡାଉନ୍‌ଲୋଡ୍ କରିବା ପରେ ଅଭିନେତାଙ୍କ ସ୍ୱରରେ ବିଭିନ୍ନ ସ୍କିମ୍ ବିଷୟରେ ଶୁଣୁଥିଲେ। ଆଉ ସେମାନଙ୍କ ବିଶ୍ୱାସ ଦୁଇଗୁଣ ବଢ଼ିଯାଉଥିଲା। ଏହାପରେ ଯେଉଁମାନେ ଆପ୍ ମାଧ୍ୟମରେ ପୁଞ୍ଜିନିବେଶ କରୁଥିଲେ, କିଛି କ୍ଷଣ ମଧ୍ୟରେ ୱାଲେଟ୍‌ରେ କାହାର ଦୁଇଗୁଣ ତ କାହାର ୩ଗୁଣ ଅର୍ଥ ଦେଖାଉଥିଲା। ଫଳରେ ଲୋକେ ଅଧିକରୁ ଅଧିକ ପୁଞ୍ଜିନିବେଶ କରୁଥିଲେ। ହେଲେ ଯେତେବେଳେ ଟଙ୍କା ଉଠାଣ ପାଇଁ ଯାଉଥିଲେ, ଆଉ ଟଙ୍କା ଉଠାଇପାରୁ ନଥିଲେ। ତୁରନ୍ତ ଆପ୍ ବ୍ଲକ ହୋଇଯାଉଥିଲା। ଦେଶରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଆପ୍ ଡାଉନ୍‌ଲୋଡ୍ ହୋଇଥିବା ଜଣାପଡ଼ିଛି। ଲକ୍ଷ ଲକ୍ଷ ଲୋକଙ୍କଠାରୁ ହଜାରେ କୋଟିରୁ ଉର୍ଦ୍ଧ୍ୱ ଠକେଇ ହୋଇଥିବା ବେଳେ ଟଙ୍କାକୁ କ୍ରିପ୍ଟୋ ମାଧ୍ୟମରେ ଚାଇନା ଓ ଦୁବାଇ ପଠାଉଥିବା ତଦନ୍ତବେଳେ ଜଣାପଡ଼ିଛି। ଏଥିପାଇଁ ସେମାନେ ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଟାର୍ଗେଟ୍ କରିଥିଲେ। ସେମାନଙ୍କୁ ଅଳ୍ପକିଛି ଟଙ୍କା ଦେଇ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ କ୍ରିପ୍ଟୋରେ ଟଙ୍କା ଲଗାଇ ଏଜେଣ୍ଟଙ୍କ ସାହାଯ୍ୟରେ ବିଦେଶ ପଠାଉଥିଲେ। ଏହି ଘଟଣାରେ ଇଓଡବ୍ଲୁ ୨ କୋଟି ଟଙ୍କା ଫ୍ରିଜ୍ କରିଛି। ବେଆଇନ୍ ଲୋନ୍ ଆପ୍ ବ୍ୟବହାର କରୁଥିଲେ ହୁସିଆର ହୋଇଯାଆନ୍ତୁ। ନଚେତ୍ କ୍ଷଣିକରେ ସର୍ବହରା ହୋଇପାରନ୍ତି। କିଛିଦିନ ତଳେ ବେଆଇନ ଲୋନ୍ ଆପ୍ ଖୋଲି ଲୋକଙ୍କୁ ଋଣ ଦେବା ନାଁରେ ୬.୫୭କୋଟି ହଡ଼ପ କରିବା ଘଟଣାକୁ ଇଓଡବ୍ଲୁ ପର୍ଦ୍ଦାଫାସ କରିବା ସହ ହରିୟାଣାର ତରୁଣ ଦୁଦେଜା ଓ ଜାଭେଦ୍ ସାହିଫି ଦୁଇ ସାଇବର ଠକଙ୍କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଏମାନେ ଏକା ସମୟରେ ଡିଜିଟାଲ୍ ବଟ୍‌ବା, ଆଇ ପୈସା ଅନ୍‌ଲାଇନ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସ୍ୱିଜ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍, ବାଜାର ପେ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍, ମିଲାନମ୍ ଏଣ୍ଟରପ୍ରାଇଜ୍, ବଚ୍ଚତ୍ ଅନ୍‌ଲାଇନ୍ ନାମରେ ୬ଟି ବେଆଇନ୍ ଲୋନ୍ ଆପ୍ ଖୋଲିଥିଲେ। ସେବି ବା ଆରବିଆଇରେ ପଞ୍ଜୀକୃତ ନ କରି ଏହି ଆପ୍ ଦ୍ୱାରା ପ୍ରଥମେ ଲୋକଙ୍କୁ ଋଣ ଦେଉଥିଲେ। ପରେ ଲୋକଙ୍କୁ ଶୋଷଣ କରିବା ବା ଲୁଟ୍ କରିବା ଉଦ୍ଦେଶ୍ୟରେ କିଛି ଲୋକଙ୍କୁ ନିଯୁକ୍ତି ଦେଇଥିଲା। ସେମାନେ ସପ୍ତାହେ ପରେ ଫୋନ୍ କରି ଲୋକଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ନେଉଥିଲେ। ଯେଉଁମାନେ ଟଙ୍କା ଦେଉନଥିଲେ ସେମାନଙ୍କଠାରୁ ସଂଗୃହୀତ ବ୍ୟକ୍ତିଗତ ତଥ୍ୟ ଭାଇରାଲ୍ କରିବାକୁ ଧମକ ଦେଉଥିଲେ। ଏହି କ୍ରମରେ ପ୍ରାୟ ୬.୫୭ କୋଟି ଟଙ୍କା ହଡ଼ପ କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଠକ ଗିରଫଦାରୀରୁ ବର୍ତ୍ତିବା ପାଇଁ ଅଭିନବ ଉପାୟ ଆପଣାଇଥିଲେ। ସାଧାରଣ ଲୋକ, କମ୍ପାନିରେ କାର୍ଯ୍ୟରତ କର୍ମଚାରୀ ଓ ଅନ୍‌ଲାଇନ୍‌ରେ ଟଙ୍କା ନେଇ ଫେରସ୍ତ କରିପାରୁନଥିବା ଲୋକଙ୍କ ପରିଚୟପତ୍ର ଦେଇ ପୁଳା ପୁଳା ସିମ୍ କିଣିଥିଲେ। ପରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ହାତଗୁଞ୍ଜା ଦେଇ ଟଙ୍କାର ଲୋଭ ଦେଖାଇ ବିଭିନ୍ନ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିଥିଲେ। ସେମାନଙ୍କଠାରୁ ବ୍ୟାଙ୍କ ତଥ୍ୟ ହାତେଇବା ପରେ ଅନଲାଇନ୍‌ରେ ଏହି ଟଙ୍କାକୁ ନିଜ ଆକାଉଣ୍ଟ୍‌କୁ ନେଉଥିଲେ। ଠକେଇ ଟଙ୍କାକୁ କିଭଳି ବିଦେଶ ପଠାଯିବ, ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଥିଲା। ଲୋକଙ୍କ ନାଁରେ ଖୋଲାଯାଇଥିବା ସେଭିଂସ୍ ଆକାଉଣ୍ଟର ଟଙ୍କାକୁ କରେଣ୍ଟ ଅକାଉଣ୍ଟକୁ ଟ୍ରାନ୍ସଫର କରିବା ପରେ କ୍ରିପଟ୍ଟୋ ଏଜେନ୍‌ସି ସହ ଯୋଗାଯୋଗ କରୁଛନ୍ତି। ସେମାନଙ୍କୁ ୨/୩ ପ୍ରତିଶତ କମିସନ ଦେଇ ଟଙ୍କାକୁ ଚାଇନା ଓ ଦୁବାଇ ପଠାଉଛନ୍ତି। ଠକମାନେ ବିଶେଷ କରି ଏସ୍, ଆଇସିଆଇସିଆଇ, ଏଚ୍‌ଡିଏଫ୍‌ସି, ଆଇଡିଏଫ୍‌ସି ଭଳି ବ୍ୟାଙ୍କରେ ଆର୍ଥିକ କାରବାର କରିଥିବା କିଛି ଠକେଇ ଘଟଣା ତଦନ୍ତରୁ ଜଣାପଡ଼ିଛି।

# ବର୍ଷା ଦିନିଆ ରୋଗର ମୁକାବିଲା ନେଇ ବୈଠକ

ଜୟପୁର, ୧୫/୦୭ (ନି.ପ୍ର): ବର୍ଷା ଦିନରେ ପାଣି ଜନିତ ରୋଗର ମୁକାବିଲା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ବିଡିଓ ରାଜିବ ଦାସ, ଏବିଡିଓ ମନୋଜ ନାୟକ,ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ ନିଶା, ଅତିରିକ୍ତ ତହସିଲଦାର, ମେଡିକାଲ ଅଫିସର, ଶିକ୍ଷା ବିଭାଗ, ଆଇଟିଡିଏ ସହ ବିଭିନ୍ନ ଲାଇନ ଡିପାଟମେଂଟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ। ବର୍ଷା କାଳୀନ ୩ ମାସ ୧ ତାରିଖ ଓ ୧୬ ତାରିଖରେ ପଞ୍ଚାୟତ ସ୍ତରରେ ପଞ୍ଚାୟତସ୍ତରିୟ ଅଧିକାରୀଙ୍କୁ ନେଇ ନୋଡାଲ ବୈଠକ କରିବାକୁ ନିଷ୍ପତ୍ତି ହୋଇଛି । ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ପାଣି ଜନିତ ରୋଗରୁ ମୁକାବିଲା ପାଇଁ କେନାଲ ଓ କୁଅ ପାଣି ବ୍ୟବହାର ନକରି ନଳକୂପ ପାଣି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଗାଁ କଲ୍ୟାଣ ସମିତି ଗାଁ ଗାଁ ବୋଲି ଲୋକ ଙ୍କୁ ସଚେତନ କରିବା ପାଇ ନିଷ୍ପତ୍ତି ହୋଇଛି। ମଧ୍ୟାହ୍ନ ଭୋଜନ ରେ ରୋଷେଇ ଶାଳ ପରିସ୍କାର ରଖିବା, ସ୍ୱଚ୍ଛ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦେବା ଆଦି ଉପରେ ସଚେତନ କରାଯାଇଥିଲା ।

# ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଂଟନ ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୫/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ଉଦେପଦର ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ ଠାରେ ସୁବର୍ଣ୍ଣପୁର ଜିଲ୍ଲା ଶ୍ରମବିଭାଗ ତରଫରୁ ବ୍ଲକ ସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଂଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉଲୁଣ୍ଡା ବ୍ଲକ ଅଧକ୍ଷା ଶ୍ରୀମତୀ ଶାନ୍ତିଲତା ମିଶ୍ର, ଲସତଲା ସରପଂଚ ଶିବାନୀ ମହାକୁର ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ସରକାର ବଦ୍ଧ ପରିକର ରହିଥିବା ସୂଚନା ଦେଇ ଶ୍ରମିକ କଲ୍ୟାଣ ନିମନ୍ତେ ଆସୁଥିବା ସରକାରଙ୍କ ସହାୟତା ଯୋଗାଇ ଦେବାପାଇ ପ୍ରଶାସନ ସବୁବେଳେ ଚେଷ୍ଟିତ ବୋଲି ମତ ପ୍ରକାଶ କରିଥିଲେ। ଶ୍ରମ ଅଧିକାରୀ ସୁବର୍ଣ୍ଣପୁର ଶ୍ରୀ ଡିଲେଶ୍ୱର ଖାକାଙ୍କ ତତ୍ୱାବଧାନ ତଥା ପରିଚାଳନାରେ ଅନୁଷ୍ଠିତ ଏହି ସହାୟତା ବଂଟନ ଶିବିରରେ ମୁଖ୍ୟ ଅତିଥି ତଥା ଅନ୍ୟାନ୍ୟ ଅତିଥି ବୃନ୍ଦ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ସହାୟତା ବଂଟନ ପରିପ୍ରେକ୍ଷୀରେ ଶିକ୍ଷା ସହାୟତା ନିମନ୍ତେ ୩୬ ଜଣଙ୍କୁ ୨ଲକ୍ଷ ୨୭ହଜାର ୨୦୦, ପ୍ରସୂତି କାଳିନ ସହାୟତା ରେ ୨୫ଜଣଙ୍କୁ ୨ ଲକ୍ଷ ୫୦ ହଜାର, ମୃତ୍ୟୁ କାଳିନ ସହାୟତା ରେ ୪୩ଜଣଙ୍କୁ ୮୬ ଲକ୍ଷ, ବିବାହ ସହାୟତା ନିମନ୍ତେ ୨୦୪ ଜଣଙ୍କୁ ୧କୋଟି ୧ ଲକ୍ଷ ୨୫ ହଜାର ଓ ଶବସତ୍କାର କ୍ରିୟାକାର୍ଯ୍ୟ ସହାୟତା ରେ ୭୭ ଜଣ ହିତାଧିକାରୀଙ୍କୁ ୩ ଲକ୍ଷ ୮୫ ହଜାର ର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

# ସର୍ବ ପୁରାତନ ଶକ୍ତିପୀଠ ମା' କନକ ଦୁର୍ଗାଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ

ମାଲକାନଗିରି, ୧୫/୦୭ (ନି.ପ୍ର): ମାଲକାନଗିରି ସହର ନିକଟସ୍ଥ ଚମ୍ପାଖରୀ ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସର୍ବ ପୁରାତନ ଶକ୍ତିପୀଠ ମା କନକ ଦୁର୍ଗା ମନ୍ଦିରର ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଆଜି ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମା କନକ ଦୁର୍ଗା ମନ୍ଦିର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବେଳେ ଆଗାମୀ ଦିନରେ ଏହି ରାସ୍ତା ୪ ଲେନ୍ ପାଇଁ ସର୍ଭେ କାର୍ଯ୍ୟ ଚାଲୁଥିବା ବେଳେ ଉକ୍ତ ମନ୍ଦିର କମିଟି ପକ୍ଷରୁ ମା'ଙ୍କ ମନ୍ଦିର ସ୍ଥାନାନ୍ତରଣ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଗତ କିଛି ମାସ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ମାଲକାନଗିରି ଜିଲ୍ଲା ଗସ୍ତ କରି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅଭିଯୋଗ ଗୁଡିକ କାର୍ଯ୍ୟକାରୀ ହୋଇ ମାଲକାନଗିରି ଜିଲ୍ଲାର ୭୪ ଗୋଟି ମନ୍ଦିରର ବିକାଶ ପାଇଁ ୧୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଉକ୍ତ ମା କନକ ଦୁର୍ଗା ମନ୍ଦିରର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୧୦ ଲକ୍ଷ ଟଙ୍କା ଅନୁଦାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଛନ୍ତି । ଆଜି ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମା ଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ, ମାଲକାନଗିରି ୧୩ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ସିନ୍ଧ୍ରିମାଲ ସରପଂଚ ଘାସି ନାୟକ, ବିଜେଡି ଯୁବ ନେତା ସଦାନନ୍ଦ ଖରା, ବିଜେଡି ନେତା ସତ୍ୟ ସ୍ୱାଇଁ, ଚମ୍ପାଖରୀ ୱାର୍ଡ ସଭ୍ୟ ପୂର୍ଣ ଚନ୍ଦ୍ର ରାଜୁ, ଗ୍ରାମ ପେଦା ନାରାୟଣ ଦଳେଇ, ରାମେନା ଦନ୍ତକଳା, ହରିହର ମାଝୀ, ଭରତ ପଟ୍ଟନାୟକ, ଭାସ୍କର ମାଝୀ, ଯୋଗ ମାଝୀ, ଟୁଟୁ ଦାନୀ, ବାଲା ପଣ୍ଡା, ପୂଜକ ରାମଚନ୍ଦ୍ର ମାଝୀ, କୃଷ୍ଣ ଚନ୍ଦ୍ର ଦଳେଇ ପ୍ରମୁଖଙ୍କ ସହ ସମସ୍ତ ଭକ୍ତ ବୃନ୍ଦ ଉପସ୍ଥିତ ଥିଲେ ।

# କଳାହାଣ୍ଡିରେ ନଗଡ଼ା ଚିତ୍ର: ମାଳମାଳ ଯୋଜନା ସତ୍ତ୍ୱେ ଶିଶୁ ଅପପୁଷ୍ଟିର ଶିକାର

ଭବାନୀପାଟଣା, ୧୫/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଶିଶୁମାନଙ୍କ ବିକାଶ ପାଇଁ ମାଳ ମାଳ ଯୋଜନା ଥିଲେ ମଧ ଶିଶୁ ଅପପୁଷ୍ଟି ହାର ଉଦ୍‌ବେଗଜନକ ରହିଛି । ଜିଲ୍ଲାରେ ୪୪୮୬ ଜଣ ଶିଶୁ ଅତ୍ୟନ୍ତ ଅପପୁଷ୍ଟିର ଶିକାର ହୋଇ ଅରେଞ୍ଜ୍ ଜୋନରେ ରହିଛନ୍ତି। ପ୍ରାୟ ୩.୫୧% ଶିଶୁ ଅରେଞ୍ଜ ଜୋନରେ ଥିବାବେଳେ ୟେଲୋ ଜୋନରେ ୧୪.୦୨%, ଗ୍ରିନ୍ ? ଜୋନରେ ୮୨.୪୭% ଶିଶୁ ଅଛନ୍ତି। ସେମାନଙ୍କ ପାଇଁ ଛତୁଆଠାରୁ ଆରମ୍ଭ କରି ବିଭିନ୍ନ ପୁଷ୍ଟି ସାଧନ ଖାଦ୍ୟ ପ୍ରଦାନ ନିମନ୍ତେ ବିଭିନ୍ନ ଯୋଜନା ହୋଇଛି। ମାତ୍ର ଅପପୁଷ୍ଟି ରୋକିବା ବଦଳରେ ସରକାରୀ ବାବୁ ତଥା ବିଭିନ୍ନ ଦଲାଲ ମାଧ୍ୟମରେ ଯୋଜନା ବାଟମାରଣା ଅଭିଯୋଗ ହେଉଛି। ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାରେ ୧୧ଟି ଗ୍ରାମାଞ୍ଚଳ ଆଇସିଡିଏସ୍, ଗୋଟିଏ ସହରାଞ୍ଚଳ ଓ ୨ଟି ଆଦିବାସୀ ଆଇସିଡିଏସ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିନିମନ୍ତେ ୧୯୪୩ଟି ଅଙ୍ଗନବାଡ଼ି କେନ୍ଦ୍ର ଓ ୪୧୯ଟି ମିନି ଅଙ୍ଗନବାଡ଼ି କେନ୍ଦ୍ର ସମେତ ୨୩୬୨ଟି କେନ୍ଦ୍ର ରହିଛି। ଏଥିରେ ଶୂନରୁ ୫ ବର୍ଷ ମଧ୍ୟରେ ୧ ଲକ୍ଷ ୩୦ ହଜାର ୫୩୩ ଜଣ ଶିଶୁ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୫ ହଜାର ୩ଶହ ୯୩ ଜଣ ଶିଶୁ ଗ୍ରିନ୍ ଜୋନରେ ଅଛନ୍ତି। ଏମାନଙ୍କ ହାର ୮୨.୪୭%। ସେହିଭଳି ୟେଲୋ ଜୋନ୍‌ରେ ୧୭,୯୧୭ ଜଣ ଶିଶୁ ଅଛନ୍ତି। ସବୁଠାରୁ ଉଦ୍‌ବେଗଜନକ ଅରେଞ୍ଜ ଜୋନରେ ୪୪୮୬ ଜଣ ଶିଶୁ ଥିବାବେଳେ ଏମାନଙ୍କ ହାର ୩.୫୧% ଅଟେ। ୬ ମାସରୁ ୩ବର୍ଷ ପର୍ଯ୍ୟନ୍ତ ୬୭୧୩୮ ଜଣ ଶିଶୁ ଓ ୩ ବର୍ଷରୁ ୬ ବର୍ଷ ୮୪୬୦୭ ଜଣ ଶିଶୁ ଏସ୍‌ଏମ୍‌ପି ଫିଡିଙ୍ଗ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଜିଲ୍ଲାର ୨୪ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଛତୁଆ ତିଆରି କରି ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଏହି ଛତୁଆଗୁଡ଼ିକ ନିମ୍ନମାନର ହୋଇଥିବାବେଳେ ଏସ୍ ?ଏଚଜିମାନଙ୍କୁ ଢାଲ କରି ଦଲାଲମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି। ରାଜନେତା ଓ ବିଭାଗୀୟ ଅଧିକାରୀଙ୍କୁ ହାତବାରିସୀ କରି ବିଭିନ୍ନ ସ୍ଥାନରେ କେଉଁଠି ନିମ୍ନମାନର ଛତୁଆ କରୁଥିବାବେଳେ ଦୁର୍ଗମ ଅଞ୍ଚଳମାନଙ୍କରେ ଏହା ବାଟମାରଣା ମଧ ହେଉଛି। ବିଭିନ୍ନ ସ୍ଥାନରେ ନିମ୍ନମାନର ଛତୁଆ ଯୋଗୁଁ ଶିଶୁମାନେ ଖାଇବା ପରିବର୍ତ୍ତେ ଗୋ-ଖାଦ୍ୟରେ ପରିଣତ ହେଉଛି। ଜିଲ୍ଲାର ଥୁଆମୂଳ ରାମପୁର, ଲାଞ୍ଜିଗଡ଼, ମଦନପୁର ରାମପୁର, ଗୋଲାମୁଣ୍ଡା, ଜୁନାଗଡ଼ ବ୍ଲକ ସମେତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଶିଶୁ ଅପପୁଷ୍ଟି ହାର ଅଧିକ ରହିଛି। ଜିଲ୍ଲାରେ ଅତ୍ୟନ୍ତ ଅପପୁଷ୍ଟି ଥିବା ଶିଶୁଙ୍କୁ ଧର୍ମଗଡ଼, ଭବାନୀପାଟଣା ଓ ଜୟପାଟଣାଠାରେ ଥିବା ଏନ୍‌ଆରସି କେନ୍ଦ୍ରକୁ ପଠାଯିବାର ବ୍ୟବସ୍ଥା ମଧ ରହିଛି। ତେବେ ଜିଲ୍ଲାରେ ସମୁଦାୟ ୨୨ ହଜାର ୪୦୩ ଜଣ ଅପପୁଷ୍ଟି ଶିଶୁ ଥିବାବେଳେ ସେମାନଙ୍କ ଯତ୍ନ ଅତ୍ୟନ୍ତ ଅପରିହାର୍ଯ୍ୟ ଅଟେ। ସରକାର କୋଟି କୋଟି ଟଙ୍କାର ଯୋଜନା କରି ଆଦିବାସୀଙ୍କ ପାଖକୁ ବିକାଶ ପହଞ୍ଚାଉଥିବା ନେଇ ଶାସନ, ପ୍ରଶାସନ ଓ ସରକାରଙ୍କ ଜନପ୍ରତିନିଧି ଡିଣ୍ଡିମ ପିଟୁଛନ୍ତି। ହେଲେ ଏବେ ମଧ ବହୁ ସ୍ଥାନରେ ନଗଡ଼ା ଭଳି ଚିତ୍ର ଦେଖିବାକୁ ମିଳୁଛି। ଅନେକ ଶିଶୁ ଅପପୁଷ୍ଟିର ଶିକାର ହେଉଥିବାବେଳେ ସେମାନଙ୍କ ପାଇଁ ଆସୁଥିବା ଯୋଜନା ଠିକ ଭାବରେ କାର୍ଯ୍ୟକାରୀ ହେଉନଥିବା ଯୋଗୁଁ ଅପପୁଷ୍ଟି ଦୂର ହେବାରେ ବାଧକ ସାଜିଛି। ଜୁନାଗଡ଼ ବ୍ଲକ ତଳଦୁଣ୍ଡା ଗ୍ରାମରେ ଅନେକ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତର ଦୁର୍ଗମ ପାହାଡ଼ ଘେରା ତଳଦୁଣ୍ଡା ଗ୍ରାମରେ ଏଭଳି ଅବସ୍ଥା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହିଭଳି ଦୁର୍ଗମ ଅଞ୍ଚଳର ବହୁ ଗାଁରେ ଅପପୁଷ୍ଟି ଶିକାର ଥିବା ଶିଶୁଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଏନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପଚାରିବାରୁ ଅପପୁଷ୍ଟି ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି। ଏପରିକି ଜିଲ୍ଲାର ୩.୫୧% ଅତ୍ୟନ୍ତ ଅପପୁଷ୍ଟି ଶିଶୁଙ୍କ ସ୍ୱତନ୍ତ୍ର ଭାବେ ଯତ୍ନ ନିଆଯାଇ ପୁଷ୍ଟିବର୍ଦ୍ଧକ ଛତୁଆ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୬ ଜୁଲାଇ ୨୦୨୩
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୧୧

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୁଁ ଜାଣେନା ମାଆ କ'ଣ ପାଇଁ ପ୍ରଥମ ଦର୍ଶନରେ ମୁଁ ତାଙ୍କ ନିକଟରେ ସମର୍ପିତ ହୋଇଗଲି । ତାଙ୍କର ଶାନ୍ତ, ସୌମ୍ୟ, ରୂପ, ପ୍ରେମସ୍ନିଗ୍ଧ ମୁଖମଣ୍ଡଳ, ସ୍ନେହପୂର୍ଣ୍ଣ ଲଳିତ ଲୋଚନ, ମୋତେ ଆକର୍ଷି ନେଲା ମା' । ମୁଁ ତାଙ୍କ ନିକଟରେ ସମର୍ପିତା । ମୋତେ ଆଶୀର୍ବାଦ କର ମା' ସେ ଯେମିତି ଶିବଧନୁ ଭାଂଗି ମୋତେ ପତ୍ନୀ ପଦରେ ବରଣ କରିବେ । ଅନ୍ୟଥା ଅନ୍ୟପୁରୁଷ ଯଦି ସେ କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି, ତାହେଲେ ମୁଁ ଆପଣଙ୍କ ନାମରେ ଶପଥ ନେଇ କହୁଛି, ବରଭାବରେ ବିଜେତାକୁ ବରଣ କରିବା ପୂର୍ବରୁ ମୁଁ ମୃତ୍ୟୁକୁ ବରଣ କରି ସାରିଥିବି ।"

ନିଜମନର ଅକୁହା ବେଦନାକୁ ଶିବ ପାର୍ବତୀଙ୍କ ଉଦ୍ଦେଶ୍ୟରେ ବାଢ଼ିଦେଇ, ତାଙ୍କୁ ପ୍ରଣାମ କରି ଉଠୁଥିବା ସମୟରେ, ମା'ଙ୍କ ମସ୍ତକରୁ ଏକ ପୁଷ୍ପ ଖସି ପଡ଼ିଥିଲା ମୋ ଉପରେ । ଆନନ୍ଦରେ ବିହ୍ୱଳିତ ହୋଇ ସେ ଫୁଲଟିକୁ ମସ୍ତକରେ ଛୁଆଇଁ ମନ୍ଦିରରୁ ବାହାରି ଏକ ନିଃଶ୍ୱାସରେ ରାଜବାଟୀକୁ ଧାଇଁ ଆସୁଥିବାବେଳେ, ପୁଷ୍ପବାଟିକାରେ ଅଟକି ଯାଇଥିଲି ମୁଁ । ହତବାକ୍ ହୋଇ ଯାଇଥିଲି । ମୋ ଆଗରେ ଛିଡ଼ା ହୋଇଛନ୍ତି ଏ କିଏ ? କାହାର ସାହସ ହେଲା ମୋ ପଥ ଅବରୁଦ୍ଧ କରିବାକୁ । ଅନାଇ ଦେଖେ ତ ମୋ ଆଗରେ ହସହସ ବଦନରେ ଛିଡ଼ା ହୋଇଛନ୍ତି ମୋ ମନର ଅଭୀପ୍ସିତ ନାୟକ ପ୍ରଭୁ ଶ୍ରୀରାମଚନ୍ଦ୍ର । ଶିହରି ଉଠିଥିଲି ମୁଁ । ସ୍ନାନସାରି ଓଦା ବସନ ପିନ୍ଧି ମୁଁ ଧାଇଁ ଆସିଥିଲି ଶିବ ମନ୍ଦିରକୁ । ଫେରୁଫେରୁ ରାସ୍ତାରେ ଏ କି ପ୍ରକାର ଘଟଣା । ତାଙ୍କୁ ଦେଖି ମୁଁ ଅଚଳ ହୋଇ ଯାଇଥିଲି । ମନେକଲି ମୋ ଶରୀରର ସମସ୍ତ ଶକ୍ତି କୁଆଡ଼େ ମିଳାଇ ଯାଇଛି । ମୁଁ ଆଗକୁ ଯାଇପାରୁ ନାହିଁ କି ପଛକୁ ଫେରିପାରୁ ନାହିଁ। ତୃଷିତା ଚକୋରୀ ତୁଲ୍ୟ ମୁଁ ଅନାଇ ରହିଛି ତାଙ୍କ ମୁଖମଣ୍ଡଳକୁ । ଚନ୍ଦ୍ରରୁ ଅମୃତ ଝରିଲା ଭଳି ତାଙ୍କ ଅଧରରୁ ଝରି ପଡୁଥାଏ ସ୍ମିତହାସର ଧାରା । ଚକ୍ଷୁଯୁଗଳରେ ତାଙ୍କର ପୂର୍ଣ୍ଣ ହୋଇ ରହିଛି ଆକର୍ଷଣର ମଧୁ । ମୋ ସମ୍ମୁଖରେ ଏକ ଶାନ୍ତ, ସ୍ନିଗ୍ଧ ମଧୁର କୋମଳ ମନୋରମ ମୂର୍ତ୍ତିଟିଏ ଉଭା ହୋଇଥିବାର ମୁଁ ଦେଖୁଛି । ନେତ୍ର ଯୁଗଳ ମୋର ସ୍ଥିର । ମୁଖରେ ବଚନ ନାହିଁ । ସେ ମୋତେ ହସହସ ମୁହଁରେ ଅନାଇ କହୁଥା'ନ୍ତି, "ମୋ ଚକ୍ଷୁ ଯଦି ଠିକ୍ ଦେଖୁଥାଏ, ତାହେଲେ ତୁମେ ରାଜନନ୍ଦିନୀ ସୀତା ନିଶ୍ଚୟ । ଯେଉଁ ରୂପ ଛବି କାଲିଠାରୁ ମୋ ନେତ୍ରଯୁଗଳରେ ବନ୍ଦୀ ହୋଇଯାଇଛି, ଯେଉଁ ଅନନ୍ୟ ଶରତରାକାର ଚନ୍ଦ୍ରମୁଖ ମୋତେ ସାରା ରାତି ତାର ଅମୀୟ କିରଣରେ ସ୍ନାନ କରାଇଛି, ତୁମେ ସେହି ଜନକନନ୍ଦିନୀ ନିଶ୍ଚୟ ।"

ମୁଁ ନିରୁତ୍ତର । ସ୍ନାନସିକ୍ତ ପାଟବସ୍ତ୍ରଟି ସଂପୂର୍ଣ୍ଣ ମୋ ଦେହରେ ଜଡ଼ିଯାଇଛି । ଶୀତରେ କମ୍ପି ଉଠୁଥାଏ ମୋ ଶରୀର । ଶରତର କରକାପାତ ପରେ ପଦ୍ମପୁଷ୍ପର ପାଖୁଡ଼ା କମ୍ପିଉଠିଲା ଭଳି ଥରି ଉଠୁଥାଏ ମୋର ଅଧର । ମୋତେ ଏମିତି ଅସ୍ଥିର ହେବାର ଦେଖି ସେ କହିଥିଲେ, "ହେ ମଧୁମୟୀ, ସୁଧାମୟୀ, ପ୍ରେମମୟୀ, ରୂପମୟୀ ମିଥିଳା ରାଜକୁମାରୀ । ଋଷି ବିଶ୍ୱାମିତ୍ର ମୋତେ ତୁମ ସ୍ୱୟମ୍ବର ସଭାକୁ ନିମନ୍ତ୍ରଣ କରି ଆଣିଛନ୍ତି । ତୁମ ପିତା ଯେଉଁ ଅମୋଘ ଧନୁ ପାତିଛନ୍ତି, ମୁଁ ଜାଣେନା ତାକୁ ସ୍ପର୍ଶ କରି ସଫଳ ହୋଇପାରିବି କି ନାହିଁ । ଯଦି ସଫଳ ହୋଇନପାରେ ତାହେଲେ ମୁଁ ଜୀବନ ଧରି ରହିପାରିବିକି ନାହିଁ ତାହା ଜାଣେନା । ହେ ମୈଥିଳୀ ! ତୁମର ସଦ୍ୟଫୁଟା ପଦ୍ମପୁଷ୍ପ ତୁଲ୍ୟ ଏ ମୁଖମଣ୍ଡଳ, ଏ ଏଣିଜିଣା ନୟନ, ଇନ୍ଦ୍ରଧନୁ ଜିଣା ଭ୍ରୁଲତା, ବାଳ ଅରୁଣ ଜିଣା ଓଷ୍ଠକାନ୍ତି, ତୁମ ତନୁତୋରା ସର୍ବୋପରି ତୁମର ଦରଫୁଟା ରକ୍ତପଦ୍ମ ତୁଲ୍ୟ ପାଦଯୁଗଳ ମୋତେ ବିବଶ କରିଛି ଦେବୀ । ମୁଁ ଜାଣେନା କେଉଁ ଶୁଭ ମୁହୂର୍ତ୍ତରେ ମୁଁ ଅଯୋଧ୍ୟାରୁ ବାହାରି ଆସିଥିଲି । ବିଧାତା ତୁମଭଳି ଚଳାପାଙ୍ଗୀ ଲଳିତ ଲୋଚନାକୁ କାହା ଭାଗ୍ୟରେ ଲେଖିଛନ୍ତି ମୁଁ ଜାଣେନା । ଯଦି ଶିବଧନୁ ଭାଂଗିବା ମୋ ପକ୍ଷରେ ସମ୍ଭବ ନହେବ, ତାହେଲେ ତୁମେ ଏ ରାମର ନୟନରେ ସାରାଜୀବନ ସ୍ୱପ୍ନ ହୋଇ ରହିଯିବ । ତୁମେ ଯାହାର ବି ହୁଅନା କାହିଁକି ତୁମ ନେତ୍ରରୁ ଝରୁଥିବା ପ୍ରେମାମୃତରେ ସ୍ନାନକରି ମୁଁ ଯେଉଁ ଶାନ୍ତି ଲଭିଛି, ତାହା ଏ ଜୀବନରେ ମୁଁ ଆଉ ଭୁଲିପାରିବି ନାହିଁ ଦେବୀ।" ଏତେ କଥା ତୁମ ନିକଟରେ ମୁଁ ବଖାଣି ଗଲିଣି, ତୁମେ ନିରୁତ୍ତର । ମୋର ଧୃଷ୍ଟତା ପାଇଁ ମୁଁ କ୍ଷମା ମାଗିନେଉଛି ଦେବୀ । ତୁମ ସହ ଦୁଇପଦ କଥା ହୋଇ, ତୁମ ନିକଟରେ ମୋ ମନର ଭାବନାକୁ ବ୍ୟକ୍ତକରି ମୁଁ ଯଦି ଅପରାଧ କରିଥାଏ, ତାହେଲେ ତୁମ ମହାନତା ଗୁଣରେ ମୋତେ କ୍ଷମା କରିଦେବ । ଏ ଜନ୍ମରେ ଯଦି ସମ୍ଭବ ନହୁଏ, ଜନ୍ମେଜନ୍ମେ ମୁଁ କେବଳ ତୁମପାଇଁ ଜନ୍ମନେବି ଦେବୀ । ଆସୁଛି । ସ୍ୱୟମ୍ବର ସଭାରେ ହୁଏତ ପୁଣି ସାକ୍ଷାତ ହୋଇପାରେ ।

ଏତକ କହି ମୋତେ ପୁଣିଥରେ ସତୃଷ୍ଣ ନୟନରେ ଅନାଇ ମୋ ଆଗରୁ ସେ ଚାଲି ଯାଇଥିଲେ । ସେ ଯିବାପରେ ମୁଁ ତାଙ୍କୁ ପଛରୁ ଡାକିବା ପାଇଁ ଚେଷ୍ଟାକଲି, ହେଲେ ପାରିଲି ନାହିଁ । ମୋ ତୁଣ୍ଡରୁ ବଚନ ସ୍ଫୁରିଲା ନାହିଁ । ନୟନରୁ ଧାରଧାର ହୋଇ ଅଶ୍ରୁ ବୋହି ଯାଉଥାଏ । ଯାହାଙ୍କୁ ମୁଁ ମନ ମନ୍ଦିରରେ ବସାଇ ସାରିଛି, ଯାହାଙ୍କୁ ପତି ପଦରେ ବରଣ କରିବାପାଇଁ ମୁଁ ପ୍ରଭାତର ପ୍ରଥମ ମୁହୂର୍ତ୍ତରୁ ଶିବପାର୍ବତୀଙ୍କୁ ଗୁହାରି କରିବାକୁ ଆସିଥିଲି, ତାଙ୍କୁ ସମ୍ମୁଖରେ ପାଇ ମଧ ତାଙ୍କ ସହିତ ପଦଟିଏ କଥା ହୋଇପାରିଲି ନାହିଁ । ସେ ଶ୍ୟାମ ଦୁର୍ବାଦଳ ତନୁକାନ୍ତି ବିଶିଷ୍ଟ ମର୍ଯ୍ୟାଦା ପୁରୁଷୋତ୍ତମକୁ ଦେଖି ମଧ ନେତ୍ର ପୂରାଇ ଦେଖିପାରିଲି ନାହିଁ । କାହିଁକି ଏମିତି ହେଲା । ସେ ମୋ ସହିତ କଥା ହେବାକୁ ଯେତେ ଚାହିଁଲେ ବି ମୁଁ କଥା ହୋଇପାରିଲି ନାହିଁ କାହିଁକି ? ନିଜକୁ ଧିକ୍କାର କରି, ଲୋଟିପଡ଼ିଥିଲି ତାଙ୍କ ପାଦ ସଂକେତରେ । ଯେଉଁଠାରେ ସେ ଛିଡ଼ା ହୋଇଥିଲେ, ସେ ସ୍ଥାନରୁ ଧୂଳି ମୁଠାଏ ଆଣି ମୁଁ ଆପାଦ ମସ୍ତକ ବୋଳି ହେଲି । ଏହି ସମୟରେ ମୋର ସାନ ତିନିଭଉଣୀ ଧାଇଁଧାଇଁ ଆସି ମୋ ନିକଟରେ ପହଞ୍ଚି କହିବାକୁ ଲାଗିଲେ, ତୁ ରାତି ନପାହୁଣୁ ଏକାକୀ କାହିଁକି ଏ ସ୍ଥାନକୁ ଆସିଛୁ ଅପା । ସ୍ନାନକରି ଆସିଛୁ ଓଦା ଲୁଗା ବି ଦେହରୁ ପାଲଟି ନାହୁଁ । ତୋ ସର୍ବାଙ୍ଗରେ ଏ ଧୂଳି କାହିଁକି ? କ'ଣ ହୋଇଛି ତୋର ଅପା ? ତୁ କାନ୍ଦୁଛୁ କାହିଁକି ? କାଲି ଯେଉଁ ବୀର ମର୍ଯ୍ୟାଦାବନ୍ତ ପୁରୁଷ ରାମଚନ୍ଦ୍ରଙ୍କ କଥା କହୁଥିଲୁ ସେ ପୁଷ୍ପ ଚଙ୍ଗୁଡ଼ିଟାଏ ହସ୍ତରେ ଧରି ଯାଉଥିବାର ଆମେ ଦେଖିଲୁ । ତୁ ତାଙ୍କୁ ପଥ ମଧ୍ୟରେ ଭେଟିଲୁ କି ଅପା ? ତାଙ୍କୁ ଦେଖି ତୋର ଏ ଅବସ୍ଥା ନାଁ ତୋର ଆଉକିଛି ହୋଇଛି ?

ଉର୍ମିଳା ! ଭୋ.... ଭୋ..... ହୋଇ କାନ୍ଦି ଉର୍ମିଳାକୁ କୁଣ୍ଢାଇ ପକାଇଥିଲି ମୁଁ । ମୋ ମନକଥା ଉର୍ମିଳା ଜାଣିପାରି କହିଥିଲା, ମୁଁ ଜାଣେ ଲୋ ଅପା । ତୋର ତାଙ୍କ ସହିତ ଭେଟ ହୋଇଛି । ତୁ ଆଉ ଅଶ୍ରୁବର୍ଜନ କରନା । ସେ ତୋର । ତୋ ପାଇଁ ସେ ମିଥିଳା ଆସିଛନ୍ତି । ମୋ ମନ କହୁଛି ସୀତା ରାମର । ସେ ନିଶ୍ଚୟ ଧନୁ ଭାଂଗି ତୋ ପାଣିଗ୍ରହଣ କରିବେ ।

ଉର୍ମିଳା ତୋ ଭଳି ମୁଁ ମଧ ଆଶା ବାନ୍ଧିଛି । ସେ ନିଶ୍ଚୟ ଶିବଧନୁ ଭାଂଗିବେ ।

ଆମ ଦୁଇଭଉଣୀଙ୍କ କଥା ଶୁଣି ମାଣ୍ଡବୀ, ଶ୍ରୁତକୀର୍ତ୍ତି କହିଥିଲେ, ଯାହା ହେବାର ଥିବ ଆଉ ଅଳ୍ପ ସମୟ ମଧ୍ୟରେ ସବୁ ଜଣାଯିବ । ଆଉ ଅଳ୍ପ ସମୟ ପରେ ସ୍ୱୟମ୍ବର କାର୍ଯ୍ୟକ୍ରମ ଆରମ୍ଭ ହେବ । ପିତା, ବଶିଷ୍ଠ, ବିଶ୍ୱାମିତ୍ର ଆଦି ଶ୍ରେଷ୍ଠ ମୁନିଋଷିଙ୍କୁ ନେଇ ଯଜ୍ଞକାର୍ଯ୍ୟ ଆରମ୍ଭ କରି ଦେଲେଣି । ଯଜ୍ଞ ପରେ ସ୍ୱୟମ୍ବର । ତୁମେ ଘରକୁ ଚାଲ ଅପା । ମା' ଅସ୍ଥିର ହୋଇ ଆମକୁ ତୋତେ ଖୋଜିବାକୁ ପଠାଇଛନ୍ତି । ଗଲେ ତେଣେ ଅନେକ ବିଧିବିଧାନ, ପରେ ତୋତେ ସ୍ୱୟମ୍ବର ସଭାକୁ ନିଆଯିବ । ତାପରେ ଜଣକ ପରେ ଜଣେ ରାଜା, ରାଜକୁମାର ଧାଡ଼ି ଦେବେ ତୋତେ ପାଇବା ପାଇଁ । ଆମେ ତିନିଭଉଣୀ ଦେଖିବୁ ଆମର ଅନିନ୍ଦ୍ୟା, ସୁନ୍ଦରୀ ଭଉଣୀର ହାତ କେଉଁ ଗୁଣବାନ୍, ଧନବାନ୍, ଭାଗ୍ୟବାନ୍ ପୁରୁଷ ଧରିବେ । ଏହାକହି ତିନିଜଣଯାକ ମୋ ହାତଧରି ରାଜଉଆସକୁ ବାଟ କଢ଼ାଇ ଆଣିଥିଲେ । (କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର

---

# କୁବେର ନିଶା

**ସୁବ୍ରତ ପଟ୍ଟନାୟକ**



ମଣିଷକୁ ବେଳେବେଳେ ଘାରେ କୁବେର ନିଶା। ମାତ୍ର ସମସ୍ତେ ତାହା ପାଲଟନ୍ତି ନାହିଁ। କେତେକ ଭାଗ୍ୟବଳରୁ ତ ଆଉ କେତେକ ସୁଯୋଗ ବଳରେ ବନି ଯାଆନ୍ତି କୁବେର। ହୋଇ ଯାଆନ୍ତି ଅଚଳାଚଳ ସମ୍ପତ୍ତିର ମାଲିକ। ଗର୍ବରେ ଫୁଲିଉଠେ ଛାତି। କୋଠାବାଡ଼ି, ଗାଡ଼ିଘୋଡ଼ା, ସୁନାଗହଣା, ଟଙ୍କା ପଇସା ଠୁଳ ହୁଏ । ବଢ଼େ ପ୍ରତିପତ୍ତି ଓ ପତିଆରା। ଦୁର୍ଭାଗ୍ୟକୁ କେତେକ ଧରା ପଡ଼ନ୍ତି ଭିଜିଲାନ୍ସ ଜାଲରେ। ସେମାନଙ୍କର ଅବସ୍ଥା କଣ ହୁଏ, ସେ ସମ୍ପର୍କରେ ଆଜିର ଆଲୋଚନା।

ଉଦାହରଣ ପାଇଁ, ଆମେ ଓଏଏସ୍ ଅଫିସର ପ୍ରଶାନ୍ତ କୁମାର ରାଉତଙ୍କୁ ବାଛିଚେ। ବୟସ-୫୭ ବର୍ଷ । ୧୯୯୬ ମସିହା ଜୁଲାଇ ପହିଲାରେ ସେ ସୁନ୍ଦରଗଡ଼ ଜିଲ୍ଲା ବିର୍ସା ବ୍ଲକ୍ ବିଡିଓ ଭାବେ ଯୋଗ ଦେଇଥିଲେ। ଏବେ ନବରଙ୍ଗପୁରର ଆଡିସନାଲ ସବ୍-କଲେକ୍ଟର। ୨୦୨୩ ଜୁନ୍ ୨୩ ତାରିଖ ତାଙ୍କ ଭୁବନେଶ୍ୱର ବାସଭବନରେ ହୋଇଥିଲା ଭିଜିଲାନ୍ସ ଚଢ଼ଉ। ମିଳିଲା ୫ କୋଟି ୭୧ ଲକ୍ଷ ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି। ପରଦିନ ଅର୍ଥାତ ଜୁନ୍ ୨୪ ତାରିଖରେ ତାଙ୍କୁ ପିନ୍ଧାଗଲା ହାତକଡ଼ି। ଜୁନ୍-୨୭ ତାରିଖରେ ରାଜ୍ୟ ପ୍ରଶାସନ ତାଙ୍କୁ ଦେଲେ ବାଧ୍ୟତାମୂଳକ ଅବସର। ସାଧାରଣ ଲୋକେ ଭାବିବେ, ପ୍ରଶାନ୍ତ ଏଥର ପାଇବେ ପାନେ। ଜେଲ୍‌ରେ ଘଣା ପେଲିବେ। ତେବେ, ତାଙ୍କର କଣ ହେବ ନହେବ ତାହା ଭବିଷ୍ୟତରେ ଜଣାପଡ଼ିବ।

ଚଢ଼ଉବେଳେ ପ୍ରଶାନ୍ତଙ୍କ ଘରୁ ମିଳିଥିଲା ନଗଦ ପ୍ରାୟ ଅଢ଼େଇ କୋଟି ଟଙ୍କା। ୫୦୦ ଟଙ୍କିଆ ନୋଟ୍ ବିଡ଼ାକୁ ସେ ସାଇତିଥିଲେ କାଗଜ ପେଟିରେ। ଭିଜିଲାନ୍ସ ଚଢ଼ଉ କରିବା ସୁରାକ୍ ପାଇବା ମାତ୍ରେ ଛଅଟିଯାକ ଟଙ୍କା ପେଟିକୁ ଫିଙ୍ଗିଥିଲେ ପଡ଼ୋଶୀ ଘର ଛାତ ଉପରକୁ। ଘରୁ ମିଳିଛି ପୁଳାପୁଳା ସୁନା ଗହଣା । ବେନାମୀ ବ୍ୟାଙ୍କ ଆକାଉଣ୍ଟରେ ରଖାଯାଇଛି ଲକ୍ଷଲକ୍ଷ ଟଙ୍କା। ଯେତିକି ଧରାପଡ଼ିଛି, ତାହା ସମୁଦ୍ରକୁ ଶଙ୍ଖେ । ବାକିତକ କେଉଁଠି ପୋତା ହୋଇଛି, ତାର ଟେର୍ ପାଇବା କାଠିକର ପାଠ। ଭିଜିଲାନ୍ସ ବିଭାଗ ଯଦି ଖୋଳତାଳ କରି ସବୁତକ ପୋତାଧନ ବାହାର କରି ପାରିବ, ତେବେ ସେମାନଙ୍କୁ ଧନ୍ୟ କହିବା।

ଏକଥା ନିରାଟ ସତ ଯେ, ଓଏଏସ୍ ଅଫିସର ପ୍ରଶାନ୍ତ ବେଶ୍ ଚତୁର ଓ ବୁଦ୍ଧିମାନ। ୧୯୯୬ ମସିହା ଜୁଲାଇ ପହିଲାରେ ସେ ସୁନ୍ଦରଗଡ଼ ଜିଲ୍ଲା ବିର୍ସା ବ୍ଲକ୍ ବିଡିଓ ଭାବେ ଯୋଗ ଦେଇଥିଲେ। ସେହିଦିନଠୁ ତାଙ୍କୁ ଘାରିଥିଲା କୁବେର ନିଶା। ୨୦୧୮ ନଭେମ୍ବର ୬ ତାରିଖରେ ସେ ଲକ୍ଷେ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ ଭିଜିଲାନ୍ସ ହାତରେ। ଚାକିରିରୁ ସସ୍‌ପେଣ୍ଡ ବି ହୋଇଗଲେ। ଏହାର ୧୩ମାସ ପରେ ଅର୍ଥାତ୍ ୨୦୨୦ ଜାନୁଆରିରେ ତାଙ୍କୁ ନବରଙ୍ଗପୁର ଆଡିସନାଲ ସବ୍‌କଲେକ୍ଟର ଭାବେ ପୁନଃ ଅବସ୍ଥାପିତ କରାଗଲା। ୨୭ ବର୍ଷ ଚାକିରି କାଳରେ ସେ ପାଲଟିଗଲେ କୁବେର। ଜବତ୍ ହୋଇଗଲା ଅର୍ଥ ତାଙ୍କ ଦରମାର ୫୦ ପ୍ରତିଶତ ଅଧିକ । ନିୟମ ଅନୁଯାୟୀ ଜବତ ହୋଇଥିବା ଟଙ୍କାକୁ ଏକ ନୂଆ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ଅଦାଲତରେ ରାୟ ଘୋଷଣା ପରେ ଏହି ଅର୍ଥ ତାଙ୍କୁ ଫେରସ୍ତ କରାଯିବ କି ନା ଜଣାପଡ଼ିବ।

ଏବେ ଆମେ ଟିକେ ମୂଳ ପ୍ରସଙ୍ଗକୁ ଫେରିବା। ଲାଞ୍ଚୁଆ ଦୁର୍ନୀତିଖୋର ଅଫିସର ପ୍ରଶାନ୍ତଙ୍କୁ କଠୋର ଦଣ୍ଡ ମିଳିବ କି? ଅଦାଲତ ଦ୍ୱାରା ଯଦି ସେ ଦଣ୍ଡିତ ହୁଅନ୍ତି, ତାଙ୍କୁ ଚାକିରିରୁ ବରଖାସ୍ତ କରାଯିବ କି? ତାଙ୍କର ସ୍ଥାବର, ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବ କି? ଆମ ଜାଣିବାରେ କୌଣସି ଚାକିରିଆଙ୍କୁ ଚାକିରିରୁ ନିଲମ୍ବିତ କିମ୍ବା ବାଧ୍ୟତାମୂଳକ ଅବସର ଦିଆଯିବା, ଦଣ୍ଡରେ ଦଣ୍ଡିତ ନୁହେଁ। ପ୍ରଶାନ୍ତ ବି ଅତୀତରେ ନିଲମ୍ବିତ ହୋଇ ଗାଦିକୁ ଫେରିଛନ୍ତି। ବାଧ୍ୟତାମୂଳକ ଅବସର ନେଇଥିବା ବ୍ୟକ୍ତିଙ୍କୁ ଯଥାରୀତି ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିବ। ସେଥିରେ ଆଦୌ ଧୂଳି ଲାଗିବ ନାହିଁ। କେବଳ ସରକାର ଯେଉଁମାନଙ୍କୁ ଚାକିରିରୁ ବରଖାସ୍ତ କରିବେ, ସେମାନେ ପେନ୍‌ସନ୍ ଇତ୍ୟାଦି ପାଇବେ ନାହିଁ। ନିଲମ୍ବିତ ପ୍ରଶାନ୍ତଙ୍କୁ କେଉଁ ଆଧାରରେ ରସାଳିଆ ପଦରେ ପୁଣିଥରେ ବସା ଯାଇଥିଲା? ପ୍ରଶାନ୍ତଙ୍କ କଳାଧନରେ ଅନ୍ୟ ପଦସ୍ଥ ଅଧିକାରୀ ଓ ବରିଷ୍ଠ ରାଜନେତା ଭାଗୁଆଳି ଥିଲେ କି? ତାର ଘଣ୍ଟାଚକଟା ହେବା ଦରକାର। ତଥ୍ୟ ହାସଲରୁ ଆମେ ଜାଣିଚେ, ପ୍ରାୟ ୧୦୮ ଜଣ ଦୁର୍ନୀତିଖୋର୍ ଅଫିସରଙ୍କୁ ଗତ ୩ ବର୍ଷ ମଧ୍ୟରେ ଦିଆଯାଇଛି ବାଧ୍ୟତାମୂଳକ ଅବସର। ସେମାନଙ୍କ ମଧ୍ୟରୁ ଜଣେ ବି ହୋଇ ନାହାନ୍ତି ଦଣ୍ଡିତ। ନିଲମ୍ବିତ ଅଫିସରଙ୍କ ସଂଖ୍ୟା ତ ଯାହାକୁ ଯେତେ। ସେକଥା ବଖାଣିବା ଅନୁଚିତ। ସରକାରୀ କଳରେ ଯଦି ତଳୁ ଉପରଯାଏ ଯୋଜନାବଦ୍ଧ ଭାବେ ଦୁର୍ନୀତି ଚାଲୁଥାଏ ତାକୁ ରୋକାଯିବା ଅସମ୍ଭବ । ପ୍ରଶାନ୍ତ ରାଉତ- ଦୁର୍ନୀତିର ଦଣ୍ଡିକିରି ମାଛ। ତାଙ୍କ କାତି, ଗାଲିସି ଛଡ଼ାଇଲେ ବିଶେଷ କିଛି ଲାଭ ନାହିଁ। ଦୁର୍ନୀତି ଜାଲରେ ବଡ଼ ରୋହି, ଭାକୁରକୁ ଧରିବା ଦରକାର । ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକଥାକୁ ଟିକେ ଧ୍ୟାନ ଦେବେ କି?

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

---

## ଆମ ସମୟର କବିତା.....

### ।। ବୋଉ ।।

**ସନ୍ନ୍ୟାସୀ ନାୟକ**



ବୋଉ
ତୋ ଅଣ୍ଟାଭଙ୍ଗା ଚାଲି
ଭଙ୍ଗାଗୋଡ଼ର
ଅନେକ କାହାଣୀ,
ସମୁଦ୍ର ବେଳାଭୂମିରେ
ବିସ୍ତୀର୍ଣ୍ଣ ବାଲିର ତୋ ଦୁଃଖ
ମାପିବାକୁ ନାହିଁ ଗଉଣି .....

ବୁଝିପାରେ ନାହିଁ ଲୋ ବୋଉ
ତୁ କାହିଁକି
ବାର ଓଷା ବ୍ରତେ ସଢୁ,
କଳେସୀ ଲାଗିବା
ଲୁଗାର ମଇଳା
ମୋ ଦେହରେ ଆଣି ଝାଡୁ ....

ପାଟିରେ କୁଟା
ପାଦେ ଶରଣ ଯାଇ
ଦାଣ୍ଡିଆ ଆଗରେ ଗଡୁ,
ହକଦିଅ ନିଆଁ
ଝୁଣାର ଝୁଲରେ
କାହିଁକି ନିଜକୁ ପୋଡୁ ....

ଷଠି ଓଷା ପୂଜି
ବଜରମୂଳିରେ
କାହିଁକି ବାଡ଼ଉ ଥାଉ,
ଦେଉଳିଆ ମଣ୍ଡା
ଆଗରେ ଥୋଇ
ଢ଼ୋ ଢ଼ୋ ମୁଣ୍ଡ ପିଟୁ ....

ନିଶାମଙ୍ଗଳ ବାରେ
ରାତି ଅଧଟାରେ
ଅଧିଅ କାହିଁକି ପଡୁ,
ରାତି ନ ପାହୁଣୁ
ଦେଉଳ ବେଢାର
ପାଟ ଅଗଣା ଝାଡୁ ...

ଭୋକିଲା ଭିକାରି
ଦେଖିଲେ ବୋଉଲୋ
ଶରଧାରେ ଫାଟି ଯାଉ,
ପଖାଳ କଂସାରେ
ଶାଗପେଜ ଦେଇ
ପେଟେ ଖୁଆଉ ଥାଉ ...

ନିଦରେ ନିଦରେ
ବାଉଳି ହୋଇ
ହାଉଳି ଖାଇଲେ
ଛାତିରେ ଭିଡିକି ଧରୁ,
ତୁଚ୍ଛା ବାହାନାରେ
ଯା ଯା କହି
ଭୁତକୁ ଭଗାଉ ଥାଉ ...

କଷ୍ଟ ତୋର
ବୁଝିପାରେ ନାହିଁ ବୋଲି,
ବୋଉଲୋ
ବରୁଣାଇ ପାହାଡ଼
ତିଖକୁ ଚଢେ,
ଦେଖିଛି ଉଡିବା
ନୀଳଚକ୍ର ବାନା
ଦୁଃଖ ଉଡାଇ
ଫରଫର ହୋଇ ଉଡେ...

ତୋ ପଣତ କନିଟା
ଉଡ଼ିଲେ ବୋଉଲୋ
ଦୁଃଖ ଉଡେ ନେଇ କେତେ,
ଭୁବନ ବିସ୍ତାର
ତୋ ପଣତ କାନିଟା
ଗୁଡ଼ାଇ ତୁଡାଇ
କାନ୍ଦିବାକୁ ଦେବୁ ମୋତେ ....

❤ ଚକ୍ଷୁ ସହାୟକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ
(ମୋ) ୯୪୩୭୩୫୨୫୬୦

### ।। ବର୍ଷା ।।

**ସୁରେନ୍ଦ୍ର ପାଣିଗ୍ରାହୀ**





ନୀରବ ନଈର ନାଉରୀ ଆଜି ମୁଁ ଗାଉଛି ଜୀବନ ଗୀତ
ଝଡ଼ ବରଷାରେ ପାତିଛି ତଳେଇ ଆସଗୋ ପରାଣ ମିତ ।

ବାଦଲ ଘୋଟିଲେ ବରଷା ଝରିଲେ ପାଦ ଚାପି ତୁମେ ଆସ
ସାରା ରାତି ବସି ଦେଖାଅ ସପନ ଛୁଆଁର ମିଠା ପରଶ ।

ମେଘ ହୋଇ ତୁମେ ଭାସ ଗୋ ସଜନୀ ମୋ ମନ ଆକାଶ ସାରା
ବରଷା ଗାଉଛି ଆମରି କାହାଣୀ ବଜାଇ ଯୋଡ଼ି ନାଗରା ।

ତୁମ ଆଖିଧାରେ କଜଳର ଗାର ମେଘ ପରି ଦିଶୁଥାଇ
ଚାହାଣି ସତେକି ପୁନେଇର ଜହ୍ନ ହାତଠାରି ଡାକେ ରହି ।

ପାଇଛି ଆଜି ମୁଁ ବରଷା ରାତିରେ ଛାଡ଼ିବିନି ଆଉ ଜମା
ମେଘ, ଅଂଧାର ଓ ବିଜୁଳି ଚମକେ ମାଗିନେବି ଗୋଟେ ଚୁମା ।

ଭିତରେ ବରଷା ବାହାରେ ବରଷା ରାତିଯାଏ ସରିସରି
ଥିରି ଥିରି ଜଳେ ଜୀବନ ପ୍ରଦୀପ ବାକି ଦିନ ଦୁଇ ଚାରି ।

ଏଇ ମେଘରାତି ଆସିବନି ଆଉ କାଲିକି ହେବ ଦି'ଦିନ
ଏ ଶୂନ୍ୟଘଟରେ ଭରିଦେବା ଜଳ ଛାଡ଼ିବା ଆଗରୁ ପ୍ରାଣ ।

❤ ରୋଡ଼ ନଂ-୪, ଜଗନ୍ନାଥ ନଗର, ଜିଜିପି କଲୋନୀ,
ଭୁବନେଶ୍ୱର-୭୫୧୦୧୦
ମୋ: ୯୪୩୭୨୮୨୯୮୪

### ।। ତମେ ଥିଲେ ସାରା ଆକାଶ ନିଜର ।।

**ମହେଶ୍ୱର ପଧାନ**



ମୁଁ ଝୁଣିଝାଣି ହେଇଯିବାର
ପ୍ରତିଟି ମୁହୂର୍ତ୍ତ ପରେ
ତମେ ହିଁ ଫେରେଇଦିଅ
ମୋର ସବୁଜିମା
ମୁଁ ଥୁଣ୍ଟା ହେଉ ହେଉ
ଫେରିପାଏ ବିଗତ ଯୌବନ।

ମୁଁ ଯେତେଥର ଶରବିଦ୍ଧ ହୋଇ
ଆହତ ପକ୍ଷୀ ପରି ଖସିପଡ଼େ ଆକାଶରୁ,
ତମେ ହିଁ ସିଦ୍ଧାର୍ଥ ଭଳି
କୋଳେଇ ନିଅ ମତେ
ଲେପିଦିଅ ଆଞ୍ଜୁଳେ ଉତ୍ସାହ ପ୍ରତିଟି କ୍ଷତରେ;
ମୋ ପିଠିରେ ଖଞ୍ଜିହୁଏ ଡେଣା ଓ
ଆକାଶ ଜିଣିବାର ଉଡ଼ାଣ।

ବେଳେ ବେଳେ ଭାବେ
ତମକୁ ପାଇ ନଥିଲେ
ମୁଁ କ'ଣ ମୁଁ ହୋଇ ରହିଥାନ୍ତି
ନା କେବେଠୁ ବୃକ୍ଷଚ୍ୟୁତ ପତ୍ର ଭଳି
ସଢ଼ି ଚାଲିଥାନ୍ତି ଭିତରେ ଭିତରେ ।

ମଇତ୍ର ! ତମେ ଅଛ ବୋଲି
ଡେଣା ଥାଉ ବା ନଥାଉ
ସାରା ଆକାଶ ଲାଗେ ନିଜର,
ତମେ ଅଛ ବୋଲି ହିଁ ତ
ପ୍ରତି ଆଘାତରୁ ପତ୍ରେଇଯାଏ
ଆହୁରି ନିଘଞ୍ଚ ହୋଇ ସବୁଥର ।।

❤ ଧୂଳୁଣ୍ଡା, ୧୯ଖଣ୍ଡ ମୌଜା
ଝାରସୁଗୁଡ଼ା
ମୋ- ୯୦୭୮୯୩୧୫୨୨

### ।। ବାଲିଘର ।।

**ଧନଞ୍ଜୟ ସ୍ୱାଇଁ**





ତୁମେ ବସନ୍ତର ମଉଳା କୁହୁରେ ପବନର ପାଦ ଶବ୍ଦ
ଦକ୍ଷିଣୀ ଖଂଜାରେ ତୁମେ ମୋ' ଆଖିରେ ଦି'ପହର ଛାଇ ନିଦ
ତୁମେ ପାଟବିଲେ ଖରାର ଖଣ୍ଡିଆଭୂତ ନିଆଁ-ନାଚ କରି
ତୁମେ ଡାକ ଧୂଳି ଧୂମାଳ ପବନେ ବରଷାକୁ ହାତ ଠାରି।

ତୁମେ ପ୍ରଜାପତି କାନରେ ଶୁଣାଅ ଫୁଲ ଫୁଟିବାର ଗୀତ
ଚଇତି ଚିଠିରେ ତୁମେ ପୁଣି ଶୀର୍ଣ୍ଣ ଶୀତର ଦସ୍ତଖତ
ତୁମେ ଆଷାଢ଼ରେ ଇନ୍ଦ୍ରଧନୁରୁ ମୁହଁ କାଢ଼ିଥିବା ମେଘ
ତୁମେ ବି ଫାଲ୍‌ଗୁନ ଫୁଲ ପାଖୁଡ଼ାରେ ପ୍ରଥମ ରତୁର ରଙ୍ଗ।

ହାତଗଢ଼ା ବାଲି ଘରଟି ମୋଅର ଭାଙ୍ଗିଗଲେ ଢ଼େଉ ମାଡ଼େ
ମତେ ଲାଗେ ମୋର ବଗିଚା ଉଜୁଡ଼ି ଯାଇଛି ସମୟ ଝଡ଼େ
ଜୀବନର ପଥ ଯେବେ କଣ୍ଟକିତ ଲାଗେ ମିଛ ଠିକଣାଟେ
ସେ ପଥରେ ସେବେ ତୁମ ଆଶିଷର କୋଟିଏ କୁସୁମ ଫୁଟେ।

ମୁଁ ଚକୋର ଚିର ଶୋଷରେ ଆତୁର ଶୂନ୍ୟ ଆକାଶେ ଚାହିଁ
ତୁମେ ସେ ଶୂନ୍ୟ ଆକାଶେ ମୋ' ଲାଗି ଶ୍ୟାମଳ ମେଘର ଛାଇ।

❤ ରାଜେନ୍ଦ୍ର ନଗର
ମଙ୍ଗଳା ମନ୍ଦିର ରାସ୍ତା, କଟକ-୧୦
ମୋ: ୯୪୩୭୦୦୦୬୩୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୧୬ ଜୁଲାଇ ୨୦୨୩



■ ଆଲୋଚନା ■

# ଗାଁ ଦିଅଁ ଆମ ଜନ ଜୀବନ ?!

## ପ୍ରଦୋଷ କୁମାର ଦାସ



ଲୋଡ଼ିଲେ, ନିଉଛଣା ହୋଇ ସୁମରିଲେ ସବୁଠି ଦିଅଁ ଦର୍ଶନର ଆପେ ଆତ୍ମଚିନ୍ତନରେ ପରିସ୍ଫୁଟନ ହୋଇଯିବ। ଦାସିଆ ବାଉରୀ ହାତରୁ ପ୍ରଭୁ ଜଗତର ନାଥ ନଡ଼ିଆ ନେଇଗଲା ଭଳି ଅବିସମ୍ବାଦିତ ଘଟଣା ଭକ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ନଘଟିବ କାହିଁକି ? ଭକ୍ତ ବତ୍ସଳ ଈଶ୍ୱର କେତେ ରୂପରେ ତାର ଭକ୍ତଙ୍କ ଭକ୍ତି ନିଷ୍କାମ ପରଖି କେତେ ବେଳେ ଆସି ପରମ ସାନ୍ନିଧ୍ୟ ଦେବାର ଅବକାଶ ରଖି ଦେଇଥିଲେ, ତାହା ସେହି ଭକ୍ତ ହିଁ ଜାଣିପାରେ। ଆତ୍ମା ପରମାତ୍ମାର ସମାହାର ଓ ପାରସ୍ପରିକ ସହକାର ଲଭିବା ପାଇଁ ଆପଣା ମନ ମନ୍ଦିରର ଘଣ୍ଟି ବଜାଇବା କୁ ପଡ଼ିବ। ଏହି ନଶ୍ୱର ଶରୀରର ଆଧାର ରୂପକ ପ୍ରାଣକୁ ଧନ୍ୟ କରିବାକୁ ହେଲେ ,ଆମକୁ ଆମ ଚାରିପଟ ନିରୀହ ନିଷ୍ପେସିତ ଅଲୋଡା ମଣିଷର କାରୁଣ୍ୟତାକୁ ଅନୁଭବ କରି ସେମାନଙ୍କୁ ପ୍ରଗାଢ ଭଲପାଇବା ବାଣ୍ଟିବାକୁ ହେବ। ଦୟା କ୍ଷମାର ପୂଜାରୀ ତଥା ବିବେକୀ ମଣିଷ ସ୍ୱୟଂ ଯେ ଦେବତା ରୂପୀ ପବିତ୍ର ଆତ୍ମା ଅଟେ, ତାହା ତାର ସୁକର୍ମ ସମ୍ପାଦନାରୁ ଆପେ ପ୍ରତିଭାତ ହୋଇଯାଏ। ଯାହାର ଆତ୍ମିକ ପ୍ରଭାବ ସାରା ସମାଜକୁ ଏକ ସକରାତ୍ମକ ପରିବର୍ତ୍ତନ ଆଣିଦେଇଥାଏ ।

ଆମ ବାପାଙ୍କ ବାପା, ଗୋସିବାପ ଓ ଆହୁରି ପଛକୁ ଗଲେ, ତାଙ୍କ ବାପ, ଜେଜେବାପ ଅମଳରୁ କିଏ ସେହି ଭଗବତ୍ ପ୍ରେମୀ ତାଙ୍କ ଗାଁ ର ଆରାଧ ଦେବତା ଓ ଅନ୍ୟାନ୍ୟ ଦେବାଦେବୀଙ୍କ ପୂଜା ଅର୍ଚ୍ଚନା ଓ ଆରାଧନା ପାଇଁ ଛୋଟ ବଡ଼ ମନ୍ଦିର ଗଢାଇ ସାଧାରଣ ରେ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ବାତାବରଣ ସୃଷ୍ଟି କରିଯାଇଥିଲେ, ତାକୁ ଏବେ ପଚାରେ ଅବା କିଏ ? କିଏ ସେହି କାରିଗର, ଯାର ନିହଣ ମୁନର ଯାଦୁକରୀ ସ୍ପର୍ଶରେ ରାଶି ରାଶି ମନ୍ଦିର ଗାତ୍ରରେ କେତେ କେତେ ଚାରୁ ଓ କାରୁ କଳାର ସୂକ୍ଷ୍ମ କାରିଗରୀ ସେହି ପୁରୁଣା ମନ୍ଦିର ମାନଙ୍କରେ ଫୁଟି ଉଠିଥିଲା ! ହିନ୍ଦୁ ଧର୍ମର ୩୩ କୋଟି ଦେବତାଙ୍କ ମଧ୍ୟରେ ବିଶେଷ କରି ବିଷ୍ଣୁ ତଥା ଶୈବ ଶାକ୍ତ ପୀଠାରେ ଭଳି ଭଳି ନାମ ଓ ମହାତ୍ମ୍ୟ ଯୋଡ଼ି ଦେଇ ଧର୍ମ ବିଶ୍ୱାସୀ ମଣିଷ ପୂଜାପାଠ ସହ ମନ ଚୈତନ୍ୟ କୁ ତାର ନିବିଡ ଆଧ୍ୟାତ୍ମିକତା ସହ ସାମାଜିକ ପ୍ରାଣୀ ଭାବେ ସାଧୁ ମଣିଷ ଭାବେ ସାଧାରଣରେ ସତ୍ୟ ଧର୍ମ ଶାନ୍ତି ପ୍ରେମ ସଂହତି ସ୍ଥାପନା କରାଇଥିଲେ ।

ସଂଖ୍ୟା ବହୁଳ ପୁରାତନ ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ । ଅତୀତର ସୁଶୋଭିତ ମନ୍ଦିର କାନ୍ଥରେ ଅନାବନା ବୃକ୍ଷରାଜୀ ସମେତ ବର ଓସ୍ତର ଚେର ମାଡ଼ି ଗଲାଣି। ତାକୁ ସଫା କରିବାରେ କାହାର ସ୍ପୃହା ରହୁନାହିଁ। ଅନେକ ମନ୍ଦିର ଉପରେ ଗଛଲତା ମାଡ଼ି ଯେପରି ତାଙ୍କ ଆସ୍ଥାନ ମେଲାଇ ଏକପ୍ରକାର ଅରମା ବଣର ଭ୍ରମ ସୃଷ୍ଟି କରୁଛି। ପାଖ ବାସିନ୍ଦାଏ ନିଜର ଚାକଚକ୍ୟ ଘର ଉପରେ ସାମାନ୍ୟ ପତ୍ରଟିଏ ପକାଇ ଦେଉନଥିବା ବେଳେ ଗାଁ ଦେବାଦେବୀଙ୍କ ମନ୍ଦିରର ଶ୍ରୀହୀନତାକୁ ଦେଖି ନଦେଖିଲା ଭଳି ହୁଅନ୍ତି। ନିଜ ଜନ୍ମ ମାଟି, ଭିଟାମାଟିର ଆରାଧ ଠାକୁର ତଥା ତାଙ୍କର ମନ୍ଦିରର ଯଦି ଏଡେ ହୀନିମାନ ଅବସ୍ଥା, ତେବେ ଏହାର ଐତିହ୍ୟ ସୁରକ୍ଷା ଥିବା ସ୍ୱପ୍ନ ଭଳି ଅଟେ। ଏଭଳି ନିରବଦ୍ରଷ୍ଟା ସାଜିଲେ ନିଜେ ନିଜକୁ କ୍ଷମା ଦେଇ ପାରିବ ତ !? ଗାଁ ଦିଅଁ ଶିରୀହୀନ, ହୀନିମାନ ଅବସ୍ଥାରେ ରହିଲେ ଗ୍ରାମବାସୀଙ୍କର ଅବା କେଉଁ ଯଶ ବାନା ଫର ଫର ହୋଇ ଉଡିବ !?

ହାୟ, ଏବେ ଗାଁ ର ପୁରୁଣା ମନ୍ଦିର ଗୁଡ଼ିକରୁ ସଂଖ୍ୟାଧିକ ରକ୍ଷଣାବେକ୍ଷଣ ଅଭାବରୁ ତଥା ଆଧ୍ୟାତ୍ମିକ ସଂହତିର ଅଭାବରୁ ଭାଂଗିବାକୁ ବସିଲେଣି। ଅନେକ ଧର୍ମ ପୀଠର ସ୍ଥାନାଧିପତି ଦେବାଦେବୀ ଦିନକୁ ଦିଓଳା ପୂଜା ଅର୍ଚ୍ଚନା ପାଇବା ଦୂରେ ଥାଉ, ସର୍ବ ନିମ୍ନ ପାଣିପତ୍ର ଟିକେ ପାଇବା ଦୁଷ୍କର ହୋଇଯାଉଛି। ଗାଁରେ ଗ୍ରାମବାସୀ ଥାଇ ନଥିବା ଭଳି। ଦେବାଦେବୀଙ୍କୁ ନୀତିକାନ୍ତି ପୂଜା ଅର୍ଚ୍ଚନା କଲାବେଳେ ଏବେ ଗାଁ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତଙ୍କ ଅଭାବରୁ ମନ୍ଦିରରେ ଯାନ୍ତ୍ରିକ ଘଣ୍ଟ ମୃଦଙ୍ଗ ବାଦନ ଶୁଣିବାକୁ ମିଳୁଛି। ହରିବୋଲ ହୁଳହୁଳି ଏବେ ଅନେକ ମନ୍ଦିରରେ ସପନ ହେଲାଣି। ଗାଁ ର ପୁନିଅ ପର୍ବ ପାଳନ ପାଇଁ ଆଉ ସେପରି କାହାର ଆନ୍ତରିକତା ରହୁନାହିଁ। ବୁଝାମଣା ରକ୍ଷା କରି ଠାକୁରଙ୍କ ସେବା କରିବାକୁ କେହି ମନରେ ଆଧ୍ୟାତ୍ମିକ ଚିନ୍ତନ ରଖୁନାହାନ୍ତି।

ଜୀବନରେ ଆମେ ଆମ ହୃଦୟରେ ନିର୍ବିକାର ଭଗବତ ବିଶ୍ୱାସ ରଖି ସରଳ ନିରାମୟ ଜୀବନ ପୋଷଣ କରିବା ଜରୁରୀ। ଏଣୁ ଆମର ଐତିହ୍ୟ ତଥା ଗ୍ରାମ୍ୟ ଜୀବନର ଭକ୍ତି ନିବେଦନ ର କ୍ଷେତ୍ର ରେ ସୁରକ୍ଷା ପାଇଁ ପୁରାତନ ଧର୍ମ ପୀଠର ରକ୍ଷଣାବେକ୍ଷଣ କରି ସଂସ୍କୃତି ସଚେତନତା ସୃଷ୍ଟି କରିବା ଆବଶ୍ୟକ।



ସାଂପ୍ରତିକ ସମୟରେ ଆମ ଜନ୍ମମାଟିର ଆରାଧ ଦେବାଦେବୀଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିବା ନିମନ୍ତେ ମନ୍ଦିର ପୀଠର ସମ୍ବରକ୍ଷଣର ଆବଶ୍ୟକତାକୁ ବୁଝିବା ଜରୁରୀ । ବାର ମାସରେ ତେର ପର୍ବ, ଭଳି ଭଳି ପିଠାପଣା ଭୋଗରାଗ ପ୍ରସ୍ତୁତି ସହିତ ଦୁଆର ମୁହଁରେ ଠାକୁର ଭୋଗ ଖିଆ, ମେଳଣ ରୋଷଣୀ , ପାଲା,ସଂକୀର୍ତ୍ତନ, ବିଶ୍ୱ ଶାନ୍ତି ହୋମଯାଗ ପ୍ରତିଟି ଗାଁ ର ସାମାଜିକ ଚଳଣି ତଥା ଧାର୍ମିକ ସଂସ୍କୃତିର ଅଂଶ ବିଶେଷ। ଗାଁର ଯାନିଯାତ୍ରା, ପର୍ବପର୍ବାଣୀ, ମେଳା ମଉଛବ, ଯନ୍ତାଳ ଭୋଜି ଭାତରେ ସାମିଲ୍ ହୋଇ ଗ୍ରାମବାସୀର ପରିଚୟରେ ଆହା କି ଆନନ୍ଦ ! ଗାଁ ମନ୍ଦିରରେ ତଥା ଚଉପାଢି, ମଣ୍ଡପରେ ଗାଁର ଆରାଧ ଠାକୁର ଠାକୁରାଣୀଙ୍କ ଅନିନ୍ଦ୍ୟ ଦର୍ଶନ ଲାଭ ସୈ।ଭାଗ୍ୟର କଥା। ଗାଁ ଛାଡି ସହରରେ ଅବସ୍ଥାନ କରୁଥିଲେ ମଧ୍ୟ ସଭିଏଁ ଆପଣା ଉଦ୍ୟମରେ ସମସ୍ତଙ୍କୁ ଯୋଡ଼ି ଏହାର ଐତିହ୍ୟକୁ ସର୍ବନିମ୍ନ ପୁନରାବଲୋକନ କରିବାକୁ ଅଣ୍ଟା ଭିଡ଼ିଲେ ଯାଇ ଆମ ଆତ୍ମାକୁ ଗାଁ ସଂସ୍କୃତି ସହ ଆପେ ଯୋଡି ହୋଇ ଯିବ। । ପୁରୁଣା ମନ୍ଦିରକୁ ରକ୍ଷଣାବେକ୍ଷଣ କରିବା ବେଳେ ଏହାର ପ୍ରତ୍ନତତ୍ତ୍ୱ ବିଶେଷତ୍ୱକୁ ମଧ୍ୟ ସମୁଳେ ବୁଝିବାକୁ ଅନୁସନ୍ଧିତ୍ସା ରଖିବାକୁ ହେବ। ଗାଁ ର ଶିକ୍ଷିତ ସମାଜରେ ଏହା ପ୍ରତି ଜାଗରଣ ସୃଷ୍ଟି ହେବା ଆବଶ୍ୟକ। ।

ତୀର୍ଥାଟନରେ ଯିବା ମନା ନାହିଁ। ହେଲେ ଆପଣା ଜନ୍ମମାଟିର ମହତ୍ତ୍ୱକୁ ବୁଝି ଗାଁ ଦିଅଁ, ଗାଁ ଐତିହ୍ୟ, ଗାଁ ସଂସ୍କୃତି, ଗାଁ ର ପୀଡ଼ିତ,ଅଭାବୀ ମଣିଷର ମନକୁ ବୁଝିପାରି ଅସମୟରେ ଛିଡ଼ା ହୋଇ ତା ପାଇଁ ଆବଶ୍ୟକ କର୍ତ୍ତବ୍ୟ କର୍ମ ସମ୍ପାଦନ କଲେ ଯାଇ କୋଟି ତୀର୍ଥାଟନର ଫଳ ସହ ସୈ।ଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହାକୁ ଆତ୍ମାରେ ଆତ୍ମାରେ ନିରତ ଅନୁଶୀଳନ କରିବାକୁ ହେଲେ ଅନୁରାଗ ଓ ଅନୁରକ୍ତିର ପ୍ରଗାଢତା ସବୁ ଆପେ ଆସିଯିବ। ଏଥିରେ ପରମ ସନ୍ତୁଷ୍ଟି ମିଳିବା ମିଳିବାରେ ଦ୍ୱିରୁକ୍ତି ନାହିଁ। ହେଲେ ସୁବିଧାବାଦୀ ଚିନ୍ତାରେ ରହିଲେ ଆପଣା ବିବେକ ଆପଣା ମନ ହୃଦୟରେ ଅନୁରଣିତ କରିବ ଏତିକି ଯେ, ଆରେ ଅବଲୋକରା, ସକଳ ତୀର୍ଥ ଏହି ଗାଁ ର ପାଣି ପବନରେ, ନିତି ତୋର ଗାଁ ଭାଇଙ୍କର ଜନ ଜୀବନରେ ! ' ଗାଁ ଦିଅଁଙ୍କୁ କାହିଁ କରୁ ଏତେ ଶିରୀହୀନ ଓ ହୀନିମାନ ! ଲାଭ ବା କ'ଣ ହେବ, କରି ତୁହି ଗାଁ ବାହାରେ ଏତେ ତୀର୍ଥାଟନ !?

♥ 'ନାଚୁଣୀ,
ଖୋର୍ଦ୍ଧା ପିନ୍:-୭୫୨୦୩୪,
(ମୋ)-୬୩୭୦୪୯୫୯୪୪

ଗୋଟେ ଭିନ୍ନ ସ୍ୱାଦର ଗପ

# ଅର୍ଦ୍ଧନାରୀଶ୍ୱର



## ଶ୍ରୁତି ଶୈଳଜା

ଛାଟିପିଟି ହଉଥିଲା ସେ । ଛଟପଟ ବି ହଉଥିଲା ଭିତରେ ଭିତରେ । ଭଲରେ ନିଶ୍ୱାସ ନେଇ ପାରୁନଥିଲା ସେ । ଭାବୁଥିଲା ଏକ୍ସଟ୍ରା ଲାର୍ଜ ସାଇଜର ଅନାରକଲିଟା ଉଠେଇବ, ହେଲେ ଲାର୍ଜ ସାଇଜଟା ଉଠେଇଥିଲା । କାଳେ ଅଳ୍ପ ବହୁତ ପତଳା ହେଇ ଯାଇଥିବ ସେ ।

କିଛି ଦିନ ହେଲାଣି ସକାଳୁ ଉଠି ଆଗ ଉଷୁମ ଲେମ୍ବୁପାଣି ପିଉଚି, ସକାଳ ବେଳା ସୋସାଇଟିର ମହିଳାମାନଙ୍କ ସହ ପାଖ ପାର୍କକୁ ଚାଲିବାକୁ ଯାଉଛି । ନିଶ୍ୱାସ ଅଟକେଇ ପଛ ଜିପଟା ବନ୍ଦ ତ କରିଦେଇଥିଲା, ହେଲେ ଫିଟେଇଲା ବେଳକୁ ଅଟକି ଯାଇଛି ମଝିରେ । ବହୁତ ଚେଷ୍ଟା କଲାଣି, ମାତ୍ର ପାରୁନି । ଦେବେଶ ଏଇଭଳି ପରିସ୍ଥିତିରେ ବହୁତ ମନେପଡ଼ନ୍ତି । ସେ ପାଖରେ ଥିଲେ ଏ ସବୁର ଚିନ୍ତା ନଥାନ୍ତା ତାକୁ । ସେ ଏବେ ତା ସହ ଥିଲେ, କେତେବେଳୁ ଫସି ଯାଇଥିବା ଜିପ୍‌ଟାକୁ ତଳକୁ ଖସେଇ ସାରନ୍ତେଣି । ଜିପ୍ ଫିଟେଇବାର ବିଫଳ ଚେଷ୍ଟା କରି କରି ଥକି ଯାଇଥିବା ହାତକୁ ଆରାମ ଦେବା ପାଇଁ ଟିକେ ରହିଗଲା ସେ । ଡ୍ରେସିଂ ରୁମ ଭିତରେ ଥିବା ଆଇନାରେ ନିଜକୁ ଦେଖିଲା । ମୁହଁର ଚମ ଶୁଖିଗଲାଣି, ଟିକେ ଟିକେ କୁଞ୍ଚ ବି ପଡ଼ିଲାଣି, ଆଖି କୋରଡ଼ ଭିତରକୁ ପଶିଗଲାଣି । ଲାଗୁଛି ଯେମିତି ଜୀବନଠୁ ହାର୍ ସ୍ୱୀକାର କରି ସାରିଲେଣି । ତା ସାଙ୍ଗକୁ ମୁଣ୍ଡର ପାଚିଲା ଚୁଟି । ଚୁଟି ପାଚିବା ତାର ଦୁଃସ୍ୱପ୍ନ ଭିତରୁ ଗୋଟେ । ସେତକ ବି ସତ ହେଇ ସାରିଲାଣି । କିଏ କହିଲା ସ୍ୱପ୍ନ ସତ ହୁଏ, ସ୍ୱପ୍ନ ଠୁ ଅଧିକ ଦୁଃସ୍ୱପ୍ନ ସତ ହୁଏ । ଏ ମାସ ଚୁଟିରେ କଳା ଲଗେଇବାକୁ ସମୟ ପାଇନି ସେ ।

ନିଜଠୁ ପନ୍ଦର ବର୍ଷ ବୟସରେ ବଡ଼ ଦେବେଶଙ୍କୁ ସେ ଯେବେ ବାହା ହେଇଥିଲା, ସବୁ ନାକ ଟେକିଥିଲେ । ଅଳ୍ପ କିଛି ପାଟି ଖୋଲି ବିରୋଧ କରିଥିଲେ, ବେଶୀ ପିଠି ପଛେ ଟାହି ଟାପରାରେ ଭାଗ ନେଇଥିଲେ । କିନ୍ତୁ ସିଏ କାହାର କିଛି କଥା ଶୁଣିନଥିଲା । ସେ ତ ଭଲ ପାଇଥିଲା ଜଣେ ଅଭିଜ୍ଞ ମଣିଷକୁ ! ଜୀବନକୁ ତାଠୁ ଅଧିକ ବୁଝିଥିବା ଜଣେ ପୁରୁଷକୁ !!

ଦେବେଶ ଥରେ କହିଥିଲେ, "ମୋ ପରି ଗୋଟେ ବୈରାଗୀ ତମ ପ୍ରୀତିରେ କେମିତି ପଡ଼ିଗଲା ଜେକାଣି ? ବୋଧହୁଏ ମନରେ ସବୁଦିନ ପିଲାଟେ ହେଇ ରହିବା ପାଇଁ ।" ସେ ଜୋରରେ ହସିଥିଲା । କହିଥିଲା, "ଦେଖିବା ତମେ ମୋ ପରି ପିଲା ହେଇ ରହୁଛ ନା ମୁଁ ତମ ପରି ବୈରାଗୀ ହେଇଯାଉଛି ଧୀରେ ଧୀରେ !" ଦେବେଶ ତା ସହ ସର୍ତ୍ତ ଲଗେଇଲା ପରି କହିଥିଲେ "ହଉ ଦେଖିବା ।"

ଜିପ୍‌ଟାକୁ ପୁଣି ଥରେ ଖସେଇବାକୁ ଚେଷ୍ଟା କଲା ସେ । ନା, କିଛି ଲାଭ ନାହିଁ, ଡ୍ରେସ୍‌ଟାକୁ ଦି' ସାଇଡରୁ ଧରି ଟାଣିଦେଲେ ଯିବ, ଡ୍ରେସଟା ଫାଡ଼ି ହେଇ ଗଲେ ହେଇଯାଉ ପଛେ ! ନା, ସେଟା ବି କରି ହବନି । ଦାମିକା ଡ୍ରେସ । ସେମିତି କଲେ ଟଙ୍କା ଦେଇ ଚିରା ଡ୍ରେସ ଧରି ଘରକୁ ଫେରିବାକୁ ହବ । ଉପାୟହୀନ ହୋଇ ପାଖରେ ପଡ଼ିଥିବା ଷ୍ଟୁଲ ଉପରେ ବସି ପଡ଼ିଲା ସେ । ବସୁ ବସୁ ପୁଣି ମନେପଡ଼ିଲା ଦେବେଶଙ୍କ କଥା । ଏକା ଏକା ଡ୍ରେସ କିଣି ଆସିବାକୁ ଜମା ଭଲ ଲାଗେନି ତାକୁ । ସେଥିପାଇଁ ଆଉ କିଣାକିଣି ବି କୋଉ କରୁଛି କି ସେ । ଖାଲି ନିଜ ପ୍ରଥମ ଦରମାରେ ପୁଅ ତାକୁ ତା' ପାଇଁ ଡ୍ରେସଟେ କିଣିବାକୁ କହିଛି ବୋଲି ଏ ଦୋକାନକୁ ବହୁତ କଷ୍ଟରେ ଆସିଛି ସେ । ତା' ବ୍ୟାଙ୍କ ଏକାଉଣ୍ଟକୁ କେବେଠୁ ଟଙ୍କା ପଠେଇସାରିଲାଣି ପୁଅ । ପିଲାମାନଙ୍କର ନିଜ ପ୍ରଥମ ଦରମାରେ ବାପା ମା'ଙ୍କ ପାଇଁ କିଛି କିଣିବାର ଖୁସି ଅଲଗା । ସେ ତା ପୁଅକୁ ଏ ଖୁସିରୁ ବଂଚିତ କରେଇବ କାହିଁକି ଯେ !

ଦେବେଶଙ୍କ ପାଇଁ ନୀଳ ସାର୍ଟଟେ ଧରିଥିଲା ସେ । ଦେବେଶଙ୍କୁ ଯେବେ ପ୍ରଥମଥର ଦେଖିଥିଲା, ପୁରା ଦେହଯାକ ତାଙ୍କର ନୀଳରଙ୍ଗ ବୋଳା ହେଇଥିଲା। ମୁଣ୍ଡରେ ଚୁଟିର ଜଟା, ଲାଗୁଥିଲା ସେତକ ତାଙ୍କ ମନ ମସ୍ତିଷ୍କ ଆଉ ଶରୀରକୁ ଏକାଠି ବାନ୍ଧି ରଖିଥିଲା ଯେମିତି । ତାଙ୍କ କପାଳରେ ଅଙ୍କା ହୋଇଥିବା ତୃତୀୟ ନୟନ ଦେଖି ତାକୁ ଲାଗିଥିଲା ଜୀବନର ସବୁ ଦୁଃଖ, କଷ୍ଟ ବିଶ୍ୱର ବିଶାଳତା ଆଗରେ କେତେ ଛୋଟ ! ସମୁଦ୍ର ପାରି କରି ପାରିବା ଭଳି ଅସମ୍ଭବ କାର୍ଯ୍ୟ ସମ୍ଭବ ବୋଲି ମନେ ହେଇଥିଲା ତାକୁ । ସେଦିନ ତାଙ୍କ ହାତରେ ଥିବା ତ୍ରିଶୂଳ ତା ମନ ଭିତରର ଅଂହଭାବକୁ ଛେଦି ତାକୁ ଶାନ୍ତ କରି ଦେଇଥିଲା ସେଇ ମୁହୂର୍ତ୍ତରେ । ତାଙ୍କ ଧ୍ୟାନସ୍ଥ ମୁଦ୍ରା ତା ଜୀବନରେ ଗୋଟେ ସ୍ଥିରତା ନେଇ ଆସିଥିଲା ଯେମିତି । ତାଙ୍କ ଛାତିରେ ବୋଳା ହୋଇଥିବା ବିଭୂତି ଏ ଦୁନିଆର କ୍ଷଣସ୍ଥାୟୀ ସ୍ୱଭାବ ସହ ତାକୁ ଖୁସିରେ ସନ୍ଧି କରିବାକୁ କହିଥିଲା ଯେମିତି । ସେଦିନ ସେ ସଦାଶିବଙ୍କ ଭକ୍ତିରେ ବୁଡ଼ିଥିଲା ନା ତାଙ୍କ ଅଭିନୟ କରୁଥିବା ଜଣେ ସାମାନ୍ୟ ମଣିଷର ପ୍ରେମରେ ପଡିଥିଲା ଜାଣେନି, କିନ୍ତୁ ଦେବେଶଙ୍କ ଅର୍ଦ୍ଧନାରୀଶ୍ୱର ନୃତ୍ୟ ଦେଖିବା ପରେ ବ୍ରହ୍ମାଣ୍ଡର ସବୁ ଗ୍ରହ, ନକ୍ଷତ୍ର ସତେକି ତାଙ୍କ ଚାରିପଟେ ବୁଲୁଛନ୍ତି ତାକୁ ଲାଗିଥିଲା । ଲାଗିଥିଲା ସେ ବି ଯେମିତି ସେମାନଙ୍କ ଭିତରୁ ଜଣେ ! ଅନାକର୍ଷକ ଲାଗୁଥିବା ନାଟକଟି ଜୀବନ୍ତ ହେଇ ଉଠିଥିଲା ହଠାତ୍ । ମନ ଭିତରେ ଫୁଲ ଫୁଟି ଯାଇଥିଲା, ମଉଳିଯାଇଥିବା ଫୁଲମାନେ ବି ପୁଣି ସତେଜ ହୋଇ ପାଖୁଡ଼ା ମେଲିଥିଲେ । ମନର କୋଣ ଅନୁକୋଣରେ କର୍ପୂରର ବାସ୍ନା ଭରିଯାଇଥିଲା ।



ଲୋକମାନଙ୍କ କରତାଳିରେ ତାର ଏ ଅନ୍ୟମନସ୍କତା ଭାଙ୍ଗିଥିଲା । ନାଟକ ସରିଲା ପରେ ଭିଡ଼ ଭିତରୁ ଚେୟାରରୁ ଉଠି ବିନା ବିଳମ୍ବରେ ଦେବେଶଙ୍କ ଆଡ଼କୁ ପାଦ ବଢ଼େଇଥିଲା ସେ । ତାଙ୍କ ସହ ପ୍ରଥମଥର କଥାହବାର ସେ ଅନୁଭୂତି ଆଜି ବି ମନେ ପଡ଼ିଗଲେ, ମନର ଘଞ୍ଚ ଅରଣ୍ୟରେ ଶହ ଶହ ପ୍ରଜାପତି ଉଡ଼ିବା ଆରମ୍ଭ କରି ଦିଅନ୍ତି ।

ଏଥର ଷ୍ଟୁଲ ଉପରୁ ଉଠିଗଲା ସେ । କାହାର ନା କାହାର ସାହାଯ୍ୟ ନବାକୁ ହବ ତାକୁ, ଯିଏ ଯାହା ଭାବିଲେ ଭାବନ୍ତୁ ପଛେ । ସେଲ୍‌ସ ଆସିଷ୍ଟାଣ୍ଟକୁ ଡାକିବ, ସେ ଫସି ଯାଇଥିବା ଜିପ୍ ଫିଟାଇବା ପାଇଁ । ତା' ବେଳା ଖରାପ । ଆଜି ହିଁ ଭିତରେ ଚିରା ବ୍ରା ପିନ୍ଧିବାକୁ ଥିଲା ତାକୁ ! ଆଉ କେତେ ସମୟ ଡ୍ରେସିଙ୍ଗ ରୁମର ଚାରିକାନ୍ଥ ଭିତରେ ବସିବ ସେ ।

ୟା' ଭିତରେ କିଣିଥିବା ନୀଳରଙ୍ଗର ସାର୍ଟ ଜରି ଉପରେ ନଜର ପଡ଼ିଲା ତା'ର । ଜରିରୁ କାଢ଼ି ସାର୍ଟଟିକୁ ହାତରେ ଧରିଲା ସେ । କିଛି ସମୟ ପାଇଁ ସାଇଜ ଟ୍ୟାଗଟିକୁ ହାତରେ ଧରି ଏପଟ ସେପଟ କଲା । ଆକାଶୀ ନୀଳ ରଙ୍ଗ, ଆକାଶର ଏଇ ରଙ୍ଗ କେତେ ଭଲ ଲାଗେ ଦେବେଶଙ୍କୁ ! ସକାଳୁ ଉଠି ଫର୍ଚ୍ଚା ଆକାଶ ଦେଖି ଭାରି ସତେଜ, ସ୍ଫୁର୍ତ୍ତି ଲାଗନ୍ତି ସେ । ଏବେ ଏଇ ନୀଳରଙ୍ଗ ତାଙ୍କୁ କଣ ଆଉ ସଫା ନୀଳ ଆକାଶ ଆଡ଼କୁ ଆକର୍ଷି ପାରୁଛି ! ଏବେତ ସକାଳ ଆକାଶରେ ଲାଲ ରଙ୍ଗ ତାଙ୍କର ଅଧିକ ପ୍ରିୟ; ଯାହା ସମୁଦ୍ରରେ ନାଆ ବାହୁଥିବା ନାବିକଟେ ପାଇଁ ବିନାଶର ବାର୍ତ୍ତା ଧରି ଆସିଥାଏ, ପବନରେ ଦୋଳି ଖେଳୁଥିବା ଛୋଟଛୋଟ ଧାନଗଛ ପାଇଁ ଝଡ଼ଝଞ୍ଜା ନେଇ ଆସିଥାଏ । ସେଇ ଲାଲ ଆକାଶର ପ୍ରୀତି ତା ନୌକାକୁ ଅଧା ସମୁଦ୍ରରେ ବୁଡ଼େଇ ଦେଇଗଲା, ତା ସବୁଜକ୍ଷେତର ଧାନଗଛକୁ ଦୋଳି ଖେଳିବା ଭୁଲେଇ ଦେଇଗଲା !

ସେ କିନ୍ତୁ ବୁଡିଯିବାକୁ ସ୍ୱୀକାର କରି ନଥିଲା । ଆକାଶର ନିୟତି ତ ନୀଳରଙ୍ଗ, ଲାଲରଙ୍ଗ କ୍ଷଣିକର । ସେଥିପାଇଁ ଦେବେଶ ପଠେଇଥିବା କୋର୍ଟ କାଗଜରେ ସେ ଦସ୍ତଖତ କରିନଥିଲା, ନା କରିବ କେବେ । ଫୋନର ରିଂଟୋନ ଶୁଣି ବ୍ୟାଗ ଭିତରୁ ଫୋନ୍ କାଢ଼ିଲା ସେ । ପୁଅର ଫୋନ୍ । ଉଠେଇଲା ଏବଂ ଉଠଉ ଉଠଉ କହିଥିଲା 'ଶୁଣ୍! ତୋ ପାଇଁ ନୀଳରଙ୍ଗର ସାର୍ଟଟେ କିଣିଛି । ଆଜି କୋରିଅର କରିଦେବି, ଜନ୍ମଦିନରେ ପିନ୍ଧିଦେବୁ ।'

ନାବିକ ତା ଅଧା ବୁଡ଼ିଯାଇଥିବା ଡଙ୍ଗା ଉଠେଇବାକୁ ପ୍ରାଣପ୍ରାଣେ ଚେଷ୍ଟା କରୁଥିଲା । ପବନ ଧାନଗଛକୁ ପୁଣିଥରେ ଦୋଳି ଖେଳିବା ଶିଖାଉଥିଲା । ବିଶ୍ୱରେ ସନ୍ତୁଳନ ବଜାୟ ରଖିବା ପାଇଁ ଶିବ ଆଉ ଶକ୍ତି ତାଳ ମିଶେଇ ଏକ ହେଇ ନାଚିଥାନ୍ତି; କିନ୍ତୁ ଦେବେଶ ଯଦି ତାଙ୍କ ଛୋଟ ବିଶ୍ୱକୁ ଭୁଲି ସାରିଲେଣି, ସେଇ ବିଶ୍ୱ ପାଇଁ ସେ ନିଜେ ହେବ ଉଭୟ ଶିବ ଆଉ ଶକ୍ତି । ଏକା ଏକା ରଚିବ ଲାସ୍ୟ ତାଣ୍ଡବ, ଡ୍ରେସିଂ ରୁମ୍‌ରୁ ବାହାରି କାହାକୁ ଡାକିବା ବେଳେ ଏକଥା ଭାବୁଥିଲା ସେ । ●●

କୋଣ୍ଡାପୁର, ହାଇଦ୍ରାବାଦ
(ମୋ) ୮୬୮୮୪୪୯୭୨୩

# ମୁକ୍ତ ଜୀବନ



## ଘନଶ୍ୟାମ ପଲେଇ

ସହରର ଠିକ୍ ଜାଗାରେ ପହଞ୍ଚି ଗଲି ଠିକଣା ନେଇ । ବୁଢା ବରଗଛ ମୂଳକୁ ଟିଣ ଛାଉଣି ଖଣ୍ଡେ । ବିଚ୍ଛିନ୍ନ ହେଇ ପଡିଥାଏ କିଛି ପୁରୁଣା ସିଟ ଆଉ କିଛି ସିଟ କଭରର ଟୁକୁଡା। ଦୋକାନରେ ବସିଥିଲେ ବୁଢା ମଉସା । ଅଶୀ ଛୁଇଁବଣି ବୁଢାକୁ । ନଇଁ ଯାଇଛି ଅଣ୍ଟା । ଲାଗୁଥିଲେ ବ୍ୟସ୍ତଥିଲା ପରି । ପୁରା ଧ୍ୟାନର ସହ ଗଣି ଚାଲିଥିଲେ ପଇସା । ବାରବାର ଗଣୁଥିଲେ ପଇସାକୁ । ଦୁଇ ହାତରେ କିଛି କିଛି ପଇସା ଧରି ଉପରକୁ ଚାହୁଁଥିଲେ ଥରକୁ ଥର। ଗୁଣୁ ଗୁଣୁ ହେଉଥିଲେ ମନକୁ ମନ ।

କୋଉ ଗ୍ରାହକ ପ୍ରାୟ ଚୁନା ଲଗାଇ ଚାଲି ଯାଇଛି ମଉସାଙ୍କୁ । କାମ କରେଇ ସାରିଲା ପରେ ଦେଇନି ତା'ଉଚିତ ମୂଲ୍ୟ। କିଛି ଲୋକଙ୍କ ପାଲଟିଗଲାଣି ମାନସିକତା କାମ କରେଇ ପଇସା ନ ଦେବା। ସେପରି ଗ୍ରାହକଟେ ବୋଧେ ତାଙ୍କୁ ମିଳି ଯାଇଛି ଆଜି । ବ୍ୟସ୍ତ ବ୍ୟସ୍ତ ଲାଗୁଥିଲେ ମଉସା ।

ପଚାରିଦେଲି - ମଉସା ବ୍ୟସ୍ତ କି ! ମୋ ଗାଡି ସିଟ କଭରଟା ବନେଇ ଦିଅନ୍ତେ ?

- ବାବୁ ଟିକିଏ ରୁହ ! ବସ ! ମୁଁ ଟିକିଏ ଆସେ । ବେଶି ବାଟ ଯାଇ ନଥିବ ସିଏ । କହୁଥିଲା ପରିବା କିଛି ନେବ ଘରକୁ ।

ବୁଢା ଉଠି ଚାଲିଲା ପରିବା ବଜାର ଆଡିକୁ ।

ମୁଁ ବସି ବସି ଭାବୁଥାଏ । ଏକରେ ତ ବୁଢା ଲୋକଟା। ଜଣା ପଡୁଛି ସଂସାର ବୋଝରେ ପେଶି ହେଇ କରୁଛି କାମ । ତାକୁ ବି ପୁଣି ଲୋକ ଛାଡୁ ନାହାନ୍ତି ନା ? ଧିକ୍ ମଣିଷ ଜୀବନ।

ବୁଢା ଫେରୁଥାଏ ହସି ହସି । ଆଉ ନାହିଁ କିଛି କ୍ଷଣ ପୂର୍ବର ବ୍ୟସ୍ତତା । ଶାନ୍ତିର ଝଲକ ଖେଳି ଯାଉଥାଏ ମୁହଁରେ ।

ପଚାରିଲି -ମଉସା ! ତାକୁ ପାଇଲ କି ? ପାନେ ଦେଇଥାନ୍ତ ପୋଲିସରେ ଦେଇ । ସବୁ ପଇସା ଜବାବ ମୁତାବକ ଦେଇ ଦେଲା ତ ? ନା କରୁଥିଲା ପାଟି ତୁଣ୍ଡ ?

ଠିକ ଉତୁରିଲା ଖିରରେ ପାଣି ଟୋପାଏ ପଡିଲା ପରି ମୋର ଏତେ ଗୁଡାଏ ପ୍ରଶ୍ନ ଆଉ ଉଦବେଗ ବୁଢାର ପଦିଏ ଉତ୍ତରେ ପଡିଲା ଶାନ୍ତ ।

କହିଲା - ବାବୁ ! ସିଏ ନୁହଁ ମୋର ତାଙ୍କୁ ଦେବାର ଥିଲା ।

ମୁଁ ବୁଢା ମଉସାର ମୁହଁକୁ ଥ ହେଇ ଅନେଇ ରହିଲି କିଛିକ୍ଷଣ । ମୋର ଅବସ୍ଥା ବୁଝିପାରି କହିଲେ, କଥା କ'ଣ କି ବାବୁ! ମୋର ଯେତିକି ପ୍ରାପ୍ୟ ତା' ଠୁ ଅଶୀ ଟଙ୍କା ଦେଇଥିଲେ ଅଧିକ । ତାକୁ ହିଁ ଯାଇଥିଲି ଫେରେଇବାକୁ । ପଇସା ଫେରେଇ ମନରୁ ବୋଝଟେ ଗଲା ଉହ୍ଲେଇ ।

ମୁଁ ହସିଲି । କହିଲି- ଏଇ କଥାକୁ ନେଇ ମଉସା! ତମେ ଏତେ ବ୍ୟସ୍ତ ଥିଲ ନା ? ମାତ୍ର ଅଶୀ ଟଙ୍କା ପାଇଁ । ମୁଁ ତ ଭାବୁଥିଲି ଆଉ କିଛି ।

ବୁଢା କହିଲା - ବାବୁ! ତମକୁ ଅଶୀ ଟଙ୍କା ହସ ଲାଗୁଥାଇ ପାରେ । ମାତ୍ର ଆମ ପାଇଁ ତାହା ବହୁତ ବଡ । ତା' ଛଡା ଅନ୍ୟ ପଇସା ନେଇ କାହିଁକି ଋଣୀ ରହିବି ବୁଢା ବୟସରେ କହିଲ ! ବୁଢା ହେଲିଣି କେତେବେଳେ କୋଉକଥା । ମଲାବେଳେ କମ୍ ସେ କମ୍? ଋଣୀ ନହେଇ ମରେ । ଆଜି ଯାଏଁ ବଂଚିଛି ଋଣ ମୁକ୍ତ ଜୀବନ । ବାକିତକ ଜୀବନ ବି ଋଣ ମୁକ୍ତ ହେଇ ବଂଚିବାକୁ ଚାହେଁ ।



ନିଜକୁ ନିଜେ ବଡ ଲାଜ ଲାଗୁଥାଏ ବୁଢା ମଉସାର କଥା ଶୁଣି । ଭାବୁଥାଏ ଆମ ମାନଙ୍କ ଅବସ୍ଥା ଓ ମାନସିକତାକୁ । ଆମର ବଡ ପଣିଆକୁ । ସତରେ ଆମେ କେଡେ ଅସହାୟ । ଜୀବନ ସାରା ଋଣ କଲୁ ଅଧିକ ରୋଜଗାର ଥାଇ ବି । ଗାଡି, ଘର, ଦାମି ଲାପଟପ ସବୁ ତ ଚାଲିଛି କିସ୍ତିରେ । ସତରେ ଆମେ କ'ଣ ବୁଢା ମଉସା ପରି ବଂଚିପାରିବା ଋଣମୁକ୍ତ ଜୀବନ !!

॥ ଚିନ୍ତନ ॥

# ଓଡ଼ିଶାରେ ଦିଗହରା ସିଭିଲ ସର୍ଭିସ କୋଚିଂ ଶିକ୍ଷା ବ୍ୟବସ୍ଥା

## ନାରାୟଣ ଚନ୍ଦ୍ର ବିଶ୍ୱାଳ



ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସେତେ ଆଶାନୁରୂପ ନୁହେଁ। ଓଡ଼ିଶାରେ ପ୍ରତିଭାବାନ ମେଧାବୀ ମାନଙ୍କର ଅଭାବ ନାହିଁ କିନ୍ତୁ ଏଠାରେ ଶୈକ୍ଷିକ ବାତାବରଣ ଓ ଶିକ୍ଷା ପାଇଁ ଆବଶ୍ୟକ ପଡୁଥିବା ପ୍ରୋତ୍ସାହନର ଅଭାବ ରହିଛି ବୋଲି ଅନେକ ସମୟରେ ପ୍ରଶ୍ନ ଉଠେ। ବର୍ଷ ବର୍ଷ ଧରି ବିଦ୍ୟାଳୟରେ ଶିକ୍ଷକ ଅଭାବ, କେଉଁଠି ବିଦ୍ୟାଳୟ ଘର ନାହିଁ, କେଉଁଠି ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ନାହିଁ, ଅନେକ ମେଧାବୀ ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନେ ବର୍ଷ ବର୍ଷ ଧରି ସେମାନଙ୍କ ମେଧା କଷ୍ଟଲବ୍ଧ ମେଧାବୀ ଛାତ୍ରବୃତ୍ତି ଠିକ ସମୟରେ ପାଇନଥାନ୍ତି। ଓଡ଼ିଆରେ ଏକ କଥା ଅଛି 'କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ'। କେଉଁଠି ମେଧାବୀ ପିଲାଟିର ମେଧା ଅଛି କିନ୍ତୁ ସହଯୋଗ ଓ ପ୍ରୋତ୍ସାହନ ନାହିଁ। ଅପରପକ୍ଷରେ କେଉଁଠି ସହଯୋଗ, ପ୍ରୋତ୍ସାହନ ସବୁକିଛି ଥିଲେ ବି ଜଣଙ୍କର ମେଧା ହିଁ ନାହିଁ। ଦିନଥିଲା ଓଡ଼ିଶାର କିଛି କୃତବିଦ୍ୟ ଆଇଏଏସ ଟପ୍ପର ମାନଙ୍କ ଗର୍ବ ଓ ଗୌରବକୁ ନେଇ ଓଡ଼ିଆ ମାନଙ୍କ ଛାତି ଫୁଲି ଉଠୁଥିଲା। ଆଜି ସର୍ବଭାରତୀୟ ସ୍ତରରେ ସିଭିଲ ସର୍ଭିସ ପରୀକ୍ଷା ଫଳ ଦେଖିବା ପରେ ଜଣେ ଓଡ଼ିଆ ଭାବେ ଛାତି ଭିତରେ ଅନେକ ଦୁଃଖ ରହିଯାଉଛି। ନିକଟରେ ସିଭିଲ ସର୍ଭିସ ପରୀକ୍ଷା ଫଳକୁ ଭାତ ହାଣ୍ଡିରୁ ଗୋଟିଏ ପରି ପ୍ରମାଣ ଭାବେ ଦେଖାଯାଉ। ଏଥିରେ ଓଡ଼ିଆ ପିଲାଙ୍କ ପ୍ରଦର୍ଶନ ଗତ ବର୍ଷ ଠାରୁ ଉନ୍ନତ ବୋଲି କୁହାଯାଉଛି। ତେବେ ଆମ ଭିତରୁ ଅନେକ ହୁଏତ ଜାଣିନଥିବେ ଯେ ବାସ୍ତବରେ ଆମ ଓଡ଼ିଆ ପିଲାମାନେ ଓଡ଼ିଶା ବାହାରେ ଏହି ସର୍ବଭାରତୀୟ ପରୀକ୍ଷା ପାଇଁ ଉଚ୍ଚ ଶିକ୍ଷା ଗ୍ରହଣ କରିଥାନ୍ତି। ଅଭିଭାବକ ଓ ସେମାନଙ୍କ ପାଇଁ ଆର୍ଥିକ ଓ ଶାରୀରିକ ଭାବେ କଷ୍ଟଲବ୍ଧ ହେଲେ ବି ସେମାନେ ଏଥିପାଇଁ ବାଧ୍ୟ ହୋଇଥାନ୍ତି।

ତେବେ ସ୍ୱାଭାବିକ ଭାବେ ଗୋଟିଏ ପ୍ରଶ୍ନ ଉଠୁଛି। ଓଡ଼ିଶା ସରକାର ରାଜ୍ୟ ମେଧାବୀ ସିଭିଲ ସର୍ଭିସ ଆଶାୟୀ ପିଲାମାନଙ୍କ ପାଇଁ ସେମାନଙ୍କ ଉଚ୍ଚ କୋଚିଂ ଶିକ୍ଷା ନିମିତ୍ତ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି କିନ୍ତୁ ବାସ୍ତବ କଥା ହେଉଛି ଆମ ଓଡିଶାରେ କୋଚିଂ ଫଳପ୍ରଦ ହେଉନି ନାଁ ପିଲାମାନେ ଏହାକୁ ନେଇ ଭରଷା ରଖିପାରୁ ନାହାଁନ୍ତି? କ'ଣ ପାଇଁ ଆମ ପିଲାମାନେ ଓଡ଼ିଶା ଛାଡ଼ି ବାହାର ରାଜ୍ୟର କୋଚିଂ ଶିକ୍ଷା ନେଉଛନ୍ତି? ଓଡ଼ିଶାରେ କ'ଣ ଗୁଣାତ୍ମକ ଶିକ୍ଷା ବା ଏ ନେଇ ଭିତ୍ତିଭୂମିର ଅଭାବ ରହୁଛି? ସ୍ୱାଭାବିକ ଭାବେ ଏଠାରେ କିଛି ପ୍ରଶ୍ନ ଉପସ୍ଥାପନ କରୁଛୁ। ଓଡ଼ିଶା ସରକାରଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସରକାର କୋଚିଂ ପାଇଁ ବିଗତ ଆଠ ବର୍ଷ ଭିତରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କେତେ ଜଣ ସିଭିଲ ସର୍ଭିସରେ ସଫଳତା ପାଇଛନ୍ତି ତାହା ଜଳ ଜଳ ପ୍ରମାଣିତ ହେଉଛି। ଖାଲି ଗୁଣାତ୍ମକ ତାଲିମ ଓ ଉତ୍ତମ ବାତାବରଣ ଅଗ୍ରାଧିକାର, ଭିତ୍ତିଭୂମି ରଖିଦେଲେ ଚଳିବ ନାହିଁ। ୨୦୧୬ରୁ ୨୦୧୮ ମଧ୍ୟରେ ଓଡ଼ିଶା ସରକାର ରାଜ୍ୟର ଆଠଟି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ମାଗଣା କୋଚିଂ ବ୍ୟବସ୍ଥା ରଖିଛନ୍ତି ଯାହାପାଇଁ ୧କୋଟି ୮୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବ୍ୟତୀତ ୨୦୧୯ରେ ସରକାର ଭୁବନେଶ୍ୱରରେ ଏକ ଇନଷ୍ଟିଚ୍ୟୁଟ ସହ ଚୁକ୍ତି ସ୍ୱାକ୍ଷରତା କରି କୋଚିଂର ମଧ୍ୟ ବ୍ୟବସ୍ଥା କରିଥିଲେ ଯେଉଁଥିରେ ପ୍ରଥମ ବ୍ୟାଚରେ ୯୯ଜଣ ପିଲାଙ୍କ କୋଚିଂ ଶିକ୍ଷା ବାବଦରେ ୬୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏପରି ଭାବେ ସରକାର ସିଭିଲ ସର୍ଭିସ କୋଚିଂ ନିମିତ୍ତ ୨କୋଟି ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି ବୋଲି ଗତ ବିଧାନସଭାରେ ସରକାରଙ୍କ ତରଫରୁ ଉତ୍ତର ଦିଆଯାଇଛି। ତେବେ ଦୁର୍ଭାଗ୍ୟର ବିଷୟ ବିଶ୍ୱବିଦ୍ୟାଳୟରେ ପ୍ରଦତ୍ତ କୋଚିଂ ବ୍ୟବସ୍ଥାରୁ ଜଣେ ହେଲେ ଶିକ୍ଷାର୍ଥୀ ସିଭିଲ ସର୍ଭିସ ପାସ କରିପାରିନାହାଁନ୍ତି। ତେବେ ଭୁବନେଶ୍ୱରରେ ସରକାର ଚୁକ୍ତି କରିଥିବା କୋଚିଂ ଶିକ୍ଷା କେନ୍ଦ୍ରରୁ ୯୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ଜଣ ଓସିଏସ୍-୨୦୧୮, ୪ଜଣ ଓସିଏସ-୨୦୧୯ ପରୀକ୍ଷା କ୍ଲିଅର କରିଥିଲେ ଏବଂ ଜଣେ ୟୁପିଏସସି-୨୦୨୦ ପ୍ରିଲିମି କ୍ଲିୟର କରିଥିବା ନେଇ ରାଜ୍ୟ ସରକାର ବିଧାନସଭାରେ ସୂଚନା ଦେଇଥିଲେ। ହେଲେ ଜଣେ ବି କେହି ସିଭିଲ ସର୍ଭିସରେ ଯୋଗ୍ୟତା ଅର୍ଜନ କରିପାରିନଥିଲେ।

ସିଭିଲ ସର୍ଭିସ ଆଶାୟୀମାନଙ୍କୁ ତୃଣମୂଳ ସ୍ତରରୁ ଭିତ୍ତିଭୂମି ଯୋଗାଇ ଦିଆଯାଇପାରୁନାହିଁ। ବଡ଼କଥା ହେଉଛି ଏ କ୍ଷେତ୍ରରେ ଶିକ୍ଷା ମାନଦଣ୍ଡ ଓ ମେଧାକୁ ସବାଦୌ ଅଗ୍ରାଧିକାର ଦିଆନଯିବା ହିଁ ବଡ଼ କାରଣ। ଆମ ଓଡ଼ିଶାରେ ପ୍ରତିଭାବାନ ମେଧାବୀ ବିଦ୍ୟାର୍ଥୀଙ୍କ ଅଭାବ ନାହିଁ। ଅନେକ ବଣ ମଲ୍ଲୀ ପରି ପ୍ରତିଭାବାନ ରହିଛନ୍ତି ଯେଉଁମାନେ ସାମାନ୍ୟ ସହଯୋଗ ଓ ସମର୍ଥନ, ପୃଷ୍ଠପୋଷକତା ପାଇଲେ ଅନେକ କିଛି ବାଟ ଆଗେଇ ଯାଇପାରିବେ।

ଚଳିତ ୨୦୨୩-୨୪ ଶିକ୍ଷାବର୍ଷରୁ ସରକାର ଓଡ଼ିଶାରୁ ୨୦୦ଜଣ ପିଲାଙ୍କୁ ନିଜ ଖର୍ଚ୍ଚରେ ଆଇଏଏସ କୋଚିଂ ଦେବାକୁ ପଦକ୍ଷେପ ନେଇ ଏଥିପାଇଁ ଏସିକ୍ୟୁ ଆଇଏଏସ ଏକାଡେ଼ମୀକୁ ଚୟନ କରିଛନ୍ତି। ଇତିମଧ୍ୟରେ ପ୍ରବେଶିକା ପରୀକ୍ଷା କରାଯିବା ପରେ ଛାତ୍ରଛାତ୍ରୀଙ୍କ ନାମଲେଖା ଶେଷ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏ ବାବଦରେ ୪କୋଟି ବ୍ୟୟ ଅଟକଳ ରଖାଯାଇଛି। ଉଚ୍ଚଶିକ୍ଷା ବିଭାଗ ତଥ୍ୟ ଅନୁଯାୟୀ ୨୦୧୬ ନଭେମ୍ବରରେ ୬ଟି ବିଶ୍ୱବିଦ୍ୟାଳୟ ଓ ୨୦୧୭ରେ ଆଇ ଦୁଇଟି ବିଶ୍ୱବିଦ୍ୟାଳୟରେ ସିଭିଲ ସର୍ଭିସ କୋଚିଂ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ୨୦୧୬-୧୭ ଓ ୨୦୧୭-୨୦୧୮ ଆର୍ଥିକ ବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସର୍ବାଧିକ ୩୦ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ବ୍ରହ୍ମପୁର, ସମ୍ବଲପୁର, ରେଭେନ୍ସା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ୨୬ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ୨୦୧୭-୨୦୧୮ ଆର୍ଥିକ ବର୍ଷରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ୧୦ଲକ୍ଷ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଲାଗି ୧୨ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଥିଲା। ଯୋଜନା ଓ ମନିଟରିଂର ଅଭାବ ହେତୁ ଏହା ହୋଇପାରିନଥିବା ବିଭାଗ ପକ୍ଷରୁ କୁହାଯାଇଛି। କୁହାଯାଉଛି ସର୍ବଭାରତୀୟ ସ୍ତରରେ ଅନ୍ୟ ରାଜ୍ୟରେ ସରକାରଙ୍କ ତରଫରୁ ଯେଉଁପରି ଉଚ୍ଚ ପ୍ରଶିକ୍ଷକ ଓ ଦୃଢ଼ ଭିତ୍ତିଭୂମି ତଥା ଶ୍ରେଷ୍ଠ ଶୈକ୍ଷିକ ବାତାବରଣ ଥିବା ସିଭିଲ ସର୍ଭିସ କୋଚିଂ ଦିଆଯାଉଛି ଓଡ଼ିଶାରେ ସେପରି ସମ୍ଭବ ହୋଇପାରୁନାହିଁ। ସିଭିଲ ସର୍ଭିସ ଆଶାୟୀମାନଙ୍କୁ ତୃଣମୂଳ ସ୍ତରରୁ ଭିତ୍ତିଭୂମି ଯୋଗାଇ ଦିଆଯାଇପାରୁନାହିଁ। ବଡ଼କଥା ହେଉଛି ଏ କ୍ଷେତ୍ରରେ ଶିକ୍ଷା ମାନଦଣ୍ଡ ଓ ମେଧାକୁ ସବାଦୌ ଅଗ୍ରାଧିକାର ଦିଆନଯିବା ହିଁ ବଡ଼ କାରଣ। ଆମ ଓଡ଼ିଶାରେ ପ୍ରତିଭାବାନ ମେଧାବୀ ବିଦ୍ୟାର୍ଥୀଙ୍କ ଅଭାବ ନାହିଁ। ଅନେକ ବଣ ମଲ୍ଲୀ ପରି ପ୍ରତିଭାବାନ ରହିଛନ୍ତି ଯେଉଁମାନେ ସାମାନ୍ୟ ସହଯୋଗ ଓ ସମର୍ଥନ, ପୃଷ୍ଠପୋଷକତା ପାଇଲେ ଅନେକ କିଛି ବାଟ ଆଗେଇ ଯାଇପାରିବେ। ସେ କ୍ଷେତ୍ରକୁ ଅଣ ଦେଖା କରାଯାଉଛି। ସେହିପରି ବଡ଼ ଖୁସିର କଥା ଅନେକ ବଦାନ୍ୟ ବ୍ୟକ୍ତିବିଶେଷ ଓ ଦାତବ୍ୟ ସଙ୍ଗଠନ ମେଧାବୀ ମାନଙ୍କୁ ଆଗେଇ ନେବା ପାଇଁ ଅନେକେ ସହଯୋଗ ସମର୍ଥନ ସେମାନଙ୍କ ସୀମା ସାଧ ମତେ ଦେଉଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ ଗୁରୁଦାୟିତ୍ୱ ସହ ଆମ୍ଭମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ସରକାର ଏକ ଶିକ୍ଷା ମାନଦଣ୍ଡ ତିଆରି କରି ରାଜ୍ୟର ସୁନାମଧନ୍ୟ ପ୍ରାକ୍ତନ ସିଭିଲ ସରଭ୍ୟାଣ୍ଟ ଓ ବିଦ୍ୱାନ ମାନଙ୍କୁ ନେଇ ଏକ ବୋର୍ଡ଼ ଗଠନ କରି ମେଧାବୀ ମାନଙ୍କ ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ସେମାନଙ୍କର ନିୟମିତ ଶିକ୍ଷା ସହ ଆବଶ୍ୟକ ପଡୁଥିବା ସିଭିଲ ସର୍ଭିସ ପାଇଁ ଶିକ୍ଷାର ସାମଗ୍ରୀକ ସହଯୋଗ ନିମିତ୍ତ ଏକ ପ୍ରକାର ୱାନ ଟୁ ୱାନ କଥା ହୋଇ ସେମାନଙ୍କ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ସମସ୍ତ ବିଷୟରେ ଜ୍ଞାତ ହୋଇ ସେମାନଙ୍କୁ ସିଭିଲ ସର୍ଭିସ ପାଇଁ ଶିକ୍ଷା ଦେବାର ବ୍ୟବସ୍ଥା କରନ୍ତୁ। ଆମ ମାନଙ୍କ ଗହଣରେ ରହିଯାଇଥିବା କିଛି ପ୍ରତିଭାବାନ ମେଧାବୀ ବିଦ୍ୟାର୍ଥୀଙ୍କୁ ଆମେ ସମସ୍ତେ ସୀମା ସାଧମତେ ସାହାଯ୍ୟ କରିବା ପାଇଁ ପ୍ରଚେଷ୍ଟା ରଖିବା ଏବଂ ସେମାନଙ୍କୁ ସହଯୋଗ ଦେବା ଆମର ଏକ ନୈତିକ କର୍ତ୍ତବ୍ୟ ବୋଲି ଭାବିବା ଉଚିତ।

♥ କଟିକଟା, ମଙ୍ଗଳପୁର, ଯାଜପୁର,
ମୋ: ୯୪୩୮୨୭୬୭୬୦

# ଶିକ୍ଷା ବ୍ୟବସ୍ଥାର ସମୀକ୍ଷା

## ଡକ୍ଟର ଲକ୍ଷ୍ମଣ ସାହୁ



ଦେଶର ଶିକ୍ଷା ମନ୍ତ୍ରଣାଳୟ 'ଜାତୀୟ ଶିକ୍ଷା ନୀତି, ୨୦୨୦' ର ସାମଗ୍ରିକ କାର୍ଯ୍ୟକାରିତା ପାଇଁ ପ୍ରତିବଦ୍ଧ । ଏହି ରିପୋର୍ଟ ଲେଖିବା ସମୟରେ ରାଜ୍ୟର ଉଚ୍ଚଶିକ୍ଷା ବିଭାଗ 'ଜାତୀୟ ଶିକ୍ଷା ନୀତି, ୨୦୨୦' ଅନୁଯାୟୀ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ସମସ୍ତ ପାଠ୍ୟକ୍ରମକୁ ପୁନଃ ନିର୍ମାଣ କରିବାକୁ ନିର୍ଦ୍ଦେଶ ଜାରି କରିଛି । ତାହା ହେଉଛି ୨୦୨୩ ଶିକ୍ଷାବର୍ଷରୁ, 'ଜାତୀୟ ଶିକ୍ଷା ନୀତି, ୨୦୨୦' ଦ୍ୱାରା ପ୍ରସ୍ତାବିତ ଢାଞ୍ଚା ଉଚ୍ଚଶିକ୍ଷା କ୍ଷେତ୍ରରେ ଅନୁସରଣ କରାଯିବ । ସମସ୍ତ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଅନ୍ୟାନ୍ୟ ଅନୁଷ୍ଠାନ, ଜାତୀୟ ତଥା ରାଜ୍ୟ ମଧ୍ୟ ଏହି ନୀତି କାର୍ଯ୍ୟକାରୀ କରିବା ତଥା ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । କିନ୍ତୁ ପ୍ରସ୍ତାବିତ 'ଜାତୀୟ ଶିକ୍ଷା ନୀତି, ୨୦୨୦' କେବଳ ଉଚ୍ଚଶିକ୍ଷାର ସଂସ୍କାର ପାଇଁ ନୁହେଁ, ତୃଣମୂଳ ସ୍ତରରୁ ଉଚ୍ଚଶିକ୍ଷାର ସାମଗ୍ରିକ ସଂସ୍କାର ଏହି ନୀତି ପ୍ରଣୟନର ମୂଳ ବିଷୟ ଅଟେ । ଏହି ପରିପ୍ରେକ୍ଷୀରେ, ପ୍ରାଥମିକ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭିତ୍ତିକ ଶିକ୍ଷା ଦୃଷ୍ଟିରୁ 'ଜାତୀୟ ଶିକ୍ଷା ନୀତି, ୨୦୨୦' ର ବ୍ୟବହାରିକ ବାସ୍ତବତା ଉପରେ କିଛି ଦ୍ୱନ୍ଦ୍ୱ ରହିଛି ।

ଯେକୌଣସି ବ୍ୟବହାରିକ ନୀତି ଦଲିଲ ପ୍ରସ୍ତାବିତ ନୀତି ପାଇଁ ଏକ ଦର୍ଶନ କିମ୍ବା ଦୃଷ୍ଟିକୋଣ ଷ୍ଟେଟମେଣ୍ଟରୁ ଆରମ୍ଭ ହୁଏ । ଏହି 'ଭିଜନ ଷ୍ଟେଟମେଣ୍ଟ' ସାମଗ୍ରିକ ନୀତି ପ୍ରସ୍ତାବ ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ଭାବରେ କାର୍ଯ୍ୟ କରେ । 'ଜାତୀୟ ଶିକ୍ଷା ନୀତି, ୨୦୨୦' ର ଦର୍ଶନ ବିବୃତ୍ତି ଅନୁଯାୟୀ, ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରମାନଙ୍କ ମଧ୍ୟରେ ଭାରତୀୟ ଭାବରେ ଏକ ଗର୍ବର ଭାବନା ବିକାଶ କରିବା, ଯାହା ଚିନ୍ତା ଓ କାର୍ଯ୍ୟ ମାଧ୍ୟମରେ ପ୍ରକାଶ ପାଇବ । ଏହି ଶିକ୍ଷାର ଅନ୍ୟ ଏକ ଲକ୍ଷ୍ୟ ହେଉଛି ଛାତ୍ରଙ୍କ ଜ୍ଞାନ, କୌଶଳ ଓ ମୂଲ୍ୟବୋଧର ସାମଗ୍ରିକ ବିକାଶ, ଯାହା ମାଧ୍ୟମରେ ଛାତ୍ର ନିରନ୍ତର ବିକାଶ । ମାନବିକ ଅଧିକାରର ସୁରକ୍ଷା ତଥା 'ଆଦର୍ଶ' ବିଶ୍ୱ ନାଗରିକ ଭାବରେ ସମଗ୍ର ବିଶ୍ୱର କଲ୍ୟାଣରେ ସହାୟକ ହେବ ।

ପ୍ରଶ୍ନଟି ହେଉଛି ଏହି ଦାର୍ଶନିକ, ମହାନ୍ ଦୃଷ୍ଟିକୋଣ କୌଣସି ଶିକ୍ଷାର ଆଦର୍ଶ ଲକ୍ଷ୍ୟ ନୁହେଁ କି ? ସଂଗଠିତ ଶିକ୍ଷା ବ୍ୟବସ୍ଥାର ପ୍ରଥମ ଦିନରୁ ଏପରି ଆଦର୍ଶ ଲୋକଙ୍କୁ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଶିକ୍ଷା ଛାତ୍ରମାନଙ୍କୁ ଦିଆଯାଉ ନାହିଁ କି ? ସତରେ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଶିକ୍ଷା ବ୍ୟବସ୍ଥା ଅସଂଖ୍ୟ ଦାର୍ଶନିକ, ବୈଜ୍ଞାନିକ, ଲେଖକ, ଇଂଜିନିୟର, ଡାକ୍ତର, ଅଧ୍ୟାପକ ସୃଷ୍ଟି ହୋଇଛନ୍ତି । ଏପରିକି ଉତ୍ପାଦିତ ସାମାଜିକ ସଂସ୍କାରକ କିମ୍ବା ରାଜ୍ୟ କର୍ମକର୍ତ୍ତା ଗତ ଦୁଇ ଦଶନ୍ଧି ମଧ୍ୟରେ ସମଗ୍ର ବିଶ୍ୱରେ ବଢୁଥିବା ଓ ପରିବର୍ତ୍ତିତ ଆଇଟି ଶିଳ୍ପ ପାଇଁ ବହୁ ସଂଖ୍ୟକ ପ୍ରତିଭାର ଉତ୍ସ ଭାବରେ ସ୍ୱୀକୃତ ହୋଇଥିବା ଶିକ୍ଷା ପ୍ରଣାଳୀରେ ସମାନ ଦାର୍ଶନିକଙ୍କୁ ନେଇ ଗର୍ବ ଅନୁଭବ କରିହୁଏ ।

ଜାତୀୟ ଶିକ୍ଷା ନୀତି, ୨୦୨୦' ର ଗଠନମୂଳକ ଓ ବ୍ୟବହାରିକ ଦିଗଗୁଡ଼ିକର ଏକ ତୁଳନାତ୍ମକ ଆଲୋଚନା କରାଯାଇପାରେ । ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକକୁ ନେଇ ଗଠିତ ବର୍ତ୍ତମାନର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ' ୧୦+୨୧୦ 'ସିଷ୍ଟମ୍ କୁହାଯାଏ । ଏହି ସିଷ୍ଟମରେ, ଛାତ୍ର, ପ୍ରଥମ ରୁ ଚତୁର୍ଥ ଶ୍ରେଣୀ - ଚାରି ବର୍ଷର ପ୍ରାଥମିକ; ପଞ୍ଚମରୁ ଦଶମ ଶ୍ରେଣୀ - ମାଧ୍ୟମିକ ଶିକ୍ଷା ଓ ଏକାଦଶ-ଦ୍ୱାଦଶ ଅର୍ଥାତ୍ ଦୁଇ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପରେ, ସେମାନେ ଜାତୀୟ କିମ୍ବା ରାଜ୍ୟ ସ୍ତରର ସାଧାରଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ଓ ସେମାନଙ୍କର ପାଠପଢ଼ା ସମାପ୍ତ କରନ୍ତି । ଏହି ପଦ୍ଧତିରେ (ସିଷ୍ଟମରେ) ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ବୟସ ହେଉଛି ଛଅ ବର୍ଷ । ଏଥି ସହିତ କିଛି ବିକଳ୍ପ ଶିକ୍ଷା ଉତ୍ସ ମଧ୍ୟ ବର୍ତ୍ତମାନର ବ୍ୟବସ୍ଥାରେ ଅଛି । ଉଦାହରଣ ସ୍ୱରୂପ ଏକ ଇଚ୍ଛୁକ ଛାତ୍ର ଦଶମ କିମ୍ବା ମାଧ୍ୟମିକ ଶିକ୍ଷା ଶେଷରେ, ଧନ୍ଦାମୂଳକ ବୈଷୟିକ ଶିକ୍ଷା କିମ୍ବା ଡିପ୍ଲୋମା ଇଞ୍ଜିନିୟରିଂ ତାଲିମ ପାଇଁ ଚୟନ କରିପାରିବ । ଅବଶ୍ୟ ତାହା ପ୍ରବେଶିକା ପରୀକ୍ଷା ମାଧ୍ୟମରେ । ଏହି ପରିପ୍ରେକ୍ଷୀରେ, ଡିପ୍ଲୋମା ଇଞ୍ଜିନିୟରିଂ ତାଲିମ, ଛାତ୍ର ବିଦ୍ୟାଳୟ ଓ ସ୍ନାତକ ସ୍ତରୀୟ ଶିକ୍ଷା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରେ ।

'ଜାତୀୟ ଶିକ୍ଷା ନୀତି, ୨୦୨୦' ବୋଧହୁଏ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ମରାମତି ପାଇଁ ପ୍ରସ୍ତାବ ଦେଇଛି । ନୂତନ ନୀତିରେ, ବିଦ୍ୟମାନ ୧୦+୨ 'ଆଧାରିତ ଗଠନ ପରିବର୍ତ୍ତେ ଏକ' ୫ + ୩ + ୩ + ୪ 'ଗଠନ ପ୍ରସ୍ତାବ ଦିଆଯାଇଛି । ଏହି ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ସର୍ବନିମ୍ନ ପ୍ରବେଶ ବୟସ ୬ ବର୍ଷରୁ ତିନି ବର୍ଷକୁ ପରିବର୍ତ୍ତିତ ହୋଇଛି । ଆଡମିଶନ ପରେ ପ୍ରଥମ ପାଞ୍ଚ ବର୍ଷ ପାଇଁ, ଅର୍ଥାତ୍ ଅଷ୍ଟମ ବର୍ଷ ପର୍ଯ୍ୟନ୍ତ, ଛାତ୍ର ପ୍ରି-ପ୍ରାଥମିକ / ଅଙ୍ଗନୱାଡି / ବାଲବାଟିକା ସିଷ୍ଟମରେ ମୌଳିକ ଶିକ୍ଷା ଗ୍ରହଣ କରିବେ । ଛଅ ବଦଳରେ ତିନି ବର୍ଷ ମଧ୍ୟରେ ଶିଶୁ ଛାତ୍ରଙ୍କୁ ସିଷ୍ଟମର ଏକ ଅଂଶ କରିବା ପାଇଁ ପ୍ରୟାସ, ନିଶ୍ଚିତ ଭାବରେ ଏହା ପ୍ରଶଂସାର ଯୋଗ୍ୟ । କିନ୍ତୁ ଦେଶର ପ୍ରତ୍ୟେକ ରାଜ୍ୟର ଭିତ୍ତିଭୂମିକୁ ବିଚାରକୁ ନେଇ ଏହି ବହୁ ସଂଖ୍ୟକ ଶିଶୁ ଛାତ୍ରଙ୍କୁ ପ୍ରସ୍ତାବିତ ଶିକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ଆବଶ୍ୟକ ରହିଛି । ଏପରିକି ସଂରଚନା ଅଛି କି ନାହିଁ ତାହା ଚିନ୍ତା କରିବା ଅପରିହାର୍ଯ୍ୟ । ତିନି ବର୍ଷର ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ଭାବନାତ୍ମକ ବିକାଶ ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀ ତଥା ଶିକ୍ଷକ ଆବଶ୍ୟକ ଅଟେ ।

ନିୟୋଜିତ ଅଙ୍ଗନୱାଡି, ବାଲବଟିକା କିମ୍ବା ପ୍ରାଥମିକ ବିଦ୍ୟାଳୟର କର୍ମଚାରୀମାନେ ସେହି ବିଶେଷ ତାଲିମ ପାଇଛନ୍ତି , କି ନାହିଁ ସନ୍ଦେହରେ ସ୍ଥାନ ଅଛି । ଯଦି ଲମ୍ ଏଣ୍ଟ୍ରି ସ୍ତରରେ ରହିଯାଏ, ତେବେ ' ଭାରତୀୟ ମୂଲ୍ୟବୋଧ ସହିତ ଏକ ବିଶ୍ୱସ୍ତରୀୟ ନାଗରିକ' ସୃଷ୍ଟି କରିବାର ମହାନ ପ୍ରୟାସ ସ୍ୱପ୍ନରେ ରହିଯିବ ।

ପାଞ୍ଚ ବର୍ଷର ମୌଳିକ ଶିକ୍ଷା ଶେଷରେ ଛାତ୍ରମାନେ ବିଦ୍ୟାଳୟ ସ୍ତରୀୟ ଶିକ୍ଷାରେ ପ୍ରବେଶ କରିବେ । ଏହି ସ୍ତରର ପ୍ରଥମ ତିନି ବର୍ଷ, ଯଥା ଏକାଦଶ ବର୍ଷ ପର୍ଯ୍ୟନ୍ତ ଛାତ୍ରଙ୍କ ପ୍ରସ୍ତୁତି ଶିକ୍ଷା, ପରବର୍ତ୍ତୀ ତିନି ବର୍ଷ ଅର୍ଥାତ୍ ଚତୁର୍ଦ୍ଦଶ ବର୍ଷ । ମଧ୍ୟମ ବିଦ୍ୟାଳୟ ଶିକ୍ଷା ଚାରି ବର୍ଷ ପର୍ଯ୍ୟନ୍ତ ଓ ଶେଷ ଅର୍ଥାତ୍ ଅଷ୍ଟାଦଶ ବର୍ଷ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା । ରୋଜଗାର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିବ । ପ୍ରସ୍ତାବିତ ନୀତିରେ ବିକଳ୍ପ ଶିକ୍ଷା ପାଇଁ ମଧ୍ୟ ପରିସର ରହିଛି । ଗତ ଚାରି ବର୍ଷର ଦୁଇ ବର୍ଷର ଶେଷରେ ଅର୍ଥାତ୍ ଦଶମ ମାନକ ଶିକ୍ଷା ଶେଷରେ, ଛାତ୍ର ଧନ୍ଦାମୂଳକ ଶିକ୍ଷା କିମ୍ବା ବୈଷୟିକ ଶିକ୍ଷା ଇଚ୍ଛାଧୀନ ହୋଇପାରେ । ବିଦ୍ୟମାନ ସିଷ୍ଟମ୍ ଓ ପ୍ରସ୍ତାବିତ ସିଷ୍ଟମ୍ ତୁଳନାରେ, ଏହା ଲାଗୁଛି ଯେ ପ୍ରବେଶ ସ୍ତରର ବୟସ ବ୍ୟତୀତ, ଅନ୍ୟାନ୍ୟ ଗଠନମୂଳକ ପରିବର୍ତ୍ତନ ଛାତ୍ର କିମ୍ବା ସେମାନଙ୍କ ଶିକ୍ଷା ଉପରେ କୌଣସି ପ୍ରଭାବ ପକାଇପାରେ ନାହିଁ ।

ଏଥିସହ, ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଏନସିଇଆରଟି (ଘଉରଜଞ୍ଚ) ଦ୍ୱାରା ପ୍ରସ୍ତାବିତ ସିଲାବସ୍, ଯେତେବେଳେ ବର୍ତ୍ତମାନର ସିଲାବସ୍ ସହିତ ତୁଳନା କରାଯାଏ, କୌଣସି ବଡ଼ ପରିବର୍ତ୍ତନ ହେବାର ଚିହ୍ନ ନାହିଁ । ଅବଶ୍ୟ ଦୃଶ୍ୟମାନ ହେଉଥିବା ଗଠନମୂଳକ ପରିବର୍ତ୍ତନଗୁଡିକ ବିଦ୍ୟାଳୟଗୁଡ଼ିକର ଅଫିସ୍ କାର୍ଯ୍ୟରେ ବୈପ୍ଲବିକ ପରିବର୍ତ୍ତନ ଆଣିବ । କିନ୍ତୁ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣବତ୍ତା ଓ ପରିମାଣକୁ ସେମାନେ କେତେ ପରିମାଣରେ ପରିବର୍ତ୍ତନ କରିବେ, ଏଥିରେ ସନ୍ଦେହ ସୃଷ୍ଟି ହେବ । ଯଦି କୌଣସି ବଡ଼ ପରିବର୍ତ୍ତନର ଲକ୍ଷଣ ଥାଏ, ତେବେ ବିଦ୍ୟମାନ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇଥାନ୍ତା ଓ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ, ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ବହୁ ପୂର୍ବରୁ ଏହାର ସଂଗଠନ ଆରମ୍ଭ କରିଥାନ୍ତେ , ହେଲେ ଏସବୁ ପ୍ରତି ଦୃଷ୍ଟି ନାହିଁ ।

ଏପରିକି ବର୍ତ୍ତମାନର ପାଠ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି, ୨୦୨୦ ରେ ଗୁଣାତ୍ମକ ପରିବର୍ତ୍ତନଗୁଡ଼ିକର କୌଣସି ବିସ୍ତୃତ ତତ୍ତ୍ୱଗତ କିମ୍ବା ବ୍ୟବହାରିକ ଆଲୋଚନା ନାହିଁ । କିଛି ମଧ୍ୟ ଅନ୍ତର୍ଭୂକ୍ତ କରାଯାଇ ନାହିଁ । ମନେହୁଏ କିଛି ଆକୃତିର ପରିବର୍ତ୍ତନକୁ ବାରଣ କରି ବିଦ୍ୟାଳୟ ସ୍ତରରେ 'ଜାତୀୟ ଶିକ୍ଷା ନୀତି, ୨୦୨୦' ଏକ ନୂତନ ବୋତଲରେ ପୁରୁଣା ମଦ ଅଟେ । ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରମାନଙ୍କ ଉପରେ କୌଣସି ଲାଭଦାୟକ ପ୍ରଭାବ ପକାଇବ ତାହା ଜାଣିବା କଷ୍ଟକର । ଅବଶ୍ୟ ବିଦ୍ୟାଳୟଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷ ଓ ଶିକ୍ଷକମାନେ ଏକ ଅସ୍ଥାୟୀ ଅବଧି ପାଇଁ , କେବଳ କିଛି ଅତିରିକ୍ତ ଅମଲାତାନ୍ତ୍ରିକ ଦାୟିତ୍ୱ ଅନୁଭବ କରିପାରିବେ , ଆଉ କିଛି ନୁହେଁ ।

ଜାତୀୟ ଶିକ୍ଷା ନୀତି, ୨୦୨୦ ର ଏକ ପ୍ରଭାବ ନିଶ୍ଚିତ ଭାବରେ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ଛାତ୍ରମାନଙ୍କ ଉପରେ ଦୃଶ୍ୟମାନ ହୁଏ । ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ, ତିନି ବର୍ଷିଆ ପାଠ୍ୟକ୍ରମକୁ ବିସ୍ତାର କରି କଲେଜ ଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସ୍ତରରେ (ବୈଷୟିକ, ଡାକ୍ତରୀ ଓ ଆଇନ ଶିକ୍ଷାକୁ ବାଦ ଦେଇ) ଏକ ଚାରି ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରାଯାଉଛି । ଏହି ବ୍ୟବସ୍ଥା ଅନୁଯାୟୀ, ସ୍ନାତକୋତ୍ତର ସ୍ତରରେ ଦୁଇ ବର୍ଷ ଓ ଏକ ବର୍ଷ ପାଠ୍ୟକ୍ରମ ମଧ୍ୟ ପ୍ରଚଳନ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ମଧ୍ୟ ଦେଖାଯାଇଛି ଯେ 'ଜାତୀୟ ଶିକ୍ଷା ନୀତି, ୨୦୨୦' ସ୍ନାତକ କିମ୍ବା ସ୍ନାତକୋତ୍ତର ସ୍ତରର ସିଲାବସ୍ ଉପରେ କୌଣସି ବିଶେଷ ପ୍ରଭାବ ପକାଇ ନାହିଁ ।ଯେକୌଣସି ଗଠନର ଶକ୍ତିଶାଳୀ ଅଂଶ ହେଉଛି ଏହାର 'ମୂଳଦୁଆ' । ପୁନଃ ନିର୍ମାଣ କରିବାକୁ ସ୍ୱାଭାବିକ ଭାବରେ, ପ୍ରାଥମିକ ଶିକ୍ଷା ପ୍ରଥମେ ସଂସ୍କାର ହେବା ଆବଶ୍ୟକ ଓ ସେହି ଆଧାରରେ ମଧ୍ୟ ଉଚ୍ଚ ସ୍ତର ପରିବର୍ତ୍ତନ ହେବା ଆବଶ୍ୟକ ।

ଆଶ୍ଚର୍ଯ୍ୟର କଥା, ଏହି 'ଜାତୀୟ ଶିକ୍ଷା ନୀତି, ୨୦୨୦ 'ଶିକ୍ଷାର ସର୍ବୋଚ୍ଚ ସ୍ତରରୁ ଆରମ୍ଭ କରାଯାଇଛି । ନୀତି ନିର୍ମାତାମାନେ ବିଶ୍ୱାସ କରନ୍ତି ଯେ 'ଜାତୀୟ ଶିକ୍ଷା ନୀତି, ୨୦୨୦' ଦ୍ୱାରା ପ୍ରସ୍ତାବିତ ପୁରାତନ ଶିକ୍ଷା ବ୍ୟବସ୍ଥା ଅର୍ଥାତ୍ ପୁରାତନ ପ୍ରାଥମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ଆଧାରରେ ଉଚ୍ଚଶିକ୍ଷା ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ । ସୂକ୍ଷ୍ମଭାବେ ଦେଖିଲେ ନୀତି ପ୍ରଣୟନ ଓ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଏହି ପ୍ରତିବାଦ ଅତ୍ୟନ୍ତ ଦ୍ୱନ୍ଦ୍ୱପୂର୍ଣ୍ଣ ଲାଗେ...!!!

♥ ତାରା ନିଳୟ , ପ୍ଲଟ-୮୫୪/ଏ
ଚାଚରା ଶବରସାହି,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
(ମୋ): ୯୦୪୦ ୧୫୧୪୭୫

# ଏକ ଦେଶ ଏକ ନିୟମ: ଏକ ଆଲୋଚନା

## ଅଧ୍ୟାପକ ଗୋପବନ୍ଧୁ



ମଧ୍ୟପ୍ରଦେଶରେ ବିଜେପିର କର୍ମୀମାନଙ୍କୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ଇଉନିଫର୍ମ ସିଭିଲ କୋଡ଼ର ଆବଶ୍ୟକତା ଓ ଯୁକ୍ତିଯୁକ୍ତତା ସପକ୍ଷରେ ବକ୍ତବ୍ୟ ରଖିବାପରେ ସମଗ୍ର ଦେଶରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବୁଝିବା ଲୋକକୁ ଇଙ୍ଗିତ ଯଥେଷ୍ଟ ନୀତିରେ ଉଭୟ ସମର୍ଥକ ଓ ବିରୋଧୀ ଅନୁମାନ ଲଗାଇ ନେଇଛନ୍ତି ଯେ ଖୁବଶୀଘ୍ର ଏବାବଦରେ କେନ୍ଦ୍ର ବିଲ୍ ଆଣିବାକୁ ଯାଉଛି, ଯଦିଓ ଏବାବଦକୁ କେନ୍ଦ୍ର ସରକାରଙ୍କ ତରଫରୁ ସରକାରୀଭାବେ କୌଣସି ଘୋଷଣା କରାଯାଇ ନାହିଁ। ସରକାର ଏବାବଦକୁ ଏକ ଚିଠା ବିଲ୍ ପ୍ରସ୍ତୁତକରି ସାରିଛନ୍ତି ବୋଲି ଶୁଣିବାକୁ ମିଳୁଛି। ଅନୁଧ୍ୟାନ ପାଇଁ ଏକ ଉଚ୍ଚ ସ୍ତରୀୟ ଅଘୋଷିତ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରାଯାଇ ଥିବାର ସୂଚନା ମିଳୁଛି। ଅନେକେ ଆଶଙ୍କା ମଧ୍ୟ କରୁଛନ୍ତି ଯେ କୌଣସି ମୁହୂର୍ତ୍ତରେ ସଂସଦରେ ବିଲ୍ ଆଗତ ହୋଇପାରେ ଓ ବିରୋଧୀଙ୍କ ପ୍ରସ୍ତୁତି ପୂର୍ବରୁ ବିନା ବିତର୍କରେ ଏହା ପାସ୍ ହୋଇଯାଇ ପରେ। ଏପରି ଦୃଷ୍ଟାନ୍ତ ଅତୀତରେ ବହୁତ ରହିଛି।

ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବା ଯୋଗୁଁ ଏହା ଉପରେ ଅତୀତରେ କୌଣସି ସରକାର ହାତ ମାରିବାକୁ ଚେଷ୍ଟା କରିନାହାଁନ୍ତି। ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାର ତାର ନିର୍ବାଚନ ଇସ୍ତାହାରରେ ସମାନ ନାଗରିକ ସଂହିତା ପ୍ରଣୟନ ପାଇଁ ଉଲ୍ଲେଖ କରିଥିଲା। ବିଜେପିର ଏହା ଏକ ପୁରୁଣା ଏଜେଣ୍ଡା। ପାର୍ଟି ଗଠନ ମୂଳରୁ ଏହାର ସପକ୍ଷରେ ବିଜେପି କହି ଆସିଛି। ସମ୍ବିଧାନ ପ୍ରଣୟନ କମିଟି ମଧ୍ୟ ପୂର୍ବରୁ ଏହା ଉପରେ ବ୍ୟାପକ ଚର୍ଚ୍ଚା କରିଥିଲା। କିନ୍ତୁ ସେ ସମୟରେ ସଦସ୍ୟମାନେ ଏକମତ ହୋଇପାରି ନଥିଲେ ଯଦିଓ ଏହାର ଆବଶ୍ୟକତାକୁ ସ୍ୱୀକାର କରିଥିଲେ। ସମ୍ବିଧାନ ପ୍ରଣୟନ କମିଟିର ଚେୟାରମ୍ୟାନ ଡ. ବି.ଆର୍. ଆମ୍ବେଦକର ପ୍ରଗତିଶୀଳ ଇଉନିଫର୍ମ ସିଭିଲ କୋର୍ଡର ଦୃଢ଼ ସମର୍ଥକ ଥିଲେ। ସହମତିର ଅଭାବରୁ ଏହାକୁ ସମ୍ବିଧାନରେ ସ୍ଥାନିତ କରାଯାଇ ପାରିନଥିଲା। ଏଥିପାଇଁ ସେ ସମ୍ବିଧାନର ଧାରା ୪୪ ରେ ସ୍ଥାନିତକରି ଯାଇଛନ୍ତି ଯେ ରାଷ୍ଟ୍ର ଏଦିଗରେ ପ୍ରୟାସ ଅବ୍ୟାହତ ରଖିବା ଉଚିତ୍। ସ୍ୱାଧୀନତା ପରେ ହିନ୍ଦୁଧର୍ମରେ ସମାନତା ଆଣିବା ପାଇଁ ସେ ସୁପ୍ରସିଦ୍ଧ ହିନ୍ଦୁ କୋଡ୍ ବିଲ୍ ସଂସଦରେ ଆଗତ କରିଥିଲେ। ରକ୍ଷଣଶୀଳଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ମଧ୍ୟ ଗୃହିତ ହୋଇପାରିଲା ନାହିଁ। ଫଳରେ କ୍ଷୋଭର ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ସେ ଇସ୍ତଫା ଦେଇଥିଲେ ଓ ପରେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ପରେ ରାଜନୈତିକ ପାର୍ଟି ଓ ସାମାଜିକ ସଂଗଠନଗୁଡିକ ତରଫରୁ ମିଶ୍ର ପ୍ରତିକ୍ରିୟା ଆସୁଛି। ଶିବସେନା (ଉଦ୍ଧବ) ଓ ଆପ୍ ଏହାକୁ ସମର୍ଥନ କରିଛନ୍ତି। ବିଏସପି ଏପ୍ରକାର ନିୟମକୁ ସମର୍ଥନ କରୁଥିଲେ ହେଁ ବିଜେପିର ସଂକୀର୍ଣ୍ଣ ମନୋଭାବ ଉପରେ ପ୍ରଶ୍ନ ଉଠାଇଛି। କଂଗ୍ରେସ ପ୍ରତିକ୍ରିୟାକୁ ଗଚ୍ଛିତ ରଖି କହିଛି ପ୍ରକୃତ ଚିଠାବିଲ୍ ଉପସ୍ଥାପନ ହେଲାପରେ ମନ୍ତବ୍ୟ ଦେବେ। ଅନେକ ରାଜନୈତିକ ଦଳ ଏହା ଉପରେ କିଛି କହିବାରୁ କ୍ଷାନ୍ତ ରହୁଛନ୍ତି। କେତେକ ରାଜନୈତିକ ଦଳ ସହିତ ଅନେକ ଆଦିବାସୀ ସଂଗଠନ ଏହାକୁ ଘୋର ବିରୋଧ କରିବାର ଦେଖାଯାଉଛି। ସଂଖ୍ୟାଲଘୁମାନଙ୍କ ମଧ୍ୟରୁ ଇସଲାମ୍ ଧର୍ମାବଲମ୍ବୀମାନେ ଭାବୁଛନ୍ତି ଏହା ତାଙ୍କ ବିରୁଦ୍ଧରେ ତାଙ୍କୁହିଁ ଲକ୍ଷ୍ୟକରି ଅଣା ଯାଉଛି। ସମସ୍ତ ମହଲରେ ଏହା ଏକ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଚର୍ଚ୍ଚା ଓ ବିତର୍କ ହେବା ସ୍ୱାଗତଯୋଗ୍ୟ ବିଷୟ। ପ୍ରତ୍ୟେକ ଧର୍ମ, ଜାତି ଓ ସମ୍ପ୍ରଦାୟର ଲୋକଙ୍କୁ ମଧ୍ୟ ଏହି ବିତର୍କରେ ଯେତେ ସାମିଲ କରାଯିବ ସେତେ ଭଲ। ବିଭିନ୍ନ ସ୍ଥାନରେ ଆଲୋଚନା ସଭା ହେବା ଜରୁରୀ। ସଂସଦରେ ମଧ୍ୟ ଏହା ଉପରେ ବିତର୍କ ହେଉ। ଯାହା ଫଳରେ ଏକ ସର୍ବାଦୃତ ଉତ୍କୃଷ୍ଟ ନିୟମ ଆମେ ପାଇପାରିବା। ସପକ୍ଷ ଓ ବିପକ୍ଷରେ ଯେତେ ଆଲୋଚନା ହେବ ପ୍ରସ୍ତାବିତ ନିୟମର ଦୋଷଦୁର୍ବଳତା ସେତେ ପଦାରେ ପଡିବ ଏବଂ ଏହାର ଉପାଦେୟତା ଓ ଅନୋପାଦେୟତା ସେତେ ବୋଧଗମ୍ୟ ହେବ।

ସପକ୍ଷବାଦୀଙ୍କ ଯୁକ୍ତି ହେଉଛି ଗୋଟିଏ ଦେଶରେ ଗୋଟିଏ ପ୍ରକାର ନିୟମ ହେବା ଜରୁରୀ। ଏହା ରାଷ୍ଟ୍ରୀୟ ଏକତାକୁ ମଜଭୂତ କରିବ। ଅମାନବୀୟ ଓ ଅନୈତିକ ସାମାଜିକ ବିଧିବିଧାନକୁ ସମାପ୍ତ କରିବ। ପ୍ରାୟତଃ ସମସ୍ତ ବିକଶିତ ରାଷ୍ଟ୍ର ସମାନ ନାଗରିକ ନିୟମକୁ ଅନୁସରଣ କରନ୍ତି। ଭାରତବର୍ଷ ଭିତରେ ଗୋଆରେ ଏହିପ୍ରକାର ନିୟମ ରହିଛି। ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବାପରେ ୧୯୬୨ ରୁ ସେଠାରେ ଏହା ଲାଗୁ ହୋଇ ଆସୁଛି। ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ। ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀ ସେମାନଙ୍କ ସ୍ୱତନ୍ତ୍ରତା ବଜାଇ ରଖିବେ। ଗୋଟିଏ ଉତ୍କୃଷ୍ଟ ଓ ପ୍ରଗତିଶୀଳ ସମାଜ ପାଇଁ ଯାହା ଆବଶ୍ୟକ ତାକୁହିଁ ଗୁରୁତ୍ୱ ଦିଆଯିବ। ସମାନତା ଉପରେ ଗୁରୁତ୍ୱ ଦିଆଯିବ। ନାରୀ ସ୍ୱାଧୀନତାକୁ ସ୍ୱୀକାର କରାଯିବ ଓ ତାଙ୍କୁ ପୁରୁଷ ସହିତ ସମାନ ବୋଲି ବିବେଚନା କରାଯିବ। ଉତ୍ତରାଧିକାରୀ ସୂତ୍ରରେ ସେମାନେ ମାଲିକାନା ହକ୍ ପାଇବେ। ଜନସଂଖ୍ୟା ନିୟନ୍ତ୍ରଣକୁ ନିଶ୍ଚିତ କରାଯିବ। ବହୁପତ୍ନୀ ଓ ବହୁପତି ଗ୍ରହଣକୁ ନିରୁତ୍ସାହିତ କରାଯିବ। ଘୃଣା-ଦ୍ୱେଷ ସୃଷ୍ଟିକାରୀ ସାମାଜିକ ବିଭେଦକୁ ଦୂର କରାଯିବ। ଏପରି ଅନେକ ଲୋଭନୀୟ ଓ ମନ ମତାଣିଆ କଥା ସପକ୍ଷ ବାଦୀମାନେ କହୁଛନ୍ତି। ଗୋଟିଏ ବିଭେଦଶୂନ୍ୟ ମମତାପୂର୍ଣ୍ଣ ଉନ୍ନତ ସମାଜ କଥା ଏମାନେ କହୁଛନ୍ତି। ଭାଷା, ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ଉପରେ ଏ ନିୟମ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଏମାନଙ୍କ ଯୁକ୍ତି। ଆଗରୁ ଫୌଜଦାରୀ ଆଇନରେ ସମାନତା ରହିଛି। ଏବେ ଦେୱାନି ନିୟମ କ୍ଷେତ୍ରରେ ସରକାର ସମାନତା ଆଣିବାକୁ ଚାହୁଁଛନ୍ତି।

ପ୍ରସ୍ତାବିତ ନିୟମକୁ ନେଇ ବିପକ୍ଷବାଦୀଙ୍କ ଯୁକ୍ତି ଭିନ୍ନ। ତାଙ୍କ ଯୁକ୍ତି ଯେ ପ୍ରଗତିଶୀଳ ଆଭିମୁଖ୍ୟ ନେଇ ଏ ନିୟମ ଅଣାଯାଉ ନାହିଁ। ବିଜେପି ଏହି ନିୟମର ଆଢୁଆଳରେ ମନୁସ୍ମୃତିକୁ ସ୍ଥାପନ କରିବାକୁ ଚାହୁଁଛି। ହିନ୍ଦୁତ୍ୱବାଦୀ ବିଚାରକୁ ସମସ୍ତଙ୍କ ଉପରେ ଲଦିଦେବାକୁ ଚାହୁଁଛି। କାରଣ ବିଜେପି ଯେଉଁପରି ଦୃଷ୍ଟିଭଙ୍ଗୀ ପୋଷଣ କରିଆସିଛି, ସେଥିରୁ ଏହା ସ୍ପଷ୍ଟ ଅନୁମେୟ। ଏହା ଆଣିବା ପଛରେ ଧାର୍ମିକ ଆଧିପତ୍ୟବାଦୀ ମାନସିକତା ରହିଛି। ସେଇଥିପାଇଁ ଏ ବିଷୟକୁ ବିତର୍କ ଟେବୁଲକୁ ଅଣୁନାହିଁ। ଚୁପଚାପ୍ ଏହାକୁ ପାରିତ କରେଇ ନେବାକୁ ଚାହୁଁଛି। ଏହା ଉପରେ ବ୍ୟାପକ ବିତର୍କ ହେଉ। ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ଜାତି ଓ ଜନଜାତି ମଧ୍ୟରେ ଯେଉଁ ଆଶଙ୍କା ଦେଖାଦେଇଛି, ତାହାକୁ ଆଲୋଚନା ମାଧ୍ୟମରେ ସରକାର ହଟାଇବାକୁ ଚେଷ୍ଟା କରନ୍ତୁ। ଭାରତବର୍ଷ ବହୁ ଧର୍ମ, ବହୁ ସମ୍ପ୍ରଦାୟ, ବହୁ ଜାତି ଓ ବହୁବିଧ ବିଶ୍ୱାସର ଦେଶ। ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ସାମ୍ବିଧାନିକ ନିର୍ଦ୍ଦେଶ। ଦମନର ଆଭିମୁଖ୍ୟ ନେଇ ଏପରି ବିଲ୍ ଅଣା ନଯାଉ।

ଯେଉଁ ପ୍ରଗତିଶୀଳ ଗୋଷ୍ଠୀ ବିଭିନ୍ନ ଧର୍ମ ମଧ୍ୟରେ ଥିବା ବିଭେଦକୁ ହଟାଇ ସମାନତା ଆଣିବାକୁ ଚାହାଁନ୍ତି ସେମାନଙ୍କ ଯୁକ୍ତି ହେଉଛି ବିଜେପି ସରକାର ପ୍ରଥମେ ପ୍ରାଧାନ୍ୟ ଦେଉଥିବା ହିନ୍ଦୁଧର୍ମ ମଧ୍ୟରେ ଥିବା ସମସ୍ତ ବିଭେଦକୁ ହଟାଇ ସମାନତା ଆଣନ୍ତୁ। ବିଭେଦର ଜନକ ବର୍ଣ୍ଣବ୍ୟବସ୍ଥାକୁ ହଟାନ୍ତୁ। ସ୍ପଷ୍ଟ କରନ୍ତୁ କୌଣସି ଗୋଟିଏ ଧର୍ମର ନୀତିନିୟମକୁ ଭିନ୍ନ ଧର୍ମ ଉପରେ ଲଦାଯିବ ନାହିଁ। ଆଦିବାସୀମାନଙ୍କ ସାଂସ୍କୃତିକ ଓ ପାରମ୍ପରିକ ସ୍ୱତନ୍ତ୍ରତା ବଜାଇ ରହିବ। ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ କୌଣସି ଗୋଟିଏ ଧର୍ମର କାର୍ଯ୍ୟକ୍ରମ ହେବନାହିଁ, ହେଲେ ସମସ୍ତ ଧର୍ମର ହେବ। ଏଗୁଡ଼ିକରେ କୌଣସି ଗୋଟିଏ ଧର୍ମର ଦେବାଦେବୀ ଓ ଧାର୍ମିକ ମହାପୁରୁଷଙ୍କ ଫୋଟ କିମ୍ବା ପ୍ରତିମୂର୍ତ୍ତୀ ରହିବ ନାହିଁ। ରହିଲେ ସମସ୍ତ ଧର୍ମର ରହିବ। ସମାଜରେ ପୁରୁଷ ଓ ନାରୀକୁ ସମାନ ଅଧିକାର ମିଳିବ। ନାରୀମାନେ ପୁରୁଷ ତୁଲ୍ୟ ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିପାରିବେ। ନିଜ ଧର୍ମ ମଧ୍ୟରେ କାହାରିକୁ କୌଣସି ଧର୍ମ ଅନୁଷ୍ଠାନରେ ପ୍ରବେଶ ପାଇଁ ବାରଣ କରାଯାଇ ପାରିବ ନାହିଁ। ସମାନତାର ବିରୋଧି ବର୍ଣ୍ଣବ୍ୟବସ୍ଥା ଓ ଏଥିରୁ ଜାତ ଜାତିବାଦ ହଟିବ। ସମାଜରେ ଥିବା ସମସ୍ତ ବିଭେଦ ହଟିବ। ଏକ ସମତାଭିତ୍ତିକ ସମାଜ ଗଠିତ ହେବ। ଏସମସ୍ତ ବିଷୟ ମଧ୍ୟ ଇଉନିଫର୍ମ ସିଭିଲ କୋଡ଼ର ଅଂଶବିଶେଷ ହେଉ। କୌଣସି ପ୍ରକାର ଧାର୍ମିକ ପକ୍ଷପାତିତ ନରହୁ।

♥ ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ସ୍ମୃତି ଆଲେଖ୍ୟ

# ମା' ପରି ମା'ଟିଏ

ମୀରା ବେଉରା



ଯେଉଁମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କେବଳ ସ୍ୱପ୍ନ ଦେଖିନଥିଲେ ବରଂ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ଏବଂ ସେବା ଦ୍ୱାରା ମହିଳା ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଜାତୀୟବାଦରେ ଉଦ୍‌ବୁଦ୍ଧ ହୋଇ ଜାତିର ଇତିହାସକୁ ଏକ ନୂତନ ଦିଗରେ ନେବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ, ସେ ଥିଲେ ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାଦେବୀ। ମାନବ ସେବା ହିଁ ମାଧବ ସେବା, ଏହି ନୀତିକୁ ପାଥେୟ କରିଥିଲେ ମା' ରମାଦେବୀ। ଏହା ସତ୍ୟ ଯେ କେବଳ ହିଂସା ଓ ରକ୍ତପାତରେ ନୁହେଁ, ଉତ୍କଳର ଯେଉଁ ମହିୟସୀ ମହିଳାମାନେ ଶାନ୍ତି ଓ ଅହିଂସା ମାଧ୍ୟମରେ ତତ୍କାଳୀନ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସ୍ୱପ୍ନ ଦେଖିଥିଲେ, ସେହି ନାରୀଶକ୍ତିର ପ୍ରମୁଖ ପ୍ରତୀକ ହେଉଛନ୍ତି ମା' ରମାଦେବୀ। ସେହି ସମୟରେ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନ ହିଁ ଏହି ନାରୀ ସମାଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସଦେବାକୁ ପ୍ରେରଣା ଯୋଗାଇଥିଲା। ଜାତିରପିତା ଗାନ୍ଧିଜୀଙ୍କ ଆଦର୍ଶରେ ଗଭୀର ଭାବେ ଅନୁପ୍ରାଣିତ ହୋଇ ଏହି ମହିୟସୀ ମହିଳାମାନେ ଅଗ୍ନିଶମ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ କରିଥିଲେ। ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଦେଶ, ସମାଜ, ଜାତି ଓ ରାଷ୍ଟ୍ର ନିର୍ମାଣ ପାଇଁ ସେବାକୁ ଆଜୀବନ ନିଜ ଜୀବନର ବ୍ରତ କରିଥିବା ଏହି ଉତ୍କଳର ଶିଳାଭୂମି ତଳେ ଆଜି ବି ଲୁଚି ରହିଛି ଏହି ମହିୟସୀ ମହିଳାମାନଙ୍କର ଆଜୀବନ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ବ୍ୟଥାଭରା କାହାଣୀ।

ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ୍ୟ ଅନେକ ବାଧା, ପ୍ରତିବାଦ, ବିରୋଧ, ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଜୀବନବ୍ୟାପୀ ସାଧନା ଦ୍ୱାରା ସମଗ୍ର ମାତୃଜାତିର ଆଦର୍ଶ ଥିଲେ ମା' ରମାଦେବୀ। ଏହିମାନେ ହିଁ ଥିଲେ ପ୍ରଚଣ୍ଡ ଦେଶପ୍ରେମ, ତ୍ୟାଗ ତିତିକ୍ଷାର ଜ୍ୱଳନ୍ତ ନିଦର୍ଶନ। ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ମଙ୍ଗଳମୟ ସମାଜ ଏବଂ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା ଥିଲା। ଏହି ମହିୟସୀ ମା' ରମାଦେବୀଙ୍କ ବ୍ରତ। ସେ ଦିନ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ନାରୀଶକ୍ତିର ପ୍ରତୀକ ସରଳାଦେବୀ, ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାାଦେବୀ ଏବଂ ବିପ୍ଳବୀ ବହ୍ନିକନ୍ୟା ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ପାଲଟି ଯାଇଥିଲେ। ପ୍ରାଚୁର୍ଯ୍ୟ ମଧ୍ୟରେ ବଢ଼ିଥିଲେ ମଧ୍ୟ ଡେପୁଟି କଲେକ୍ଟର ଚାକିରି ଛାଡ଼ିଥିବା ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ରମାଦେବୀ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ୧୯୨୧ ମସିହାରେ କାଠଯୋଡ଼ି ନଦୀ କୂଳରେ ମହାତ୍ମା ଗାନ୍ଧୀଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିଜର ଶହେ ଭରି ସୁନା ଏବଂ ନିଜ ହାତରେ ଅରଟରେ କାଟିଥିବା ବିରାଟ ସୂତା ପୁଡ଼ିଆକୁ ମହାତ୍ମା ଗାନ୍ଧୀଙ୍କ ହାତକୁ ଯିଏ ବଢ଼େଇ ଦେଇଥିଲେ, ସେ ଥିଲେ ମା' ରମାଦେବୀ। ଯିଏ ଆଜୀବନ ପାଦରେ ଚପଲଟିଏ ମଧ୍ୟ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ, ସେ ଥିଲେ– ମା' ରମାଦେବୀ। ଯାହାଙ୍କ ଜୀବନଶୈଳୀ ଅତ୍ୟନ୍ତ ସରଳ, ସାବଲୀଳ ଥିଲା, ସେ ଥିଲେ ମା' ରମାଦେବୀ। ତାଙ୍କର କନ୍ୟା ଅନ୍ନପୂର୍ଣ୍ଣା ଏବଂ ପୁତ୍ର ମନମୋହନ ମଧ୍ୟ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ୧୯୬୨ ମସିହାରେ ଭାରତ ଏବଂ ଚୀନ୍ ମଧ୍ୟରେ ଯୁଦ୍ଧ ଚାଲିଥିଲା ବେଳେ ଯିଏ ସେନାଛାଉଣୀରେ ଅବସ୍ଥାନ କରି ସୈନ୍ୟମାନଙ୍କର ସେବା କରିଥିଲେ, ସେ ଥିଲେ ମା' ରମାଦେବୀ। କେବଳ ସେତିକି ନୁହେଁ, ୧୯୬୪ ମସିହାରେ ଦଣ୍ଡକାରଣ୍ୟଠାରେ ବଙ୍ଗଳାଦେଶୀ ଶରଣାର୍ଥୀଙ୍କ ସେବାରେ ଯିଏ ବ୍ରତୀ ଥିଲେ, ସେ ହେଉଛନ୍ତି ମା' ରମାଦେବୀ।

> ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ମଙ୍ଗଳମୟ ସମାଜ ଏବଂ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା ଥିଲା। ଏହି ମହିୟସୀ ମା' ରମାଦେବୀଙ୍କ ବ୍ରତ।

ବନ୍ୟା ହେଉ କି ବାତ୍ୟା ହେଉ କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ଯିଏ ଅପାର ଆନନ୍ଦ ଲାଭ କରୁଥିଲେ, ସେ ଥିଲେ ମା' ରମାଦେବୀ। ପ୍ରଥମେ ଅଳକା ଆଶ୍ରମ ଏବଂ ପରେ ବରୀ ଆଶ୍ରମ ଗଢ଼ି ଅନେକ ସେବାମୂଳକ କାର୍ଯ୍ୟ ଜାରି ରଖିଥିଲେ ମା' ରମାଦେବୀ। ଯେମିତିକି ନାରୀ ଜାଗରଣ, ନିଶା ନିବାରଣ, ମୌଳିକ ଶିକ୍ଷା, ମହୁଚାଷ, ଗୋ' ସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗାବୁଣିବା ଇତ୍ୟାଦି କାର୍ଯ୍ୟରେ ମା' ସର୍ବଦା ବ୍ୟସ୍ତ ରହୁଥିଲେ। କେବଳ ସେତିକି ନୁହେଁ, ୧୯୩୦ ମସିହା ଅପ୍ରେଲ ୧୩ ତାରିଖରେ ଇଞ୍ଚୁଡ଼ିଠାରେ ଆରମ୍ଭ ହୋଇଥିଲା 'ଆଇନ୍ ଅମାନ୍ୟ ଆନ୍ଦୋଳନ' ହେଉ, ୧୯୩୪ ମସିହାରେ 'ହରିଜନ ପଦଯାତ୍ରା' ହେଉ ଅବା ୧୯୪୨ ଅଗଷ୍ଟ ୯ର 'ଭୂଦାନ ଆନ୍ଦୋଳନ' ହେଉ, ପ୍ରତ୍ୟେକ ଆନ୍ଦୋଳନରେ ଯୋଗଦେଇ ମା' ରମାଦେବୀ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ମହିଳମାନଙ୍କ ପାଇଁ ଆଦର୍ଶ ସାଜିଥିଲେ।

ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନନୀୟ 'ଡକ୍ଟରେଟ୍' ଉପାଧି ଏବଂ ଯମୁନାଲାଲ୍ ଫାଉଣ୍ଡେସନ୍ ତରଫରୁ ପୁରସ୍କାର ମିଳିଥିଲା। ଏହି ଫାଉଣ୍ଡେସନ୍ ତରଫରୁ ପାଇଥିବା ଏକଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ମା' ରମାଦେବୀ ଦଳିତ, ଅବହେଳିତ ଜନତାଙ୍କ ସେବାରେ ଖର୍ଚ୍ଚ କରିଥିଲେ। ପ୍ରକୃତରେ ମା' ରମାଦେବୀ ଥିଲେ ସେବା, ମମତା ଏବଂ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଅବଦାନ ଏ ଜାତି କେବେ ଭୁଲିବ ନାହିଁ।

❤ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪

## ସ୍ମୃତି ଶତଦଳ ୨୯୬



# ମାଧୁର୍ଯ୍ୟର ମହାତୀର୍ଥ-୨

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୋହର ମାଧୁର୍ଯ୍ୟ ଯାତ୍ରାର ଅଙ୍କୁର ମୋ ହୃଦୟରେ ରୋପିତ ହୋଇଥିଲା ଖୁବ୍ ପିଲାଦିନୁଁ । ସେତେବେଳେ ମୁଁ ଅଜା, ଆଇଙ୍କ ପାଖରେ ସୁନ୍ଦରଗଡରେ ପଢୁଥିଲି । ପ୍ରାଇମେରୀ ସ୍କୁଲରେ ପଢିବାବେଳୁଁ ଅଜା ଆଇ ମତେ ପୁରୀ ନେଇ ଆସନ୍ତି ଜଗନ୍ନାଥ ଦର୍ଶନ ପାଇଁ ଏବଂ ପ୍ରଭୁଙ୍କର ଦର୍ଶନ ପରେ ପୁଣି ଆମେ ଫେରିଯାଉଁ ସୁନ୍ଦରଗଡ ।

ସୁନ୍ଦରଗଡ ଏକ ଗଡଜାତ ଅଞ୍ଚଳ ହୋଇ ଥିବାରୁ ସେଠି ରଥଯାତ୍ରା ଖୁବ୍ ଧୁମ୍‌ଧାମରେ ପାଳନ କରାଯାଏଁ । ସେଠିକାର ଅଧିବାସୀ ମୁଖ୍ୟତଃ ଆଦିବାସୀ ମାନେ ପ୍ରାୟ ନୂଆ ଲୁଗା ପିନ୍ଧି ରଥ ଦୁତୀୟା ଯାତ୍ରା ଦେଖିବାକୁ ଯାଆନ୍ତି । ଯାତ୍ରା ଖର୍ଚ୍ଚ ମଧ୍ୟ ଗୁରୁଜନ ମାନଙ୍କଠାରୁ ଆଶୀର୍ବାଦ ଆକାରରେ ମିଳିଥାଏ । ଅଜା ଜଣେ ପ୍ରବୀଣ ଶିକ୍ଷାବିତ୍ ହେବା ସହ ଖୁବ୍ ଧର୍ମ୍ମ ପରାୟଣ ଥିଲେ। ପ୍ରତ୍ୟେକ ଦିନ ଠାକୁର ପୂଜା ପରେ କୋଥଳିରୁ ରୁଦ୍ରାକ୍ଷମାଳା କାଢି ଜପ କରନ୍ତି । ସେ ଶ୍ରୀ ଶ୍ରୀ ରାମକୃଷ୍ଣଙ୍କ ଦ୍ୱାରା ଦୀକ୍ଷିତ ଥିଲେ। ତେଣୁ ରାମକୃଷ୍ଣ ଓ ବିବେକାନନ୍ଦଙ୍କର ବହି ଆମକୁ ପଢିବାକୁ ଦିଅନ୍ତି ଏବଂ ତାଙ୍କ କଥିତ ମହତ୍‌ବାଣୀ ମଧ୍ୟ ଆମେ ତାଙ୍କ ମୁହଁରୁ ଶୁଣୁଥିଲୁଁ।

ରଥଯାତ୍ରା ଆଗରୁ ମୋର ନୂଆ ଜାମା ତିଆରି ହୋଇଥାଏ । ଅଜା ମଧ୍ୟ ନୂଆ ସାର୍ଟ ଓ ଧୋତି ପିନ୍ଧି ମୋ ହାତଧରି ରଥଯାତ୍ରା ଦେଖାଇବାକୁ ନିଅନ୍ତି । ପହଣ୍ଡି ବିଜେ ଓ ଛେରାପହଁରା ନୀତି ସରିବା ପରେ ରଥ ଚକ ଗଡିବା ଆରମ୍ଭ ହୁଏ ଏବଂ ସେତିକି ବେଳେ ଅଜା ନିଜେ ପ୍ରଣିପାତ ହୋଇ ମତେ ମଧ୍ୟ ଦୁଇହାତରେ ଟେକି ଧରନ୍ତି, କହନ୍ତି ରଥ ଚାଲିଲା ବେଳେ ଠାକୁରଙ୍କୁ ଦର୍ଶନ କଲେ ମହାପୁଣ୍ୟ ହୋଇଥାଏ ତା'ପରେ ଶ୍ଳୋକଟିଏ ଗାଇଥାନ୍ତି –

'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ' ସେଇଦିନଠୁଁ ଆଜିଯାଏଁ ଯେତେଥର ରଥଯାତ୍ରା ଆସିଥାଏ ଏବଂ ମୁଁ ପ୍ରଭୁମାନଙ୍କୁ ଦର୍ଶନ କରିବାର ଅପୂର୍ବ ସୌଭାଗ୍ୟ ପାଇଥାଏ ସେତେବେଳେ ଅଜାଙ୍କର କଥା ବହୁତ ମନେ ପଡିଥାଏ । ଏହାଛଡା ଅଜା ରଥ ଦଉଡି ଟାଣିଲା ବେଳେ ରଥ ଦଉଡିରୁ ଅଳ୍ପ କିଛି ସୂତା ହାତରେ ଆଣିଥାଁ ଏବଂ ବଗିଚାରେ ସବୁ ଗଛରେ ବାନ୍ଧି ଦିଅନ୍ତି । ପ୍ରଭୁମାନେ ଆଡପମଣ୍ଡପରେ ଥିବା ବେଳେ ପ୍ରାୟ ପ୍ରତ୍ୟେକଦିନ ସନ୍ଧ୍ୟାବେଳେ ଅଜା, ଆଇ ମତେ ଧରି ଦର୍ଶନ ପାଇଁ ଯାଆନ୍ତି ଏବଂ କହିଥାନ୍ତି ଗୁଣ୍ଡିଚା ମନ୍ଦିରରେ ପ୍ରଭୁଙ୍କର ଦର୍ଶନ ଖୁବ୍ ପୁଣ୍ୟଦାୟକ ହୋଇଥାଏ ।'

> ଶ୍ରୀମନ୍ଦିରରେ ଐଶ୍ବର୍ଯ୍ୟ ଲୀଳାରେ ଥିଲେ ପ୍ରଭୁ କିନ୍ତୁ ଯେତେବେଳେ ସେଠାରୁ ଓହ୍ଲାଇ ଆସି ଗୁଣ୍ଡିଚା ମନ୍ଦିର ଯିବାପାଇଁ ରଥରେ ଆସୀନ ହେଲେ, ରଥର ସନ୍ଧିନୀ ଶକ୍ତ ସହ ସଂଯୁକ୍ତ ହୋଇ ପାଲଟିଗଲେ ଔଦାର୍ଯ୍ୟ ଓ ପାବନୀ ଶକ୍ତିର ଅବତାର । ତାଙ୍କର ଦର୍ଶନ ହିଁ ସମସ୍ତଙ୍କୁ ସାଯୁଜ୍ୟ ମୁକ୍ତି ପ୍ରଦାନ କରେ ।

ଏ ପରିଣତ ବୟସରେ ମଧ୍ୟ ଅଜାଙ୍କର ସେଇ ଉପଦେଶ ଗୁଡିକ ସୁବର୍ଣ୍ଣ ଅକ୍ଷରରେ ମୋର ହୃଦୟରେ ଲିପିବଦ୍ଧ ହୋଇ ରହିଯାଇଛି । ଅଦ୍ଭୁତ ଏ ସାଂସାରିକ ଜାଳ ସବୁ କାମ ଭିତରେ ଯେମିତି ସାଧାରଣ ମଣିଷଟିଏ ଶିକୁଳିରେ ବାନ୍ଧି ହୋଇସଂସାର କାମରେ ଲିପ୍ତ ହୋଇଯାଏ । ତେଣୁ ଜାଗତିକ ଜାଳରେ ମୁଁ ଅନେକ ଦିନ ହେଲା ପୁରୀ ଯାଇ ପାରିନଥିଲି କି ଆଡପମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ କରିପାରିନଥିଲି । ଶ୍ରୀଗୁଣ୍ଡିଚା ଯାତ୍ରାର ଧାରା ବିବରଣୀ ଦେବା ପରେ ମତେ ଲାଗିଲା ପ୍ରଭୁ ଯେମିତି କାନେ କାନେ କହୁଛନ୍ତି 'ଆରେ ମୂଢ ସାରା ସଂସାରକୁ ଶୁଣ ଉଚ୍ଛୁ ଏଇ ମହାନ୍ ବାର୍ତ୍ତା, ନିଳାଦ୍ରୀ ଦଶବର୍ଷାଣି ଆଡପ ମଣ୍ଡପେ ଦିନେ' ଅଥଚ ଏଠିକି ଦର୍ଶନ ପାଇଁ ତ' ଆସୁନାହୁଁ? ମନେ ପକା କେବେ ମୋ ପାଖକୁ ଆସିଥିଲୁଁ । ଖାଲି ଲୁହ ଗଡେଇଲେ କ'ଣ ହେବ !

ହଠାତ୍ ମତେ ଚାବୁକ କିଏ ମାରିଦେଲା କି ଆଉ ? ମୁଁ ସନ୍ଧ୍ୟାବେଳେ ହିଁ ନିଷ୍ପତ୍ତି ନେଲି ଯେମିତି ହେଉ ଠାକୁରଙ୍କ ଦର୍ଶନ ପାଇଁ ପୁରୀ ଯିବି । କାର୍ ଡ୍ରାଇଭର ନ ଆସିଲେ ବସ୍‌ରେ ବସି ଚାଲିଯିବି କିନ୍ତୁ ନିଶ୍ଚୟ ଯିବି । ଥରେ ମନସ୍ଥିର କଲେ ବ୍ରହ୍ମା, ବିଷ୍ଣୁ ମହେଶ୍ୱର ମଧ୍ୟ ମତେ ରଖି ପାରିବେନି । ନିଶ୍ଚୟ ପ୍ରଭୁଙ୍କୁ ଦେଖିବାକୁ ଯିବି । ପ୍ରବଳ ଭିଡ ଓ କଟକଣା ପାଇଁ ପ୍ରଥମେ ପ୍ରଥମେ ଡଃ ଷଡଙ୍ଗୀ ମନା କରୁଥିଲେ । କିନ୍ତୁ ଝିଅ ଜୋଇଁ ଓ ସାନ ଯା ବାହାରିବାରୁ ଆଉ ମନା କରି ପାରିଲେ ନାହିଁ । ସବୁ ଥରକ ଆଗରୁ ପ୍ଲାନ କରି ଯାଉଥିବାରୁ କିଛି ଅସୁବିଧା ହେଉନଥିଲା । କିନ୍ତୁ ଏଥରକ କିଛି ମଧ୍ୟ ବନ୍ଦୋବସ୍ତ ହୋଇପାରିନଥିଲା । ଶେଷରେ ଆମର ଜଣେ ଆତ୍ମୀୟ ପୁତୁରାଙ୍କୁ ଏକଥା ଜଣାଇଲି। ସେ ଆଶ୍ଚର୍ଯ୍ୟ ହୋଇଗଲେ କହିଲେ 'ଗାଡି ଛାଡିବନି ଆପଣ ଚାଲିଚାଲି ଲମ୍ବା ଲାଇନ ରେ ଯିବେ ପ୍ରାୟ ଦୁଇଘଣ୍ଟା ଲାଗିଯିବ । ତେଣୁ ମୁଁ ବନ୍ଦୋବସ୍ତ କରୁଛି ।' ଠାକୁରଙ୍କ ଅପୂର୍ବ ଦୟାରୁ ଏବଂ ପୁତୁରାଙ୍କ ପ୍ରଚେଷ୍ଟାରୁ ଦୁଇଟି ଯାକ ଗାଡି ପାସ୍ ମିଳିଗଲା ଏବଂ ପ୍ରଭୁଙ୍କର ଦର୍ଶନ ମଧ୍ୟ ବହୁତ ଭଲରେ ହୋଇଗଲା। ପ୍ରବଳ ଭିଡ ଓ ଷ୍ଟାମ୍ପେଡ ହେବାର ଭୟ ସତ୍ତ୍ୱେ ସୁନ୍ଦର ଭାବରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ ହେଲା । ନୀଳାଂଜନଙ୍କର ଦୁଇଟି ଚକା ଆଖି ଦେଖି ନିଜ ଆଖିକୁ ବିଶ୍ୱାସ କରିପାରିଲିନି । ବିହ୍ୱଳ ହୋଇଗଲି, ଦୁଇ ଆଖି ଲୁହରେଝାପସା ଦେଖାଗଲା । ପ୍ରଭୁ କେତେଦିନ ପରେ ତୁମ ଆଖିରେ ମୁଁ ଆଖି ମିଶାଇ ତୁମକୁ ଦେଖି ପାରୁଛି । ମତେ ଲାଗୁଥିଲା ମୁଁଯେମିତି କରୁଣାର ମହା ସମୁଦ୍ରରେ ବୁଡିଯାଇଛି, ପ୍ରଭୁ ମତେ ଚାହିଁ ମନ୍ଦ ମନ୍ଦ ହସୁଛନ୍ତି । ସ୍ୱର୍ଗ ସତେ ଆଉ କେତେଦୂର ? ଶେଷରେ ତାଙ୍କୁ ଦେଖି ଅସ୍ପଷ୍ଟ ସ୍ୱରରେ ମୁଁ ଯେପରି ଆବୃତ୍ତି କରୁଥିଲି 'ତୁମର ଦର୍ଶନ ମାତ୍ରେ ମୋକ୍ଷଯଦି ଯିବି ପାଇ, ଚାହୁଁ ଚାହୁଁ ଶହ ଶହ ପୁନର୍ଜନ୍ମ ଯିବି ମୁଁ ଏଡାଇ ।' ଯେମିତି ମୋର ଜୀବନ ହିଁ ପରିପୂର୍ଣ୍ଣ ହୋଇଗଲା । ଓଁ ପୂର୍ଣ୍ଣମିଦଂ ଶ୍ଳୋକଟି ଗାଇଲି ଓ ମୁଣ୍ଡ ନୁଆଁଇଲି । ଗୁଣ୍ଡିଚା ମନ୍ଦିର ବାହାରକୁ ଆସି ଦିବ୍ୟ ତିନିରଥକୁ ଦର୍ଶନ କରି ଯେପରି ମୋକ୍ଷ ପାଇଗଲି । ଏତେ ପାଖରୁ ଏତେ ସୁନ୍ଦର ଦିବ୍ୟ ଦର୍ଶନ ମୋର ଶରୀର ଓ ଆତ୍ମାକୁ ମହକାଇ ଦେଲା ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୩୦)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନିରୁପାୟ ଓ ବିବଶ ହୋଇ କାକୁତିମିନତି କରୁଥିବା ମାଆକୁ ବି ମୁଁ କେବେ ଦେଖି ନ ଥିଲି। ତାର ଏଇ ରୂପ ଦେଖି ମୋର ଛାତି ଫାଟିଗଲା ପରି ଲାଗୁଥିଲା। "ଦେଖ, ତୋର ମାଆ ମରିଯିବ।" ତାର ଏଇ ବାକ୍ୟ ହାତୁଡ଼ି ପରି ପିଟି ହେଉଥିଲା ମୋ ଛାତିରେ, ସତକୁ ସତ ଯଦି ମୁଁ ମାଆକୁ ହରେଇଦିଏ ତା ହେଲେ, ନା' ନା' ! ଏମିତି କେବେ ହେବନି। ମୁଁ ଶାନ୍ତିପୂର୍ଣ୍ଣ ପରନ୍ତୁ ପରାଜିତ ଭାବ ନେଇ କହିଲି "ଠିକ୍ ଅଛି, ଯଦି ଏତେ କଷ୍ଟ ହେଉଛି ତେବେ ରହିବାକୁ ଦେ'।"

ତାକୁ ବହୁତ ଭଲ ଲାଗିଲା। ଯାହା ହେଲେ ବି ପିଲାମାନେ ହିଁ ମାଆକୁ ବୁଝି ପାରନ୍ତି। ସିଏ କହି ତ ଥିଲା ... ହେଲେ ଯଥାର୍ଥରେ ମାଆ କଣମୋତେ ବୁଝି ପାରୁଥିଲା ? ସଂଜୟ କୁମାର ଆମ ସମସ୍ତଙ୍କୁ ଲିଫଟ୍ ଭିତରକୁ ନେଇଗଲା। ଜୀବନରେ ପ୍ରଥମ ଥର ପାଇଁ ସିଏ ଲିଫଟ ଦେଖିଥିଲା। ମାଆ ଲିଫ୍ଟର ଚଟାଣରେ ବସିଥିଲା। ଲିଫ୍ଟ ଚାଲିବା ମାତ୍ରେ ସିଏ ଆଖି ଉପରେ ହାତ ରଖିନେଲା।

ଆମେ ସଂଜୟ କୁମାରର ଘରକୁ ଗଲୁ। ରୋହିଣୀ ସାଙ୍ଗେ ସାଙ୍ଗେ ରୋଷେଇ କରି ମାଆକୁ ଖାଇବାକୁ ଦେଲା। ତାକୁ ଟିକେ ଭଲ ଲାଗୁଥିଲା। ଆମେ ସବୁ ତାକୁ ଔଷଧ ଓ ଉପଚାରର ମହତ୍ତ୍ୱ ବିଷୟରେ ବୁଝାଉଥିଲୁ। ସିଏ କୌଣସି ପ୍ରକାର ପ୍ରତିବାଦ ନକରି ଚୁପ୍‌ଚାପ୍ ସବୁ ଶୁଣୁଥିଲା।

'ଗାଁରେ ପଥୁରୀ ପାଇଁ ଔଷଧ ଦେଉଥିବା ଜଣେ ବୈଦ୍ୟ ଅଛି। ସିଏ ଜଡ଼ିବୁଟ ବି ଖାଇବାକୁ ଦିଏ।' ମାଆ ଖାଲି ଏତିକି କହିଲା।

ସେମିତି ହୁଏନାହିଁ, ଏକଥା ଆମେ ତାକୁ ବାର୍ ବାର୍ ବୁଝେଇବାକୁ ଚେଷ୍ଟା କରୁଥିଲୁ। ରାତିରେ ଘରକୁଫେରିଲୁ ଆମେ। ମାଆ ରାତିରେ ଆରାମରେ ଶୋଇଲା। ଶକ୍ତି-ବର୍ଦ୍ଧକ ଭିଟାମିନ୍ ବି ଖାଇଲା। ଶାନ୍ତିରେ ଶୋଇପଡ଼ିଲା ସିଏ। ଦୁଇ ଦିନ ପରେ ବି.ପି. ଟେଷ୍ଟ କରାଗଲା। ବୃଦ୍ଧାବସ୍ଥାରେ ବିନା ଅସ୍ତ୍ରୋପଚାରରେ, ଅନ୍ୟ ଚିକିତ୍ସା ଦ୍ୱାରା କ'ଣ ପଥୁରୀ ରୋଗ ଭଲ ହୋଇପାରେ, ଏଇ ବିଷୟ ଉପରେ ଆଲୋଚନା ଲିଖିଲା। ଡାକ୍ତର ଯୁବରାଜ ପାଓ୍ୱାର୍ ବି ଏଇ କଥା ଚିନ୍ତା କରୁଥିଲେ। ପୁଣି ମାଆକୁ ବୁଝାଗଲା। ଆଉ ଥରେ ପୁଣି ହାଇଡ୍ରୋଥେରାପୀ କରାଯିବାର ନିଷ୍ପତ୍ତି ନିଆଗଲା। ଅପରେସନ୍ ପ୍ରତି ଭୟ ଯୋଗୁଁ ସିଏ ହାଇଡ୍ରୋଥେରାପୀ ପାଇଁ ରାଜି ହୋଇଗଲା। ପୁଣି ସଂଜୟ କୁମାରର ହସ୍‌ପିଟାଲ। ପୁଣି ହାଇଡ୍ରୋଥେରାପୀ ... ପଥର ଏବେ ବି ବାହାରିଲାନି। ବିର ବିମର୍ଷ ଆସି ଏହି ନିଷ୍ପତ୍ତିରେ ପହଂଚିଲା ଯେ, ଏଥର ଯଦି ପଥର ନ ବାହାରିଲା ତେବେ ଅପରେସନ୍ କରିବାକୁ ହେବ।

ଅନ୍ତିମ ପ୍ରୟାସ ଭାବରେ ଦ୍ୱିତୀୟ ଦିନ ପୁଣି ହାଇଡ୍ରୋଥେରାପୀ କରାଗଲା। ମାଆ କୌଣସି ବିରୋଧ କରି ନଥିଲା। ବୋଧହୁଏ ସବୁକିଛି ସହି ନେବାର ମାନସିକ ପ୍ରସ୍ତୁତି ମାଆ କରି ନେଇଥିଲା। ହାଇଡ୍ରୋଥେରାପୀ ଆରମ୍ଭ ହେଲା। ମାଆ କହିଲା "ହେ ଭଗବାନ୍, ପଥର ବାହାରକୁ ବାହାରିଯାଉ। ମୋତେ ଖୁବ୍ କଷ୍ଟ ହେଉଛି। ମୋର ପୁଅ ବି ବ୍ୟସ୍ତ ହେଉଛି। ତାର ସମୟ ନଷ୍ଟ ହେଉଛି ଆଉ ପଇସା ବି....

ତାର ପ୍ରାର୍ଥନା ଫଳବତୀ ହେଲାନି । ପଥର ବାହାରିଲାନାହିଁ।

ମୁଁ ତାକୁ ଚିଡ଼େଇବା ପାଇଁ କହିଲି, ଦେଖିଲୁନା... କୌଣସି ଭଗବାନ କେବେ ହେଲେ ପେଟରୁପଥର କାଢ଼ି ପାରିବନି । ଡାକ୍ତରଙ୍କୁ ହିଁ କରିବାକୁ ହେବ ଏ କାମ। ଭଗବାନ ଯଦି ପଥର କାଢୁଥାନ୍ତେ ତେବେ ଡାକ୍ତର ଆଉ ଦରକାର ହୁଅନ୍ତେ କି ? ଡାକ୍ତରଖାନା କାହିଁକି ଥାଆନ୍ତା ?

ଏ କଥା ଶୁଣି ମାଆ କହିବାକୁ ଲାଗିଲା। ମୁଁ କ'ଣ ଏକଥା ଜାଣିନାହିଁ ନା କ'ଣ, ହେଲେ ନିଜ ମନକୁ ଧୈର୍ଯ୍ୟ ଦେବା ପାଇଁ କେଉଁଠି ନା କେଉଁଠି ବିଶ୍ୱାସ ରଖିବାକୁ ପଡ଼େ, ବୁଝିଲୁ।'

ମୁଁ କହିଲି, "ହଉ, ଠିକ୍ ଅଛି, ଏବେ ତୁ ଡାକ୍ତରଙ୍କ ଉପରେ ଭରସା କରିବା ଶିଖ।"

ମାଆ କିଛି ଯୁକ୍ତିତର୍କ କରି ନଥିଲା।

ଦ୍ୱିତୀୟ ଦିନ ଆମେ ଆଉ ମାଆକୁ କୌଣସି ଚିକିତ୍ସାଜନିତ କଷ୍ଟ ଦେଇ ନଥିଲୁ। ମାଆ ଅନ୍ୟ ଦିନ ପରି ଔଷଧ ଖାଇଥିଲା। ଆମମାନଙ୍କର ଆଗ୍ରହ ଯୋଗୁ ଖୁବ୍ ପାଣି ପିଇଲା। ପାଣି ପିଇ ପିଇ ଏବେ ସିଏ ବିରକ୍ତ ହୋଇ ସାରିଥିଲା। ହେଲେ ପଥର ବାହାରକୁ ବାହାରି ଯିବ, ଆଉ ଅପେରସନ୍ କରିବାକୁ ପଡ଼ିବନି ଏଇ ଆଶାରେ ସିଏ ପାଣି ପିଇ ଚାଲିଥିଲା। ରାତିସାରା ପରିସ୍ରା ଲାଗୁଛି। ବାରମ୍ବାର ଉଠିବାକୁ ପଡୁଛି। ଏମିତି ଅଭିଯୋଗ ବି ସିଏ କରୁଥିଲା। ଆମେମାନେ ମାଆର ଅଭିଯୋଗକୁ ଶୁଣି ଅଣଶୁଣା କରି ଦେଉଥିଲୁ। ଆମ ସମସ୍ତଙ୍କୁ ଲାଗୁଥିଲା ସିଏ ବହୁତ ପାଣି ପିଇ, ଥରେ ଖାଲି ଏଇ ପଥୁରୀ ରୋଗରୁ ମୁକ୍ତ ହୋଇଯାଉ, ବାସ୍।

ତିନି ଥର ହାଇଡ୍ରୋଥେରାପୀ କଲାପରେ ମଧ ପଥୁରୀ ବାହାରି ନଥିଲା। ଅତି କମ୍‌ରେ ପଥୁରୀଟି ନିଜ ସ୍ଥାନରୁ ହଲିଛି ନା ନାହିଁ, ଯଦି ହଲିଛି କେତେ ହଲିଛି,ତା'ର ବାସ୍ତବିକ ସ୍ଥିତି ଜାଣିବାପାଇଁ ଆଉ ଥରେ ସୋନୋଗ୍ରାଫୀ କରିବାକୁ ସ୍ଥିର କରାଗଲା। ତୃତୀୟ ଥରପାଇଁ ସୋନୋଗ୍ରାଫୀ ହେଲା। ପଥୁରୀ ନିଜ ସ୍ଥାନରୁ ହଲିବାଟା ଜଣା ପଡ଼ିଲା ହେଲେ ତାହା ସତକୁ ସତ ପଦାକୁ ବାହାରିବ କି ନାହିଁ, ସେ ବିଷୟରେ ନିଶ୍ଚିତ ହେବା ଥିଲା ଖୁବ୍ କଷ୍ଟକର। ପଥୁରୀକୁ ବାହାରକୁ କାଢ଼ିବା ପାଇଁ ଆର୍ଯୁର୍ବୈଦିକ ଔଷଧ ଆରମ୍ଭ ହୋଇଯାଇଥିଲା। ତାଛଡ଼ା ମଳକଣ୍ଟକ ପାଇଁ ଔଷଧ ଲିଖିଥିଲା। ଟି.ବି.ର ଉପର ବି ଲିଖିଥିଲା। ଟନିକ୍ ବି ଚାଲିଥିଲା। ଆଖିରେ ପକାଯିବାକୁ ଔଷଧ ଥିଲା। ଭୋକ ଲାଗିବାର ଔଷଧ ବି ଥିଲା। ଔଷଧ ହିଁ ଔଷଧ .. ମାଆ ଓ ଆମ ସମସ୍ତଙ୍କର ଜୀବନରେ ଏପରି ଏକ ସମୟ ଥିଲା ସୂର୍ଯ୍ୟକିରଣ ଓ ଅଂଗାର ଛଡ଼ା ଆଉ କୌଣସି ଔଷଧ ଉପଲବ୍ଧ ନଥିଲା ଆମ ପାଇଁ, ଆଉ ଏବେ ?.... ମାଆକୁ ଭାତ-ରୁଟି କମ୍, ଔଷଧ ଅଧିକ ଖାଇବାକୁ ପଡୁଛି। ଆମକୁ ଲାଗୁଥିଲା ଯେ ସିଏ ଭରପୁର ଭୋଜନ କରିବା ଉଚିତ୍। ଯେମିତି କି ତାକୁ ଔଷଧର ନାଁ ବି ନେବାକୁ ପଡ଼ିବନି। ଆମେ ଆମର ସାଧ ମତେ ମାଆକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲୁ। ଆମେ ଏଇ ଭିତରେ ଭୁଲି ଯାଉଥିଲୁ ଯେ ତାର ବୟସ ଆସି ସତୁରୀ ବର୍ଷ ହେଲାଣି ... ମାଆ ତତ୍‌କ୍ଷଣାତ୍ ଠିକ୍ ହୋଇ ଯାଇଥାନ୍ତା କି ଏମିତି ଲାଗୁଥିଲା ଆମକୁ 'ଭଲ ଲାଗୁଛି ନା ମାଆ ?' ପଚିଲେ ସିଏ କହୁଥିଲା "ଏବେ ଆଉ କ'ଣ ? ଏଇ ବୟସରେ କଣ ଆଉ ଭଲ ହେବ ?" ମାଆର ଉତ୍ତର ଥିଲା ନକାରାତ୍ମକ। ଏବେ ଆମେ ତା'ପାଇଁ ଏତେ କଷ୍ଟ କରୁଛୁ, ହେଲେ ସିଏ ଜୀବନକୁ ନେଇ ଟିକେ ହେଲେ ଆଶାବାଦୀ ନୁହେଁ ... ଅତି କମ୍‌ରେ ଆମକୁ ଭଲ ଲାଗିବ ସେଥିପାଇଁ ମିଛରେ ହେଲେ କହି ଦେଇଥାନ୍ତା....

ହେଲେ ମାଆ କେବେ ହେଲେ ଏମିତି କରିବା ପସନ୍ଦ କରୁ ନଥିଲା।

(୩୦)

ହଠାତ୍ ଦିନେ ସିଏ ମୋ ପିଲାମାନଙ୍କ ବିଷୟରେ ଅଭିଯୋଗ କରିବାକୁ ଲାଗିଲା। କହିଲା "ତୋ ପିଲାମାନଙ୍କୁ କହିବୁ ବାର୍ ବାର୍ ମୋ ରୁମ୍‌କୁ ଆସିବେନି।"

ମୁଁ : ଆସନ୍ତୁ.... କଣ ହେବ ଆସିଲେ ?

ସିଏ : କ'ଣ ପାଇଁ? ପାଠ ପଢ଼ା ନଷ୍ଟ ହେଉଛି ସେମାନଙ୍କର।

ମୁଁ : ପାଠପଢ଼ା ଖରାପ ହେଉନି ସେମାନଙ୍କର।

ସିଏ : ହେଲେ ବି ସେମାନଙ୍କୁ କହି ଦେବୁ।

ମୁଁ : ହଉ, ହେଲେ ତୋର କଣ ଅସୁବିଧା ହେଉଛି।

ସିଏ : ମୋ ଉପରେ ଲଦି ହୋଇ ଯାଉଛନ୍ତି। ଏବେ କଣ ମୋ ଦେହରେ ଶକ୍ତି ଅଛି ସେମାନଙ୍କୁ କାଖେଇବା ପାଇଁ? ତାଙ୍କ ସାଙ୍ଗେ ଖେଳିବା ପାଇଁ?

ମୁଁ : ହଁ, କିନ୍ତୁ ତୋ କୋଠରୀକୁ ଆସି ସେମାନେ ଯଦି ତୋ ସହିତ ଗପସପ କରନ୍ତି ସେଥିରେ ଅସୁବିଧା କ'ଣ ଅଛି ?

ସିଏ ; ଏଇ ଦେଖ, ଏବେ ତୁ ଆଉ ଓକିଲଙ୍କ ପରି ମୋତେ ପ୍ରଶ୍ନ ପଚାରନା। ଯେତିକି କହୁଛି ସେତିକି ଶୁଣ। ମୋତେ ଏବେ ଟିକେ ଶାନ୍ତିରେ ରହିବାକୁ ଦେଏ।

ମୁଁ : ହଉ ଠିକ୍ ଅଛି। ମୁଁ ସେମାନଙ୍କୁ କହିଦେବି।

ସିଏ : ସେମାନଙ୍କୁ କହିଦେବୁ ମୋ ପାଇଁ ଖାଦ୍ୟ ନେଇକରି ଆସିବେନାହିଁ।

ମୁଁ : ଏବେ ଖାଇବାକୁ ନେଇକି ଆସିଲେ ପୁଣି କଣ ହୋଇଯିବ ?

ସିଏ: ଖାଦ୍ୟ ଗରମ ଥାଏ। ସେମାନଙ୍କୁ ଖାଇବାଥାଳିକୁ ବି ଭଲକରି ଧରି ଆସେନା । କେବେ ଯଦି ନିଜ ଉପରେ ଗରମ ଥାଳି ପକେଇ ଦିଅନ୍ତି ତେବେ ?

ମୁଁ : ଠିକ୍ ଅଛି। ଏ କଥା ବି ତାଙ୍କୁ କହିଦେବି।

ଅନେକ ଯୁକ୍ତିତର୍କ ପରେ ହେଉ ପଛେ ମାଆ କହିଥିବା ସବୁ କଥା ମାନି ନେଇଥିବାରୁ ସିଏ ଖୁସି ହେଲା, ଏମିତି ମୋତେ ଲାଗିଲା। ହେଲେ ସାରା ଜୀବନ ନାତି-ନାତୁଣୀଙ୍କ ସହିତ ରହୁଥିବା ମାଆ ହଠାତ୍ ନିଜର ନାତିମାନଙ୍କୁ ତାର କୋଠରୀକୁ ଆସିବାକୁ ମନା କାହିଁକି କରୁଛି ... ଏଇ ପ୍ରଶ୍ନ ମୋତେ ବାରବାର ଆନ୍ଦୋଳିତ କରୁଥିଲା। ବୃଦ୍ଧାବସ୍ଥାରେ କିଛି ଲୋକ ଏପରି ବ୍ୟବହାର କରନ୍ତି ଏଇଆ ଭାବି ମୁଁ ଏ ପ୍ରଶ୍ନକୁ ମନରୁ ଗୋଟେ ଝଟ୍‌କାରେ ପଦାକୁ ବାହାର କରିଦେଲି। (କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର , ୧୫/୦୭ (ନି.ପ୍ର): ସାହାଡ଼ା ପଞ୍ଚାୟତ ଜୟନଗର ପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ସୁରେନ୍ଦ୍ର ନାଥ ସ୍ମୃତି କମିଟି, ପେଗରପଡା , ମଥାନି, ବସ୍ତା ଆନୁକୁଲ୍ୟରେ ବନ ମହୋତ୍ସବ ଓ ବୃକ୍ଷରୋପଣ ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ ଅୟୋଜିତ ସଚେତନତା ସଭାରେ ବରିଷ୍ଠ ଶିକ୍ଷକ ସି.ଆର୍ ସି. ସି ବିଜୟ କୁମାର ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବସ୍ତା ଫରେଷ୍ଟର ଉମାକାନ୍ତ ଦାସ ,ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରବଚକ ବେଦବିତ୍ ଆଚାର୍ଯ୍ୟ ବିଜୟଜୀ , ସମ୍ମାନିତ ଅତିଥିଭାବେ ସାହାଡ଼ା ସରପଞ୍ଚ ଜଗବନ୍ଧୁ ବର ,ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଭୂୟାଁ, ବିଶିଷ୍ଟ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ , ଯୁବ ସାମ୍ବାଦିକ ରବି ନାରାୟଣ ସତପଥୀ , ବରିଷ୍ଠ ଶିକ୍ଷକ ଭଗୀରଥ ପ୍ରଧାନ, ସାମ୍ବାଦିକା ପ୍ରତିମା ଜେନା, ସମାଜସେବୀ ଅନ୍ତର୍ଯ୍ୟାମୀ ରାଉଳ ପରିଚାଳନା କମିଟି ସଦସ୍ୟ ବିକର୍ତ୍ତନ ପାତ୍ର ପ୍ରମୁଖ ଯୋଗ ଦେଇ ଉପସ୍ଥିତ, ଛାତ୍ର ଛାତ୍ରୀ,ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଜନ ସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନ କୁ ରୋକିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ କରି ତାହାର ଯତ୍ନ ନେବା ଆବଶ୍ୟକ ବୋଲି ମତ ଦେଇ ସଚେତନତ କରିଥିଲେ । ସ୍ମୃତି କମିଟିର ସଭାପତି ପ୍ରକୃତିବନ୍ଧୁ ସମାଜସେବୀ ସୁମନ୍ତ କୁମାର ଜେନା ଅବଗତ କରାଇ, ଥିଲେ ଯେ ସମ୍ପ୍ରତି କ୍ରମାଗତ ବୃକ୍ଷ ଛେଦନ ଫଳରେ ଆମ ପୃଥିବୀ ଏବେ ଅବକ୍ଷୟ ଆଡକୁ ଅଗ୍ରସର ହେଉଛି । ଗଛ ଅଭାବରୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇପାଇବାରେ ଲାଗିଛିକ୍ଷ ଜଳବାୟୁ ପରିବର୍ତ୍ତନରେ ବାଧା ସୃଷ୍ଟି ହେଉଛି । ଦିନକୁ ଦିନ ଗଛ ସଂଖ୍ୟା କମି ଯିବାରୁ ଠିକ୍




ସମୟରେ ବର୍ଷା ହେଉନାହିଁ। ଫଳରେ ଚାଷୀମାନେ ଚାଷ କାର୍ଯ୍ୟ କରିବାରେ ନାନା ଅସୁବିଧାରର ସମ୍ମୁଖୀନ ହେଉଛନ୍ତି ଜୈବ ବିବିଧତା ବୃଦ୍ଧି ପାଇବାରେ ଲାଗିଛି, ଛଅ ଋତୁ ଆଜି ସାତ ସପନ ହେଇଚି, ତେଣୁ ଆସନ୍ତୁ ବନ୍ଧୁ ଆମେ ସମସ୍ତେ ସଚେତନ ନାଗରିକ ମାନେ ଶପଥ ନେବା ବୃକ୍ଷରୋପଣ ଓ ଏହାର ସୁରକ୍ଷା ବ୍ୟବସ୍ଥା କରିବାର ପ୍ରଚେଷ୍ଟା ଆରମ୍ଭ କରିବା କ୍ଷବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ରତିକାନ୍ତ ବେହେରା ଧନ୍ୟବାଦ୍ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମଇକାପ , ବ୍ରଜମୋହନ ସିଂହ, ପୁରାତନ ଛାତ୍ର ସଂସଦ ସଭାପତି ଶତ୍ରୁଘ୍ନ ପାତ୍ର, ସ୍ମୃତି କମିଟି ସଦସ୍ୟ ଶିବ ନାରାୟଣ ମାଝୀ, ବିନୋଦ ଦତ୍ତ, ନଗେନ ବେହେରା, ସହଦେବ ପ୍ରଧାନ, ନାରାୟଣ ଦାସ, ହରିଶ୍ଚନ୍ଦ୍ର ପ୍ରଧାନ, ପ୍ରମୁଖ ଅତିଥିଙ୍କ ସହ ବିଦ୍ୟାଳୟରେ ଶତାଧିକ ବିଭିନ୍ନ କିସମର ଚାରା ରୋପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବଜ୍ରପାତରେ ଭାଙ୍ଗିଲା ...

ଆଜି ସକାଳେ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଥିଲା। ତାହାରି ଭିତରେ ଖୋଲିଥିଲା ମାଉସୀ ମା' ମନ୍ଦିର ପରିସରରେ ଥିବା ରାମେଶ୍ୱରଙ୍କ ମନ୍ଦିର। ପ୍ରତିଦିନ ପରି ଆଜି ରୀତିନୀତିରେ ପୂଜା ଚାଲିଥିଲା। ତେବେ ସକାଳ ପ୍ରାୟ ୯ଟା ବେଳେ ହଠାତ୍ ଏକ ଭୟଙ୍କର ଶବ୍ଦ ହୋଇଥିଲା। ଆଉ ସେହି ଶବ୍ଦରେ ଥରି ଯାଇଥିଲା ମନ୍ଦିର। ପୂରା ପରିବେଶ ଧୂଆଁମୟ ହୋଇଯାଇଥିଲା। ମନ୍ଦିର ଭିତରେ ଥିବା ଶ୍ରଦ୍ଧାଳୁ ଓ ପୂଜକମାନେ ବିଚଳିତ ହୋଇଯାଇ ଥିଲେ। ମନ୍ଦିର ତଳେ ପଡ଼ିଥିବା ଖଣ୍ଡ ବିଖଣ୍ଡିତ ଦଧିନଉତି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ବଜ୍ରପାତରେ ରାମେଶ୍ୱରଙ୍କ ଦଧିନଉତି ଭାଙ୍ଗିବା ହେଉଛି ପ୍ରଥମ ଘଟଣା। ଆର୍ଥିଂ ବ୍ୟବସ୍ଥା ଠିକ୍ ନଥିବାରୁ ଏପରି ଘଟିଥିବା ଆଲୋଚନା ହେଉଛି। ବଜ୍ରପାତ ନେଇ ପୂଜରା ପାଇଁ ଆସିଥିବା ଜଣେ ଶ୍ରଦ୍ଧାଳୁ ବିଦିଶା ମୁଦୁଲି କହିଛନ୍ତି, ଆଜି ଆମର ରୁଦ୍ରାଭିଷେକ ଥିଲା। ବର୍ଷା ସତ୍ତ୍ୱେ ସକାଳ ପ୍ରାୟ ସାଢ଼େ ୮ଟାରେ ପୂଜା ପାଇଁ ପ୍ରସ୍ତୁତି ଚାଲିଥିଲା। ସକାଳ ପ୍ରାୟ ୯ଟା ବେଳେ ପୂଜା ଆରମ୍ଭ ହେଉଥିବା ବେଳେ ହଠାତ୍ ଭୟଙ୍କର ବଜ୍ରପାତ ହୋଇଥିଲା। ମନ୍ଦିର ଆପାଖ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲେ। ତା'ପରେ ମନ୍ଦିର ଦଧିନଉତି ଭାଙ୍ଗି ଖସି ପଡ଼ିଥିଲା। ଠାକୁରଙ୍କ ଦୟାରୁ ଆମେ ବଞ୍ଚି ଗଲୁ ବୋଲି ବିଦିଶା କହିଛନ୍ତି। ସେପଟେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ୨୦୦୦ ବର୍ଷ ତଳର ମନ୍ଦିର ହେଉଛି ରାମେଶ୍ୱର ମନ୍ଦିର। ବହୁ ପୁରାତନ ମନ୍ଦିର। କେବେ ଏମିତି ଅଘଟଣ ଘଟିନଥିଲା। ଆଜି ସକାଳେ ଯେମିତି ଭୟଙ୍କର ଘଡ଼ଘଡ଼ି ମାରିଥିଲା, ମୁଁ ସେତେବେଳେ କହିଥିଲି କେଉଁଠି ନା କେଉଁଠି ବଡ଼ ଧରଣ ଅଘଟଣ ଘଟିଥିବ। କିନ୍ତୁ ରାମେଶ୍ୱରଙ୍କ କୃପାରୁ କାହାରି କିଛି କ୍ଷତି ଘଟିନାହିଁ। ଇନ୍ଦ୍ରଙ୍କ ବ୍ରଜବାଣ ମନ୍ଦିର ଉପରେ ପଡ଼ିଛି। ବଜପ୍ରପାତରେ ଭାଙ୍ଗି ଯାଇଥିବା ଦଧିନଉତିକୁ ଶୀଘ୍ର ମରାମତି କରିବାକୁ ଦାବି କରିଛନ୍ତି ଶ୍ରୀ ରାଉତରାୟ।

### ମହମ୍ମଦ ମୋକିମ୍ ...

ଏଆଇସିସିର କାର୍ଯ୍ୟାନୁଷ୍ଠାନ ପରେ ପିସିସି ସଭାପତି ଶରତ ପଟ୍ଟନାୟକ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଏଆଇସିସି ଯାହା ପଦକ୍ଷେପ ନେଇଛି, ତାହାକୁ ଆମେ ଗ୍ରହଣ କରୁଛୁ। କଂଗ୍ରେସ ଏକ ହୋଇକି ଅଛି। ସର୍ବଦା ଏକ ହୋଇ ରହିବ। ଦୁହିଁଙ୍କ ବିରୋଧରେ ଓଡ଼ିଶାର ଶୃଙ୍ଖଳା କମିଟି ଲିଖିତ ଆକାରରେ ଦେଇଥିଲା। ମୁଁ ଏହାକୁ ଅନୁମୋଦନ କରି ଏଆଇସିସି ପାଖକୁ ପଠାଇଥିଲି। ଦଳ ଉପରେ ଏହାର କୌଣସି ନକାରାତ୍ମକ ପ୍ରଭାବ ପଡ଼ିବନି। ରାହୁଲ ଗାନ୍ଧି ପୂର୍ବରୁ ସମସ୍ତଙ୍କୁ କହିଥିଲେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି।

### ପ୍ରବଳ ବର୍ଷା: ଜିଲ୍ଲାପାଳମାନଙ୍କୁ ....

ଯଦି ପ୍ରବଳ ବର୍ଷା ଲାଗିରୁହେ, ତା'ହେଲେ ତଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ଅସ୍ଥାୟୀ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଛନ୍ତି । ପୌରସଂସ୍ଥାଗୁଡ଼ିକ ଡ୍ରେନଗୁଡ଼ିକରେ ଜଳନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ । ଯେଉଁଠି ଆବଶ୍ୟକ ପଡ଼ିବ ପର୍ଯ୍ୟାପ୍ତ ପରିମାଣର ପମ୍ପ ରଖି ଜଳ ନିଷ୍କାସନ କରାଇବେ । ଜଳମଗ୍ନ ରାସ୍ତାରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରିତ କରିବା ଏବଂ ଯେଉଁଠି ଜଳମଗ୍ନ ରହିବ ସେଠାରେ ପମ୍ପ ଯୋଗେ ଜଳ ନିଷ୍କାସନ କରାଇବାକୁ କହିଛନ୍ତି । ବିଭିନ୍ନ ନଦୀ ଓ କେନାଲର ଦୁର୍ବଳ ବନ୍ଧ ଉପରେ ନଜର ରଖିବା ସହ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ଆବଶ୍ୟକ ସାମଗ୍ରୀ ରଖିବାକୁ ପରାମର୍ଶ ଦେଇଛନ୍ତି । ବନ୍ୟା ଓ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନଗୁଡ଼ିକ ସଫା ରହିବାକୁ ସୁନିଶ୍ଚିତ କରାଇବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି ।

### ଜାନକୀଙ୍କ ଶାସନକୁ ...

ଜାନକୀଙ୍କ ଶାସନକୁ ସେ ଆହୁରି ମଧ୍ୟ କହିଛନ୍ତି, ମନ୍ତ୍ରୀ ବଡ଼ କି ସଚିବ ବଡ଼, ତାକୁ ସମ୍ବିଧାନ ଖୋଲି ଦେଖିବା ଉଚିତ୍। ଗୋଟିଏ ଘରେ ଚାକିରିଆ ବୋହୂ ଥିଲେ, ଶାଶୁ ତା' ଗୋଡ଼ ଘସିବା ଯାହା, ଏବେ ଅଫିସରଙ୍କ ପାଖରେ ମନ୍ତ୍ରୀମାନଙ୍କ ଅବସ୍ଥା ଠିକ ସେୟା। ସେପଟେ ଏହି ପ୍ରସଙ୍ଗରେ ଟ୍ୱିଟ୍ କରି ସୌମ୍ୟ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି ବିଜେଡି ନେତା ଅନୁଭବ ପଟ୍ଟନାୟକ। ଅନୁଭବ ଲେଖିଛନ୍ତି, ନିଜ ଶ୍ୱଶୁର ମୁଖ୍ୟମନ୍ତ୍ରୀ ଥିବାବେଳେ ହିଁ ଏହି ବ୍ୟକ୍ତିଙ୍କୁ ପରିଚିତି ମିଳିଥିଲା। ଏମିତିକି ସେ ନିଜ ଶ୍ୱଶୁରଙ୍କୁ ପୂର୍ବରୁ ନିନ୍ଦା କରୁଥିଲେ। ଏବେ ହଠାତ୍ ତାଙ୍କୁ ପ୍ରଶଂସା କରୁଛନ୍ତି। ସେ ଯାହା ବି ରାଜନୈତିକ ସଫଳତା ପାଇଛନ୍ତି, ବିଜେଡି ଯୋଗୁ ପାଇଛନ୍ତି ବୋଲି ଅନୁଭବ ଲେଖିଛନ୍ତି। ଜୁନ୍ ୨୫ ତାରିଖରେ ନିଜ ସଂପାଦକୀୟରେ ଆମ ଘରର ହାଲ୍‌ଚାଲ୍ ଠିକ୍ ଅଛି ତ ନା ଘର ମୁରବୀ ବିହୀନ ହୋଇଗଲାଣି, ଜନପ୍ରତିନିଧିଙ୍କ ବଦଳରେ ସଚିବଙ୍କ ରାଜୁତି ବଢୁଥିବାରୁ କ୍ଷୋଭ ପ୍ରକାଶ କରି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କରିଥିଲେ ବିସ୍ଫୋରଣ। ଅପରାଜିତାଙ୍କ ଅଡୁଆ ପ୍ରଶ୍ନ ଶୀର୍ଷକରେ ସିଧା ୫ଟ ସଚିବ ଉପଭୋଗ କରୁଥିବା କ୍ଷମତାକୁ ନେଇ ଚାଲିଥିବା ଚର୍ଚ୍ଚା ମୁଖ୍ୟମନ୍ତ୍ରୀ ଗୋଚରରେ ଚାଲିଛି ନା ନାହିଁ ସେନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଥିବା ମଧ୍ୟ ଉଲ୍ଲେଖ କରିଥିଲେ। ତା'ସହ ଗତ ଦୁଇ ଦିନ ତଳେ ଏଥର ହେବ ତ ଛାତ୍ର ସଂସଦ ନିର୍ବାଚନ ନା ପୂର୍ବ ବର୍ଷଗୁଡ଼ିକ ଭଳି ସରକାର ଛାତ୍ର ସଂସଦ ନିର୍ବାଚନକୁ ଟାଳି ଦେବେ ତାକୁ ନେଇ ସୌମ୍ୟରଂଜନ ମାରିଥିଲେ ତେରେଛା ବାଣ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇ ସୌମ୍ୟ, ସରକାର କାହିଁକି ଛାତ୍ର ସଂସଦ ନିର୍ବାଚନକୁ ଡ଼ରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଏହା ନହେଲେ ଆଗାମୀ ଦିନରେ ନେତୃତ୍ୱ ସଂକଟ ଦେଖା ଦେବ ବୋଲି କହିଥିଲେ। ଆଉ ଏବେ ଜନକୀଙ୍କ ଶାସନକୁ ହଠାତ୍ ପ୍ରଶଂସାକୁ କିନ୍ତୁ ପୂରା ଅଲଗା ନଜରରେ ଦେଖୁଛନ୍ତି ରାଜନୀତି ସମୀକ୍ଷକ।

# ଦିପ୍ତେଶଙ୍କ ଲକ୍ଷ୍ୟ ମୁଁ ଡାକ୍ତର ହେବି



ବାସୁଦେବପୁର, ୧୫/୦୭ (ନି.ପ୍ର): ବାସୁଦେବପୁର ବ୍ଲକ ର ମେଧାବୀ ଛାତ୍ର ଦିପ୍ତେଶ ବେହେରା ସର୍ବ ଭାରତୀୟ ସ୍ତରରେ ନିଟ ପରୀକ୍ଷା ରେ ୭୨୦ ନମ୍ବର ରୁ ୬୭୬ ନମ୍ବର ରଖି ଉତୀର୍ଣ୍ଣ ହେବା ସହିତ ଖୁବ ସଫଳତା ହାସଲ କରିଛନ୍ତି । ତାଙ୍କର ୫୭୧ ରେଙ୍କ ରହିଛି । ତାଙ୍କର ପିତା ବିଜୟ ବେହେରା କେକେଜିପି ହାଇସ୍କୁଲ ଚାନ୍ଦି ମାଲ ରେ ସହକାରୀ ଶିକ୍ଷକ ଓ ମାତା ଅସୀମା ବନ୍ଧ କିସ୍ମତ କୃଷ୍ଣପୁର ସରକାରୀ ନୋଡାଲ ଉ ପ୍ରା ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ଶ୍ରୀ ବେହେରା ଦଶମ ଶ୍ରେଣୀ ରେ ୬୦୦ ରୁ ୫୫୩ ନମ୍ବର ରଖିଥିଲେ ଏବଂ ଦ୍ୱାଦଶ ଶ୍ରେଣୀ ରେ ୫୦୦ ରୁ ୪୯୨ ନମ୍ବର ରଖିଥିଲେ । ସଫଳତା ର ଶ୍ରେୟ ପିତା, ମାତା, ଗୁରୁଜୀ ଗୁରୁମା, ଓ ସାଙ୍ଗ ସାଥି, ଶୁଭେଚ୍ଛୁ, ଗୁରୁଜନ ମାନଙ୍କୁ ଦେବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଶ୍ରୀ ବେହେରା ମାଟ୍ରିକ ପଢୁଥିଲେ । ଭବିଷ୍ୟତରେ ସେ ଉଚ୍ଚ ଶିକ୍ଷା ଶେଷ କରି ଡାକ୍ତର ହେବେ ବୋଲି ଆଶା ରଖିଛନ୍ତି । ବର୍ତମାନ ତାଙ୍କର ପରିବାର ବାସୁଦେବପୁର ସହର ସ୍ଥିତ ବିଧାୟକ କଲୋନୀ ବିଜୁ ଜନତା ଦଳ କାର୍ଯ୍ୟାଳୟ ନିକଟରେ ସ୍ଥାୟୀ ବାସ ଭବନ ନିର୍ମାଣ କରି ରହୁଛନ୍ତି । ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଶ୍ରୀ ମହାପ୍ରସାଦ ସ୍ୱାମୀ, ବାଇ ଚଢେଇ ସମ୍ପାଦକ କବି ବିକାଶ ଶତପଥି, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଏହି ଅବସରରେ ଶ୍ରୀ ବେହେରା ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଭାଇକୁ ହାଣିଲା ଭାଇ, ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ମାଲକାନଗିରି, ୧୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ନିଲିଗୁଡା ପଂଚାୟତ ଅନ୍ତର୍ଗତ ଚେରକୁଗୁଡା ଗ୍ରାମରେ ଜଣେ ବ୍ୟକ୍ତି କ୍ରୋଧରେ ଜର୍ଜରିତ ହୋଇ ନିଜ ଭାଇକୁ ଧାରୁଆ କାତିରେ କାଟି ରକ୍ତାକ୍ତ କରି ଦେଇଥିବା ଦେଖିବାକୁ ମିଳିଛି। ଏହାପରେ କ୍ରୋଧ ଜର୍ଜରିତ ଭାଇ ଧାରୁଆ ଅସ୍ତ୍ର ଧରି ଗ୍ରାମରେ ବୁଲିବାରୁ ଗ୍ରାମବାସୀ ଭୟଭୀତ ହୋଇ ସ୍ଥାନୀୟ ପୋଲିସକୁ ଖବର ଦେବାରୁ ପୋଲିସ ପହଂଚି ପୀଡ଼ିତକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଭଳି ଲୋମଟାଙ୍କୁରା ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଥିବା ବେଳେ ପୋଲିସ ଅଭିଯୁକ୍ତ ଭାଇକୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୬ଟା ବେଳେ ଚେରକୁଗୁଡା ଗ୍ରାମର ମାଲା ମାଢ଼ି ନିଜର କକାର ପୁଅ ରାମାଙ୍କୁ ପୂର୍ବରୁ ହୋଇଥିବା ଝଗଡାକୁ କେନ୍ଦ୍ର କରି ଗାଳିଗୁଲଜ କରିବା ସହ ଅଚାନକ ଏକ ଧାରୁଆ କାତିରେ ରାମାର ଗଳା, ଛାତି ଓ ପିଠିକୁ ହାଣିଥିଲା । ରାମା ରକ୍ତାକ୍ତ ହୋଇ ଚିତ୍କାର କରିବାରୁ ଆଖପାଖ ଲୋକ ଏକାଠି ହେବା ଦେଖି ମାଲା ନିଜ ଘରକୁ ଦୌଡ଼ି ପଳାଇଥିଲା । ଏହାପରେ ମାଲା ଧାରୁଆ କାତି ଧରି ଗାଁ ରାସ୍ତାକୁ ବାହାରିବା ପରେ ଗ୍ରାମବାସୀ ଘରୁ ବହାରିବାକୁ ଭୟଭୀତ ହୋଇଥିଲେ। ହେଲେ ଗ୍ରାମର ଜଣେ ବ୍ୟକ୍ତି ଟେଲିଫୋନ୍ ଯୋଗେ ପଡିଆ ପୋଲିସକୁ ଖବର ଦେବାରୁ ପଡିଆ ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ରାଜକୁମାର ଶବର ଘଟଣାସ୍ଥଳରେ ପହଂଚି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ରାମାକୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ ଘଟଣାସ୍ଥଳରୁ ଧାରୁଆ କାତି ଜବତ କରିବା ସହ ମାଲାକୁ କାବୁ କରି ଥାନାକୁ ଅଣାଯାଇଥିବା ଜଣାପଡ଼ିଛି।

## ଗବଖଡା ନାଳ କ୍ଷେତ୍ର ପରିଦର୍ଶନ କଲେ ବରୀ ବିଧାୟିକା

ଧର୍ମଶାଳା, ୧୫/୦୭ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରୁଦ୍ରପୁର ପଂଚାୟତସ୍ଥିତ ଗବଖଡା ନାଳ ଉପରେ ନୂତନ ସେତୁ ନିର୍ମାଣ ହେବ । ଏନେଇ ଆଜି ବରୀ ବିଧାୟିକା ସୁନନ୍ଦା ଦାସ ଓ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଫେରିଥିବା ଜଣାପଡିଛି । ଏହି ପଂଚାୟତ ଦେଇ ଯାଇଥିବା ଗବଖଡା ନାଳ ଉପରେ ସେତୁ ନ ଥିବାରୁ ସ୍ଥାନୀୟ ଅଂଚଳର ଚାଷୀଭାଇମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଏଠାରେ ସେତୁ ନିର୍ମାଣ କରାଗଲେ ହଜାର ହଜାର ଚାଷୀ ଉପକୃତ ହୋଇପାରିବେ । ଯାହାକୁ ନେଇ ବରୀ ବିଧାୟିକା ସୁନନ୍ଦା ଦାସ ଓ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପଂହଚି କ୍ଷେତ୍ର ପରିଦର୍ଶନ କରିବା ସହ ସ୍ଥାନୀୟ ଅଂଚଳର ଅଗ୍ରଣୀ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସ୍ଥାନୀୟ ଲୋକ ପ୍ରତିନିଧି ଓ ଦଳୀୟ କର୍ମକର୍ତାଙ୍କ ସମେତ ବରିଷ୍ଠ ମୁରବୀମାନେ ଉପସ୍ଥିତ ଥିଲେ । ଖୁବ୍ ଶୀଘ୍ର ଏହି ନାଳ ଉପରେ ସେତୁ ନିର୍ମାଣ ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ ବୋଲି ବିଧାୟିକା ଶ୍ରୀମତି ଦାସ ପ୍ରକାଶ କରିଛନ୍ତି ।

# ବିଶ୍ୱବିଦ୍ୟାଳୟରେ ବନ୍ୟପ୍ରାଣୀ ଓ ଜୈବ ବିବିଧତା ସଂରକ୍ଷଣ କାର୍ଯକ୍ରମ



ବାରିପଦା , ୧୫/୦୭ (ନି.ପ୍ର): ସ୍ଥାନୀୟ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ ବିଭାଗରେ ଏକ ଶିକ୍ଷକ ଗୁଣବତ୍ତା ବିକାଶ କାର୍ଯକ୍ରମକୁ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରି ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅବକ୍ଷୟୀ ଜୈବ ବିବିଧତାକୁ ସଂରକ୍ଷଣ କରିବା ଜରୁରୀ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସିର ନିର୍ଦ୍ଦେଶିକା ପ୍ରଫେସର ଏମ. ହିମାବିନ୍ଦୁ, ବିଶ୍ୱବିଦ୍ୟାଳୟ ଆଡିପିର ସଂଯୋଜକ ପ୍ରଫେସର ହୃଦୟନାଥ ଆଚୋଇ ସମ୍ମାନିତ ଅତିଥି ରୂପେ ଏବଂ ଏନଆଇଟି ରାଉରକଲାର ଜୀବ ବିଜ୍ଞାନ ବିଭାଗ ପ୍ରଫେସର ସୁରଜିତ ଦାସ ମୁଖ୍ୟବକ୍ତା, ଏନଆଇଟିର ଜୀବ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ବିସ୍ମିତା ନାୟକ ସମ୍ମାନିତ ବକ୍ତା ଯୋଗଦାନ କରି ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ଅତି ଗହନ ସ୍ତରରେ ଗବେଷଣାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ବନ୍ୟପ୍ରାଣୀ ଓ ଜୈବ ବିବିଧତା ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶୁଭାନୀ ରଥ ସଭା ପରିଚାଳନା କରିଥିବା ବେଳେ, ଅନ୍ୟତମ ସହକାରୀ ପ୍ରଫେସର ଡକ୍ଟର ସୃଷ୍ଟିଧର ରାଉତ, ଡକ୍ଟର ରବୀନ୍ଦ୍ର କୁମାର ମିଶ୍ର, ଡକ୍ଟର ଅଶୋକ କୁମାର ମଲ୍ଲିକ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯକ୍ରମରେ ପଇଁଚାଳିଶି ଜଣ ଅଧ୍ୟାପକ ଓ ଗବେଷକ ଅଂଶଗ୍ରହଣ କରିଥିବା ବେଳେ କାର୍ଯକ୍ରମ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଶୈକ୍ଷିକ ଆଲୋଚନା ପାଇଁ ସବୁ କ୍ଲଷ୍ଟରରେ ମାସିକ ବୈଠକ

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବ ନିର୍ଦ୍ଦେଶ ଅନୁସାରେ ମାସର ତୃତୀୟ ଶନିବାର, ଅର୍ଥାତ ୧୫ ତାରିଖ ରାଜ୍ୟର ପ୍ରତ୍ୟେକ କ୍ଲଷ୍ଟର ସ୍ତରରେ ଶୈକ୍ଷିକ ଆଲୋଚନା ପାଇଁ ବୈଠକ ଅନୁଷ୍ଠିତ ହୋଇଛି । ସିଆରସିସିଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟର ସ୍ତରରେ ସମସ୍ତ ପ୍ରଧାନ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବିଶେଷ ଭାବେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋଚନା କରାଯାଇଛି। ବୈଠକର ସୁପରିଚାଳନା ପାଇଁ ଶିକ୍ଷା ବିଭାଗର ସମସ୍ତ ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ନିରୀକ୍ଷଣ କରିଥିଲେ । ଡିଆଇଇଟି(ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ)ର ଶିକ୍ଷକ ପ୍ରଶିକ୍ଷକମାନେ ସିଆରସିସିଙ୍କୁ ବୈଠକରେ ଆଲୋଚନା ପାଇଁ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ ପାଇଁ ଏହି ମାସିକ ବୈଠକକୁ ଆୟୋଜନ କରାଯାଇଥିଲା । ମାସର ତୃତୀୟ ଶନିବାର ଏହା ନିୟମିତ ଆୟୋଜନ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଏମ୍‌ସ ଭୁବନେଶ୍ୱର ୧୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଏମ୍‌ସ ଭୁବନେଶ୍ୱର ଆଜି ଏହାର ୧୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଏମ୍‌ସ ପକ୍ଷରୁ ଇ-ଅଫିସ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହି ସୁବିଧା ଏମ୍‌ସରେ ପ୍ରଶାସନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବେଶ ଉନ୍ନତି ଆଣିବ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ୍ ଇଣ୍ଡିଆ ଅଭିଯାନକୁ ସାକାର କରିବା ଲକ୍ଷ୍ୟରେ ଏମ୍‌ସ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଇ-ଅଫିସ୍ ବ୍ୟବସ୍ଥା ନିଷ୍ପତି ନେବା ପ୍ରକ୍ରିୟାକୁ ମଧ୍ୟ ଗତି ପ୍ରଦାନ କରିବ। ଯାହାକି ଏମ୍‌ସର କାର୍ଯ୍ୟଧାରାକୁ ଆହୁରି ଅଧିକ ଆଗକୁ ନେବ ବୋଲି ଏହି ଜାତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ୧୧ତମ ପ୍ରତିଷ୍ଠା ଦିବସ ଅବସରରେ ଏମ୍‌ସ ଧର୍ମଶାଳା ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ରୋଗୀ କିମ୍ବା ସେମାନଙ୍କର ସମ୍ପର୍କୀୟ ଏହି ଧର୍ମଶାଳାର ସୁବିଧା ନେବାକୁ ହେଲେ ଧର୍ମଶାଳା କମିଟି କିମ୍ବା ଏମ୍‌ସ ମେଡିକାଲ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପଡ଼ିବ। ରୋଗୀଙ୍କୁ ଚିକିତ୍ସା କରୁଥିବା ସଂପୃକ୍ତ ଡାକ୍ତରଙ୍କ ନିକଟରୁ ଧାର୍ଯ୍ୟ ଫର୍ମରେ ଆବଶ୍ୟକ ଲେଖା ଆଣିବାକୁ ହେବ ବୋଲି ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବରେ ଏମ୍‌ସ ପାଟ୍‌ନା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଗୋପାଳ କୃଷ୍ଣ ପାଲ ଅଭିଭାଷଣ ପ୍ରଦାନ କରି ଏନ୍‌ଆଇଆରଏଫ୍ ତାଲିକାରେ ଏମ୍‌ସ ଭୁବନେଶ୍ୱର ୨୬ରୁ ୧୭ତମ ସ୍ଥାନକୁ ଲମ୍ଫ ପ୍ରଦାନ କରି ଜାତୀୟସ୍ତରରେ ଗୌରବ ବୃଦ୍ଧି କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ପ୍ରତିଷ୍ଠିତ ଜାତୀୟ ଗଣମାଧ୍ୟମ ଅନୁଷ୍ଠାନ ଇଣ୍ଡିଆ ଟୁଡେରେ ମଧ୍ୟ ଏମ୍‌ସ ଭୁବନେଶ୍ୱର ୨୦ରୁ ୧୮ତମ ସ୍ଥାନକୁ ଉନ୍ନୀତ ହୋଇଛି। ଯାହାକି ନିଶ୍ଚିତଭାବେ ପ୍ରଶଂସନୀୟ ବୋଲି ଡ. ପାଲ୍ ମତବ୍ୟକ୍ତ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଏମ୍‌ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ମଣିଷ ଜୀବନରେ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ସ ଭୁବନେଶ୍ୱରର ପ୍ରେସିଡେଂଟ୍ ପ୍ରଫେସର ଅକ୍ଷୟ କୁମାର ବିଶୋଇ କହିଥିଲେ ଯେ




ରୋଗୀ ସେବା ହେଉ ଅଥବା ଗବେଷଣା କିମ୍ବା ଅନ୍ୟାନ୍ୟ ସାମାଜିକ କଲ୍ୟାଣକାରୀ କାର୍ଯ୍ୟ, ଏହି ଅନୁଷ୍ଠାନ ରାଜ୍ୟ ତଥା ପଡୋଶୀ ରାଜ୍ୟବାସୀଙ୍କ ହୃଦୟ ଜିତିପାରିଛି। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ.ପ୍ରଶାନ୍ତ ରାଘବ ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ ପ୍ରମୁଖ ଏହି ଜାତୀୟ ଅନୁଷ୍ଠାନ ହାସଲ କରିଥିବା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ।

ରବିବାର, ଜୁଲାଇ ୧୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ବାଳିକା ଛାତ୍ରୀ ନିବାସର ଅନ୍ତେବାସିନୀଙ୍କ ସୁରକ୍ଷା ନିୟମାବଳୀ ଉପରେ ୪ଦିନିଆ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ରାଜ୍ୟ ପ୍ରକଳ୍ପ କାର୍ଯ୍ୟାଳୟ, ଓସେପା ସମ୍ମିଳନୀ କକ୍ଷରେ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସର ଅନ୍ତେବାସିନୀଙ୍କ ନିମନ୍ତେ ଏକ ୪ଦିନିଆ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଛାତ୍ରୀନିବାସରେ ରହୁଥିବା ଅନ୍ତେବାସିନୀମାନଙ୍କର ସାଇବର ସଚେତନତା, ପୋକ୍ସୋ ଆକ୍ଟ, ସୁରକ୍ଷା ଓ ନିରାପତା ଉପରେ ୱାର୍ଡେନମାନଙ୍କୁ ବିଭିନ୍ନ ଗଠନମୂଳକ ପରାମର୍ଶ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଏହି ୪ଦିନିଆ କାର୍ଯ୍ୟକ୍ରମରେ କେଜିବିଭି ଅନ୍ତେବାସିନୀମାନଙ୍କ ନିମନ୍ତେ ସାଇବର ସୁରକ୍ଷା, ଅନ୍ତେବାସିନୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ନିରାପତା ନିୟମାବଳୀ ଯଥା :- ଶାରୀରିକ, ପରିବେଶ, ମନସ୍ତାତ୍ତ୍ୱିକ, ଖାଦ୍ୟ ପଦାର୍ଥ ଇତ୍ୟାଦିର ସୁରକ୍ଷା ବିଷୟରେ ୱାର୍ଡେନମାନଙ୍କୁ ସଚେତନ କରାଯାଇଥିଲା । ବିଶେଷ କରି ସାମ୍ପ୍ରତିକ ପରିସ୍ଥିତିରେ ପିଲାମାନେ କିଭଳି ଭାବରେ ସାଇବର ଠକେଇରୁ ବଂଚିତ ହେବେ ସେ ସମ୍ବନ୍ଧୀୟ ସମାଧାନ ଉପରେ ଆଲୋଚନା କରାଯାଇଥିଲା । ପିଲାମାନେ ସାଇବର ସଚେତନତା ପାଇଁ କ'ଣ କରିବା ଉଚିତ ଓ ଅନୁଚିତ ଏହା ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ୨୩ଟି ଜିଲ୍ଲାରୁ ୨୭୭ କେଜିବିଭି ୱାର୍ଡେନ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀମତୀ ପୂରବୀ ପଟ୍ଟନାୟକ, ପ୍ରମୁଖ ପରାମର୍ଶ ଦାତା, ଭାରତ ସରକାର, ନୂଆ ଦିଲ୍ଲୀ, ଭୁବନେଶ୍ୱର, କ୍ରାଇମ ବ୍ରାଂଚର ଡି.ଏସ.ପି, ଇମନ କଲ୍ୟାଣ ନାୟକ, ପୂର୍ବତନ ମହିଳା କମିଶନ ସଦସ୍ୟା, ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖ ସାଧନ କର୍ମୀଭାବେ ଯୋଗଦେଇ ୱାର୍ଡେନମାନଙ୍କୁ ଅନ୍ତେବାସିନୀମାନଙ୍କର ସୁରକ୍ଷା ଓ ନିରାପତା ସଂପର୍କିତ ବିଭିନ୍ନ ନିୟମାବଳୀ ଉପରେ ପରାମର୍ଶ ଦେଇଥିଲେ । ଉଦ୍‌ଯାପନ ଦିବସରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଭଗବାନ ବେହେରା, ଯୁଗ୍ମନିର୍ଦ୍ଦେଶକ ସରୋଜ କୁମାର ବେହେରା ସମସ୍ତ ୱାର୍ଡେନମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କ ସୁରକ୍ଷା ପାଇଁ ୱାର୍ଡେନମାନଙ୍କର ଭୂମିକା ଅତନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।

# ଚନ୍ଦ୍ରଯାନ - ଭାରତର ସ୍ୱପ୍ନ: ନୂଆସାହି ମହାବିଦ୍ୟାଳୟରେ ଆଲୋଚନାଚକ୍ର




ଉଦଳା , ୧୫/୦୭ (ନି.ପ୍ର): କପ୍ତିପଦାସ୍ଥିତ ନୂଆସାହି ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ଆଇ.କ୍ୟୁ.ଏ.ସି. ତରଫରୁ ଏକ ଆଲୋଚନା ଚକ୍ର ଶିର୍ଷକ 'ଚନ୍ଦ୍ରଯାନ - ଭାରତର ସ୍ୱପ୍ନ' ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ଲିପିକା ବେହେରା ସଭାପତିତ୍ୱ ଦାୟିତ୍ୱ ତୁଲାଇଥିଲେ । ପଦାର୍ଥ ବିଜ୍ଞାନର ଅଧାପିକା ତଥା ଆଇ.କ୍ୟୁ.ଏ.ସି.ର ଅଧିକାରୀ ସୁଶ୍ରୀ ସ୍ମିତାଶ୍ରୀ ସିଂ ଆଲୋଚନାଚକ୍ରର ଉଦେଶ୍ୟ ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେବା ସହିତ ଚନ୍ଦ୍ରଯାନ ପରୀକ୍ଷଣର ଇତିହାସ ଏବଂ ଏହାର କାର୍ଯ୍ୟ ସମ୍ପର୍କରେ ପ୍ରଜେକ୍ଟର ମାଧମରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପ୍ରକାଶ ଥାଉକି ୨୦୧୯ ମସିହା ଜୁଲାଇ ମାସ ୨୨ ତାରିଖରେ ଚନ୍ଦ୍ରଯାନ - ୨ ର ପରୀକ୍ଷଣ ପରେ ଏହାର ସଫଳତା ଭାରତ ହାସଲ କରିପାରିନଥିଲା । ଯାହାକି ପ୍ରତ୍ୟେକ ଭାରତୀୟଙ୍କ ଏକ ସ୍ୱପ୍ନ ରହିଯାଇଥିଲା । ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ଚନ୍ଦ୍ରଯାନ - ୩ ର ପରୀକ୍ଷଣ ଜୁଲାଇ ମାସ ୧୪ ତାରିଖ ଲକ୍ଷଧାର୍ଯ୍ୟ ହୋଇଥିବା ବେଳେ ମହାବିଦ୍ୟାଳୟ ତରଫରୁ ଏଭଳି ଏକ ପଦକ୍ଷେପ ସହିତ ଆଲୋଚନାଚକ୍ର ଶିକ୍ଷାର୍ଥି ମାନଙ୍କର ଆଗ୍ରହକୁ ଦିଗୁଣିତ କରିଦେଇଥିଲା । ଉକ୍ତ ଆଲୋଚନା ଚକ୍ରରେ ରାଜନୀତି ବିଜ୍ଞାନର ଅଧାପକ ଏବଂ ଇତିହାସ ବିଭାଗର ଅଧାପକ ବିଭୁ ରଂଜନ ବିଶ୍ୱାଳ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶେଷରେ ଚନ୍ଦ୍ରଯାନ- ୩ର ସଫଳ କରୀକ୍ଷଣ ପାଇଁ ମହାବିଦ୍ୟାଳୟ ତରଫରୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ଆଲୋଚନାଚକ୍ରକୁ ସମାପ୍ତ କରାଯାଇଥିଲା । ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ତେଜିଲା ନୀଳଗିରି ଜିଲ୍ଲା ଦାବି: ବହୁ ବୁଦ୍ଧିଜୀବି ସାମିଲ



ନୀଳଗିରି , ୧୫/୦୭ (ନି.ପ୍ର): ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଦାବୀନେଇ ଶୁକ୍ରବାର ନୀଳଗିରି ଡାକବଙ୍ଗଳା ପରିସରରେ ଗିରିଧାରୀ ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ଜୋନରେ ବୈଠକ କରାଯାଇ ନୀଳଗିରିକୁ ଜିଲ୍ଲା ଦାବୀର ଯଥାର୍ଥତା ଜନସାଧାରଣ ମାନଙ୍କୁଅଗଗତ କରାଯିବାର ଆବଶ୍ୟକତା ରହିଛି ବୋଲି ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଆହ୍ୱାନ ଦେଇଥିବା ବେଳେ ଜିଲ୍ଲା ଆମର ନିବେଦନ ନୁହେଁ ଆମର ହକ ବୋଲି ନୀଳଗିରିବାସୀ ଏକଜୁଟ ହୋଇ ଦାବୀ ଉପସ୍ଥାପନ କରିବାକୁ କହିଥିଲେ। ଅନ୍ୟତମ ସଦସ୍ୟ ନିରଞ୍ଜନ ବାରିକ ଜିଲ୍ଲା ପାଇଁ ସମସ୍ତ ନୀଳଗିରିବାସୀ ଏକଜୁଟ ହେବାର ସମୟ ଆସିଛି ବୋଲି କହିଥିଲେ। ସମ୍ବିଧାନର ଧାରା ୩୭୨ଅନୁସାରେ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଗଠନ କଲେ ନୀଳଗିରିରାଜ୍ୟର ସ୍ୱତନ୍ତତା ବଜାୟ ରହିପାରିବ ବୋଲି ଉପସ୍ଥିତ ଅତିଥି ମାନେ ମତ ରଖିଥିଲେ। ତେଣୁ ନୀଳଗିରବାସୀଙ୍କ ଭାବନକ୍ଷକୁ ଆଖି ଆଗରେ ରଖି ତୁରନ୍ତ ହସ୍ତକ୍ଷେପ କରି ସରକାର ଦାବୀ ପୂରଣ କରିବା ଆବଶ୍ୟକ। ଏହି ବୈଠକରେ ସୁରେଶ ଦାସ, ଦାମୋଦର ବିଶ୍ୱାଳ, ନାରାୟଣ ଚନ୍ଦ୍ର ଜେନା, ସୁନିଲ ପ୍ରଧାନ, ସୁରେଶ ଚନ୍ଦ୍ର ବେହେରା, ଗଦାଧର ପରିଡା, କିଶୋର ଦାସ, ପ୍ରଫୁଲ୍ଲ ବେହେରା, ନିହାର ରଞ୍ଜନ ପରିଡ଼ା, ଅନନ୍ତ ପଣ୍ଡା, ପରମାନନ୍ଦ ପାତ୍ର, ମହେଶ୍ୱର ପାତ୍ର, ରଣଜିତ୍ କୁମାର ଦାସ, ନିତ୍ୟାନନ୍ଦ ବେହେରା, ଦେବଦତ୍ତ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଆଇନଜିବୀ ଯୋଗଦାନ କରି ନୀଳଗିରି ଜିଲ୍ଲା ଗଠନ ପାଇଁ ଯେକୌଣସି ମୂଲ୍ୟ ଦେବାକୁ ଘୋଷଣା କରିଥିଲେ। ସେହିପରି ଶନିବାର ମିତ୍ରପୁର୍ ଠାରେ ଅନୁରୂପ ଭାବେ ବୈଠକ ଆୟୋଜନ କରାଯାଇଥିଲା। ନିରଞ୍ଜନ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବପରି ନୀଳଗିରିକୁ ଜିଲ୍ଲା ଘୋଷଣା କରିବା ପାଇଁ ସରକାରଙ୍କ ଠାରେ ଦୃଢ଼ ଦାବୀ କରିବାକୁ ଉପସ୍ଥିତ ବୁଦ୍ଧିଜିବୀ ମାନେ ଆହ୍ୱାନ ଦେଇଥିଲେ। ସର୍ବୋପରି ଅନାଦି ବିଶ୍ୱାଳ, ରାମଚନ୍ଦ୍ର ସାହୁ, ରାକ୍ଷୀ ହେମ୍ବ୍ରମ, ଦେବାନନ୍ଦ ନାୟକ, ସର୍ବେଶ୍ୱର ବାରିକ, ରବିନାରାୟଣ ଦାସ, ଦେବେନ୍ଦ୍ର ନାୟକ ପ୍ରମୁଖ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ରହି ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

# ସାହାଡା ମଣ୍ଡଳର ବିଜେପିର ମହା ଜନସମ୍ପର୍କ ଅଭିଯାନ



ବସ୍ତା ୧୫/୭(ନିପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ସାହାଡ଼ା ମଣ୍ଡଳର ବିଜେପିର ମହାଜନ ସମ୍ପର୍କ ଅଭିଯାନ ପୁଟୁରା ପଞ୍ଚାୟତର ସରପଞ୍ଚ ରାଧା କୃଷ୍ଣ ବେହେରାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି।ଏହି ମହାଜନ ସମ୍ପର୍କ ଯାତ୍ରାକୁ ସମରଣୀୟ ରଖିବାକୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ କରାଯାଇଥିଲା।ଏହି ମହାଜନ ସମ୍ପର୍କ ଅଭିଯାନ ବାସୁଦେବ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ, ବସ୍ତା ନିର୍ବାଚନମଣ୍ଡଳୀ ନେତା ରଘୁନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା,ସାହାଡ଼ା ମଣ୍ଡଳ ସଭାପତି ରାଧା ପଙ୍କଜ ମଣ୍ଡଳ,ଯୁବ ସମାଜ ସେବୀ ପରମାନନ୍ଦ ମହାପାତ୍ର, ରବିନ୍ଦ୍ର ଜୈନ, ଦୀପକ କୁମାର ପ୍ରଧାନ,ସିଂଲା ସରପଞ୍ଚ ବିପିନ ବିହାରୀ ବିଶ୍ୱାଳ, ପୁଟୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ରାଧାକୃଷ୍ଣ ବେହେରା, ସମିତି ସଦସ୍ୟ ସଞ୍ଜୟ କୁମାର ଜେନା, ଯୁବନେତା ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଜେପିର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣର ଗୋଟି ଗୋଟି ଭାବରେ ଉପସ୍ଥିତି ଜନ ସାଧାରଣଙ୍କୁ ଅବଗତ କରାଇଥିଲେ। ସଭାରେ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ପ୍ରଚାର ପାତ୍ର ବଣ୍ଟା ଯାଇଥିଲା। ମୋଦି ସରକାରଙ୍କ ଆଶ୍ରିବାଦ ଅନୁଦାନ ସାଂସଦଙ୍କ ପରିଶ୍ରମରେ ବିଭିନ୍ନ ପ୍ରକଳ୍ପ ସାଂସଦଙ୍କ ଦ୍ୱାରା ହୋଇଥିବା ଜିଲ୍ଲା ସଭାପତି କହିଥିଲେ କ୍ଷ ସାଂସଦ ଶ୍ରୀ ଷଡ଼ଙ୍ଗୀ ବିଶେଷ ଭାବରେ ବୋଥ କମିଟି, ମୋଦିଙ୍କ ଜନହିତକର ବିଭିନ୍ନ ଯୋଜନା ଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ,ଘରେ ଘରେ କାର୍ଯ୍ୟକର୍ତା ମାନେ ଲୋକପ୍ରିୟ ମୋଦିଙ୍କ ୯ ବର୍ଷ ଭିତର କାର୍ଯ୍ୟ ସହିତ ପାର୍ଟି ର ସଂଗଠନ କୁ ଗୁରୁତ୍ୱ ଦେଇଥିଲେ। ସଂଗଠନକୁ ସୁଦୃଢ କରିବା ପାଇଁ କେନ୍ଦ୍ର, ରାଜ୍ୟ ଓ ଜିଲ୍ଲାରୁ ଆସୁଥିବା ବାର୍ତ୍ତା ବା ନିର୍ଦ୍ଦେଶକୁ ପାଥେୟ କରି ନେତା ଠାରୁ ସାଧାରଣ କର୍ମୀ ପ୍ରଯ୍ୟନ୍ତ ଠିକ ଭାବରେ ଲୋକ ମାନଙ୍କ ଠାରେ ଉପସ୍ଥାପନ କରିବେବୋଲି ବୁଝାଇଥିଲେ ।

# ବୃନ୍ଦାବନଧାମ ସାଧୁ ମହାରାଜ ବ୍ରହ୍ମଚାରୀ ଅଜୟ କୁମାର ବ୍ରିଜବାସୀଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ



ନୀଳଗିରି , ୧୫/୦୭ (ନି.ପ୍ର): ଦୀର୍ଘବର୍ଷ ଧରି ନୀଳଗିରକୁ ପରିଭ୍ରମଣରେ ଆସୁଥିବା ଉତ୍ତରପ୍ରଦେଶ ମଥୁରା ବୃନ୍ଦାବନଧାମ ମଠର ସନ୍ୟାସୀ ବ୍ରହ୍ମଚାରୀ ଅଜୟ କୁମାର ବ୍ରିଜବାସୀ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ଗତ ଜୁନ ମାସରେ ଆସିଥିଲେ। ହୋଟେଲ ସାଇଏଶ୍ୱରି ହିଲ୍ ଭିୟୁ ରିସୋର୍ଟରେ ସାଧୁ ଅଜୟ ଅବସ୍ଥାନ କରୁଥିବା ସମୟରେ ଜୁନ ୧୯ତାରିଖରେ ହଠାତ୍ ଦେହ ଅସୁସ୍ଥ ହେବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିବାପରେ ହୋଟେଲ ମାଲିକ ମନୋରଞ୍ଜନ ଦାସ ସୋସିଆଲ ମିଡ଼ିଆର ସାହାଯ୍ୟ ନେଇଥିଲେ। ଫଳରେ ତାଙ୍କର କିଛି ଅନୁଗାମୀ ଓ ଭକ୍ତ ଖବର ପାଇ ପଞ୍ଚଲିଙ୍ଗେଶ୍ୱର ପହଞ୍ଚି ବାବାଙ୍କ ସଂସ୍କାର ପାହାଡ ପାଦଦେଶରେ କରିଥିଲେ। ତେବେ ସନ୍ନ୍ୟାସ ପରମ୍ପରା ଅନୁଯାୟୀ ଏକାଦଶାହ ତିଥିରେ ଶୁଦ୍ଧିକ୍ରିୟା କରାନଯାଇ ଗତ ଜୁଲାଇ ୧୪ଓ ୧୫ତାରିଖ ଦୁଇଦିନ ଧରି ନାମଯଜ୍ଞ, ପ୍ରାର୍ଥନା ସଭା ଭକ୍ତ ଓ ସାଧୁସନ୍ଥଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ଅବସରରେ ମନୋରଞ୍ଜନ ଦାସଙ୍କ ସମେତ ପଞ୍ଚାନନ ଦାସ, ଅନୀତା ଦାସ, ତ୍ରିଲୋଚନ ମାହାନ୍ତି, ପୁରସ୍ତମ ସେଠୀ, ଅମିତ ବଳିଆରସିଂ ପ୍ରମୂଖ ସାମିଲ ହୋଇଥିଲେ ।

# କଲ୍ୟାଣ ମଣ୍ଡପରୁ ଚୋରୀ ନେଇ ଥାନାରେ ଅଭିଯୋଗ

ଚମ୍ପୁଆ, ୧୫/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ କଲ୍ୟାଣ ମଣ୍ଡପ ରୁ ଚୋରୀ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥିବା ଜଣା ପଡିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ବିଳମ୍ବିତ ରାତ୍ରି ରେ ରଙ୍ଗା ମାଟିଆ ଗ୍ରାମ କଲ୍ୟାଣ ମଣ୍ଡପ ରୁ ଗ୍ରିଲ କବାଟ, କୋଭିଡ ବେଡ୍, କୋଦାଳ, ଗାମଲା ସହିତ ପାଣି ମଟର ( ଟୁଲୁ ପମ୍ପ ) ଆଦି ଚୋରୀ କରି ନେଇ କୌଣସି ଦୁର୍ବୃତ ଛୁ ମାରିଛି । ସକାଳେ କଲ୍ୟାଣ ମଣ୍ଡପ ରୁ ଚୋରୀ ହୋଇଥିବା ସମ୍ପର୍କରେ ସୂଚନା ପାଇବା ପରେ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ ଚମ୍ପୁଆ ଥାନା ରେ ଏକ ଲିଖିତ ଅଭିଯୋଗ କରି ଚୋର କୁ ଧରିବା ସହିତ ଚୋରୀ ସାମଗ୍ରୀ ଉଦ୍ଧାର କରିବାକୁ ପୋଲିସକୁ ଅନୁରୋଧ କରିଥିବା ଜଣା ପଡିଛି ।

# ଶିମିଳିପାଳ ସୁରକ୍ଷା ପାଇଁ ପୋଲିସର କମ୍ବିଂ ଅପରେସନ ଜାରି

## ଅଭୟାରଣ୍ୟ ପାଦ ଦେଶରୁ ପୁଣି ୩ ବନ୍ଧୁକ ଜବତ, ୩ ଗିରଫ



ବାରିପଦା , ୧୫/୦୭ (ନି.ପ୍ର): ଶିମିଳିପାଳରେ ଦୁଇଜଣ ବନ କର୍ମଚାରୀ ଶିକାରୀ ଗୁଳିରେ ନିହତ ହେବା ପରେ ଶିମିଳିପାଳ ସୁରକ୍ଷାକୁ ନେଇ ବନ କର୍ମଚାରୀ ଏବଂ ପରିବେଶ ବିତ ମାନେ ପ୍ରଶ୍ନ ଉଠାଉଥିବା ବେଳେ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମଧ ହସ୍ତକ୍ଷେପ କରିଛି। ରାଜ୍ୟ ସରକାର ମଧ ଶିମିଳିପାଳ ସୁରକ୍ଷା ପାଇଁ ପୋଲିସ ମୁତୟନ କରିଛନ୍ତି। ତେବେ ମୟୁରଭଞ୍ଜ ପୋଲିସ ଶିମିଳିପାଳ ଏବଂ ଏହାର ପାଦ ଦେଶରେ ବେଆଇନ ବନ୍ଧୁକ କାରଖାନା ତଥା ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ାଉ ଜାରି ରଖିଛନ୍ତି। ତେବେ ଶିମିଳିପାଳ ଅଭୟାରଣ୍ୟରେ କମ୍ବିଂ ଅପରେସନ ବେଳେ ମୟୂରଭଞ୍ଜ ପୁଲିସକୁ ପୁଣି ସଫଳତା ମିଳିଛି । ଦୁଇଟି ପୃଥକ ଘଟଣାରେ ତିନି ଗୋଟି ବନ୍ଧୁକ ଜବଦ ହେବାସହ ୩ଜଣ ଅଭିଯୁକ୍ତ ଗିରଫ ହୋଇଥିବାର ଜଣାଯାଇଛି । ଏନେଇ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ବାରିପଦା ଠାରେ ଏସପି ବି. ଗଙ୍ଗାଧର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଶିମିଳିପାଳର ପାଦଦେଶର ବଡ଼ସାହି ଥାନା ଅନ୍ତର୍ଗତ ଯଦୁନାଥପୁର ପଞ୍ଚାୟତର ଚନ୍ଦନଚତୁରୀ ଗ୍ରାମ ନିକଟ ରେଣ୍ଟସାହିରୁ ଦୁଇଟି ବନ୍ଧୁକ ସମେତ ୩ ଜଣକୁ ଗିରଫ କରାଯାଇଛି । ସେମାନେ ହେଲେ ରେଣ୍ଟାସାହିର ଯଦୁନାଥ ହାଁସଦା(୫୨), ଚନ୍ଦନଚତୁରୀ ଗ୍ରାମର ଠାକୁର ସିଂ(୨୬) ଓ ମଧୁ ସିଂ(୩୦) । ସେହିପରି ଉଦଳା ଥାନା ଅନ୍ତର୍ଗତ କାଶିକୁଣ୍ଡଳ ଗ୍ରାମ ନିକଟ ଜଙ୍ଗଲଭିତରେ ଲୁଚାଇ ରଖା ଯାଇଥିବା ଅନ୍ୟ ଏକ ଦେଶୀ ବନ୍ଧୁକ ମଧ ଜବତ କରାଯାଇଛି । ଏନେଇ ଦୁଇ ଗୋଟି ଥାନାରେ ପୃଥକ ମାମଲା ରୁଜୁ କରାଯାଇ ଘଟଣାରେ ଅଧିକ ଲୋକଙ୍କର ସମ୍ପୃକ୍ତି ଥିବାର ଅନୁମାନ ହେଉଥିବାରୁ ଅଧିକ ତଦନ୍ତ ଚଳାଇଛି ପୋଲିସ । ଏହି ସାମ୍ବାଦିକ ସମ୍ମିଳନୀରେ ବଡ଼ସାହି ଓ ଉଦଳା ଥାନା ଅଧିକାରୀ ଉପସ୍ଥିତ ମଧ ଥିଲେ । ଏବେ ନିୟମିତ ଭାବେ ବନବିଭାଗର କର୍ମଚାରୀ ଏବଂ ପୁଲିସର ମିଳିତ ସହଯୋଗରେ ଶିମିଳିପାଳ ଅଭୟାରଣ୍ୟ ଏବଂ ପାଦଦେଶରେ ଥିବା ଗ୍ରାମ ଗୁଡିକରେ କୋମ୍ବିଂ ଅପରେସନକୁ ଜୋରଦାର କରାଯାଇଛି । ଏହି ଅବସରରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ବ୍ୟକ୍ତିମାନଙ୍କୁ ଏବଂ ଦେଶୀ ବନ୍ଧୁକ ତିଆରି କରୁଥିବା ବ୍ୟକ୍ତିମାନଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ସେମାନେ ସ୍ୱଇଚ୍ଛାରେ ଚଳିତ ମାସ ୩୦ତାରିଖ ମଧରେ ପୁଲିସ ନିକଟରେ ଜମା କଲେ ପୁରସ୍କାର ପ୍ରଦାନ କରାଯିବ ନଚେତ ଗିରଫ ହେବା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି. ଗଙ୍ଗାଧର ଚେତାବନୀ ଦେଇଛନ୍ତି ।

# ବେଆଇନ ଲିଙ୍ଗ ନିରୂପଣ ଓ ଭ୍ରୂଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ମିଳିବ ୨୫ ହଜାର ଟଙ୍କା

ଗଞ୍ଜାମ, ୧୫/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣ ଓ ଭ୍ରୂଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନକାରୀଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ୍ ଙ୍କ ଅଧକ୍ଷତାରେ ଲିଙ୍ଗ ନିରୂପଣ ନିରୋଧ ଆଇନ ସମ୍ପର୍କିତ ଜିଲ୍ଲା ସ୍ତରିୟ ପରାମର୍ଶ କମିଟିରେ ଏହି ଘୋଷଣା କରାଯାଇଛି । ସେହିପରି ଜିଲ୍ଲାରେ ଡାଇଗ୍ନୋଷ୍ଟିକ୍ ସେଂଟର ନିମନ୍ତେ ଆବେଦନ ହୋଇଥିବା ଚିକିତ୍ସାଳୟ ଗୁଡିକର ଲାଇସେନ୍ସ ସମ୍ପର୍କରେ ଆଲୋଚନା କରାଯାଇଛି। ଆବେଦନ ସେଂଟର ଗୁଡିକୁ ଏକ ବୈଷୟିକ ଟିମ୍ ଦ୍ୱାରା ଯାଂଚ୍ କରାଯାଇ ଅନୁମୋଦନ କରାଯାଇଛି ।

# ଏକକ ନାଗରିକ ସଂହିତାକୁ ସମର୍ଥନ ଜଣାଇଲେ ପ୍ରମିଳା ଓ ରେଣୁବାଳା



ଉଦଳା , ୧୫/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକକ ନାଗରିକ ସଂହିତା (ୟନିଫର୍ମ ସିଭିଲ କୋର୍ଡ଼) ପ୍ରଣୟନ ଉଦ୍ୟମକୁ ନେଇ ସମଗ୍ର ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ କପ୍ତିପଦା ଗ୍ରାମପଂଚାୟତର ପୂର୍ବତନ ସରପଂଚ ରେଣୁବାଳା ପାତ୍ର ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇଥିବାର ଜଣାଯାଇଛି । ନଗରପାଳ ଶ୍ରୀମତୀ ପଣ୍ଡା ଏ ବାବଦରେ କହିଛନ୍ତି ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ବିଧାନ ସଭା ଦ୍ୱାରା ସମସ୍ତ ନାଗରିକଙ୍କ ପାଇଁ ଏକକ ନାଗରିକ ସଂହିତା ପ୍ରଣୟନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲେ ବି ତାହା ଏ ପର୍ଯ୍ୟନ୍ତ ପାରିତ ହୋଇ ନାହିଁ। ବିବିଧତା ମଧରେ ଏକତା ରକ୍ଷା ଉଦେଶ୍ୟରେ ସମସ୍ତ ନାଗରିକଙ୍କ ପାଇଁ ଏକକ ଆଇନ ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ସେହିପରି କପ୍ତିପଦାର ପୂର୍ବତନ ସରପଂଚ ରେଣୁବାଳା ପାତ୍ର, ଧର୍ମ ଓ ଜାତି ଆଧାରରେ ଆଇନ ପ୍ରଚଳନ ଓ ନ୍ୟାୟ ବ୍ୟବସ୍ଥା ଯୋଗୁଁ ସୃଷ୍ଟି ହେଉଥିବା ସାମାଜିକ ବୈଷମତା ଦୂର ପାଇଁ ଏହି ଏକକ ସଂହିତା ବେଶ ସହାୟକ ହେବ ବୋଲି କହିଛନ୍ତି। ତେବେ ଏହାକୁ ବିରୋଧ କରୁଥିବା ଲୋକଙ୍କୁ ବୁଝାଇବା ପାଇଁ ଉଭୟେ ପ୍ରମିଳା ଓ ରେଣୁବାଳା ମିଳିମିଶି ଉଦ୍ୟମ କରିବେ ବୋଲି ଗଣମାଧମକୁ ଜଣାଇଛନ୍ତି ।

# ଭୂବନାନନ୍ଦ ଦାସଙ୍କୁ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସଂପାଦକ ପଦବୀରୁ ବହିଷ୍କାର ଲାଗି ଦାବି

ଜଳେଶ୍ୱର ୧୫/୭(ନିପ୍ର): ବାଲେଶ୍ୱର ଜିଲାର ନୂତନଭାବେ ବିଜୁ ଜନତା ଦଳ କମିଟି ଗଠନ କରାଯାଇଥିବା ବେଳେ ସରକାରୀ ଅର୍ଥ ହଡପ ଘଟଣାରେ ସଂପୃକ୍ତ ସରକାରୀ ଓକିଲ ଭୂବନାନନ୍ଦ ଦାସଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆଇନ୍ ବିଭାଗ ପତ୍ର ସଂଖ୍ୟା ୮୪୫୭/୨୧ ମୂଳେ ୨୫-୮-୨୧ରେ ବାଲେଶ୍ୱର କୋର୍ଟରୁ ବହିସ୍କୃତ କରାଯାଇଛି । ଏପରିକି ତାଙ୍କୁ ନାମରେ ଜିଲା ଭିଜିଲାନ୍ସ କେସ୍ ନଂ ୨୫/୨୦ରେ ଏକ କେସ୍ ହୋଇଛି । ଓକିଲ ଭୂବନାନନ୍ଦ ଦାସ ଏବେ ଜିଲା ବିଜୁ ଜନତା ଦଳ କମିଟି ସାଧାରଣ ସଂପାଦକ ପଦବୀରେ ଅଧିଷ୍ଠିତ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତି ଅସମ୍ମାନ ହେଉଥିବା ସଂପର୍କରେ ଆଇନ୍‌ଜିବୀ, ଉତ୍ତର ବାଲେଶ୍ୱର ପେସ୍ କ୍ଲବ ଓ କଳିଙ୍ଗ ବିଜୁ ସେନା ସଭାପତି ପତିତପାବନ ପ୍ରଧାନ ଦାବି କରିଛନ୍ତି । ଏ ସଂପର୍କରେ ମୁଖ୍ୟମନ୍ତ୍ରୀ, ଭିକେ ପାଣ୍ଡିଆନ୍, ପ୍ରଣବ ପ୍ରକାଶ ଦାସ, ପ୍ରତାପ କିଶୋର ଦେବ, ଅଶ୍ୱିନୀ ପାତ୍ର ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଶ୍ରୀ ପ୍ରଧାନ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo